- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-23 ◆THURSDAY ◆17 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୩ ◆ଗୁରୁବାର ◆୧୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

### ସାମିଲ ହେବେ ୮ ଟି ରାଜନୈତିକ ଦଳ

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**

■ **ଭୁବନେଶ୍ୱର, ୧୬।୭ (ସମିସ):** ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଛି। ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ୍ଦ କରାଯାଉଛି। ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦପାଳନରୁ ବାଦ୍ ରଖାଯାଇଛି। ▶ପୃଷ୍ଠା-୭

## ବିଜେଡିର ଲୋକସେବା ଭବନ ଘେରଉ

# ବର୍ବରତାର ସୀମା ଟପିଲା ପୁଲିସ

**ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ, ରବର ବୁଲେଟ ମାଡ଼**

**ପ୍ରଣବ, ପ୍ରୀତିରଞ୍ଜନ ଓ ସାଂସଦ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ**

**ପୁଲିସକୁ ସରକାର ନିଜର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି**



■ **ଭୁବନେଶ୍ୱର, ୧୬।୭ (ସମିସ):** ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡ଼ି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ପୁଲିସ ବର୍ବରତାର ସୀମା ଅତିକ୍ରମ ଟପିଛି। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡ଼ରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ▶ପୃଷ୍ଠା-୭

## ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

**ସ୍ପଷ୍ଟୀକରଣ ରଖନ୍ତୁ ସରକାର**



**"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"**

■ **ଭୁବନେଶ୍ୱର, ୧୬।୭ (ସମିସ):** ଲାୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

**ଗଡ଼ିଲାନି ଚକ-ଅଖ**

## ୮ ଘଣ୍ଟା ଅଟକିଲା ବାଲେଶ୍ୱର

■ **ବାଲେଶ୍ୱର, ୧୬।୭ (ସମିସ):** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବା ବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୂରି ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଗଲେ। ଏହି ଘଟଣା ପାଇଁ କେବଳ କଲେଜ କର୍ତ୍ତୃପକ୍ଷ ନୁହଁ; ସଂପୂର୍ଣ୍ଣ ସରକାରୀ କଳ ଦାୟୀ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତିକୁ ▶ପୃଷ୍ଠା-୭




**ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜିଲ୍ଲା ସାରା ଗର୍ଜିଲା ବିଜେଡି**

**ସିମୁଳିଆରୁ ଭୋଗରାଇ ଯାଏଁ ଜନତାଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ**







# ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାର୍‌ର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି । ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର୍ ବୋଲି କୁହାଯାଉଛି । ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ । ଏହି ମଡେଲର ନାଁ ପାଣ୍ଡା ରଖାଯାଇଛି । ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ ୨ଡି କାର୍ଟୁନ ଭଳି । ଏହାର ସାମ୍ନାରେ ଗୋଟିଏ ହେଡ୍‌ଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି । କାର୍‌ଟିର ଚାରିଟି ଚକ ରହିଛି । ଏହାର ଚକ ମଧ୍ୟ ଖୁବ୍ ପତଳା । ଏହି କାର୍‌ରେ ଗୋଟିଏ ଫ୍ରଣ୍ଟ ସିଟ୍ ଅଛି । ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି । ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି । ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାର୍‌ର ଗୋଟିଏ ଡୋର୍ ଅଛି । ଯିଏ ବି ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ । ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ । କାର୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ କାର୍‌ଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି ।

# ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ । ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମିଳନୀର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ । ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା । ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ । ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ । ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ । ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି । ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି । ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି । ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ । ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଘଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି ।

# ସୂର୍ଯ୍ୟାଲୋକରୁ ସୁରକ୍ଷା ଦେଉଛି ପଦ୍ମପତ୍ର



ଚୀନ୍‌ରେ ନିୟମିତ ନୂଆ ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏଠାରେ ଏବେ ଏକ ଅଜବ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି । ଏଠାକାର ଲୋକେ ସନ୍‌ବର୍ଣ୍ଣରୁ ରକ୍ଷା ପାଇବା ପାଇଁ ପଦ୍ମପତ୍ରକୁ ଫେସ୍‌କଭର୍ ଭଳି ବ୍ୟବହାର କରୁଥିବାର ଦେଖାଯାଇଛି । ବିଶେଷକରି ଦକ୍ଷିଣ ଚୀନ୍‌ର ଝେଜିଆଙ୍ଗ, ସିଚୁଆନ୍, ଏବଂ ଫୁଜିୟାନ ପ୍ରାନ୍ତର ଲୋକେ ଖରା ଏବଂ ଗରମରୁ ମୁହଁକୁ ସୁରକ୍ଷା ଦେବା ପାଇଁ ଏହି ନିଆରା ଉପାୟ ବାହାର କରିଛନ୍ତି । ଏବେ ସେମାନେ ବଜାରରୁ ସନ୍‌ସ୍କ୍ରିନ୍ ନ କିଣି, ପୋଖରୀରୁ ପଦ୍ମପତ୍ର ଛିଡ଼ାଇ ନିଜ ମୁହଁ ଘୋଡ଼ାଉ ଥିବା ଦେଖିବାକୁ ମିଳୁଛି । ସେହିପରି ବଡ଼ ବଡ଼ ପଦ୍ମପତ୍ରକୁ ହେଲ୍‌ମେଟ୍ କିମ୍ବା ଟୋପିରେ ସେଟ୍ କରି ମୁହଁରେ ବାନ୍ଧୁଥିବାର ଦେଖାଯାଉଛି । ଏହାସହ ଆଖି, ନାକ ଏବଂ ପାଟି ପାଖରେ ଛୋଟ ଛୋଟ ଛିଦ୍ର କରିଥାନ୍ତି । ଏନେଇ ଫୁଜିୟାନ ଅଞ୍ଚଳର ଜଣେ ଯୁବକଙ୍କ କହିବା କଥା, ସେ ପ୍ରଥମେ ବିୟୁଟି ମାସ୍କ ଲଗାଇବାକୁ ଭାବୁଥିଲେ । କିନ୍ତୁ ଘର ପାଖ ପୋଖରୀରେ ଥିବା ପଦ୍ମପତ୍ର ଦେଖି ତାଙ୍କ ମନ ବଦଳି ଯାଇଥିଲା । ତେବେ ଏହା ଏକ ପ୍ରାକୃତିକ ଉପଚାର ହେବା ସହ ମାଗଣାରେ ମିଳୁଥିବାରୁ ଲୋକେ ଏହି ଟ୍ରେଣ୍ଡକୁ ବେଶ୍ ପସନ୍ଦ କରୁଛନ୍ତି । କିଛି ଲୋକେ ଏହି ଟ୍ରେଣ୍ଡ ବେଶ୍ ମଜାଦାର କହୁଥିବାବେଳେ କିଛି ଏହାକୁ କ୍ଷତିକାରକ ବୋଲି କହିଛନ୍ତି । ଏଭଳି ପତ୍ର ପିନ୍ଧି ବାଇକ୍ ଚଲାଇବା ସମୟରେ ଦୁର୍ଘଟଣା ଘଟିପାରେ ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି । ତେବେ ୧୦ ବର୍ଷ ପୂର୍ବେ ଚୀନ୍‌ର ସେଡୋଙ୍ଗ ପ୍ରାନ୍ତରେ ଫେସ୍‌କିନି ନାମକ ଏକ ଜିନିଷ ଭାଇରାଲ ହୋଇଥିଲା । ସମୁଦ୍ରକୂଳକୁ ଯାଉଥିବା ମହିଳାମାନେ ମୁହଁକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ଏହାକୁ ପିନ୍ଧୁଥିଲେ ।

# 'ଦ ରାଜା ସାବ୍'

## ପ୍ରଭାସ ନେଇଛନ୍ତି ୧୫୦ କୋଟି


ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି । କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି । ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି । ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି । ତେବେ 'ଦ ରାଜା ସାବ୍'କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ । ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ । ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି । 'ଦ ରାଜା ସାବ୍'ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଲବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି । ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ ।




## ଆଜିର ଇତିହାସ

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା ।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା ।
- ୨୦୧୪- ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି ।


# ୫୨ ବର୍ଷ ଧରି ପେଟ ଭିତରେ ଥିଲା ଟୁଥ୍‌ବ୍ରଶ





ପୂର୍ବ ଚୀନ୍‌ର ଅନହୁଇ ଅଞ୍ଚଳରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଏଠାରେ ୬୪ ବର୍ଷ ବୟସ୍କ ୟାଙ୍ଗଙ୍କ ଅନ୍ତନଳୀରୁ ୧୭ ସେଣ୍ଟିମିଟର ଲମ୍ବା ଟୁଥ୍‌ବ୍ରଶ ବାହାର କରାଯାଇଛି । ବିଡମ୍ବନାର ବିଷୟ ହେଉଛି, ଟୁଥ୍‌ବ୍ରଶଟି ୫୨ ବର୍ଷ ଧରି ତାଙ୍କ ଅନ୍ତନଳୀରେ ରହି ଆସିଥିଲା । ଏହି ଘଟଣା କେବଳ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟଚକିତ କରି ନାହିଁ, ସାଧାରଣ ଲୋକେ ବି ଏଥିରେ ବିସ୍ମିତ ହୋଇଛନ୍ତି । ୟାଙ୍ଗ ଦୀର୍ଘ ଦିନ ହେବ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଏହାପରେ ସେ ହସ୍‌ପିଟାଲରେ ପରୀକ୍ଷା କଲେ । ତାଙ୍କ ପେଟରେ ଟୁଥ୍‌ବ୍ରଶ ଥିବା ଜଣାପଡ଼ିଥିଲା । ତେବେ ୧୨ ବର୍ଷ ବୟସରେ ସେ ଏହି ଟୁଥ୍‌ବ୍ରଶକୁ ଭୁଲବଶତଃ ଗିଳି ଦେଇଥିଲେ ବୋଲି ୟାଙ୍ଗ ଡାକ୍ତରଙ୍କୁ କହିଛନ୍ତି । ବାପାମାଆ ଗାଳି କରିବେ ବୋଲି ଭୟରେ ଏହି ଘଟଣାକୁ ସେ ସେତେବେଳେ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ । ଅବଶ୍ୟ ସେ ଭାବିଥିଲେ ପରବର୍ତ୍ତୀ ସମୟରେ ଆପେ ଆପେ ଏହା ପେଟରୁ ବାହାରି ଯିବ, କିନ୍ତୁ ସେମିତି କିଛି ହେଲା ନାହିଁ । ତେବେ ସେବେଠୁ ସେ ସ୍ୱାଭାବିକ ଜୀବନ ଅତିବାହିତ କରି ଆସୁଥିଲେ । ଅଚାନକ ପେଟରେ ଯନ୍ତ୍ରଣା ବଢ଼ିବାରୁ ସେ ହସ୍‌ପିଟାଲ ଯାଇଥିଲେ ଓ ପେଟରେ ଟୁଥ୍‌ବ୍ରଶ୍ ଥିବା କଥା ଜାଣିବାକୁ ପାଇଥିଲେ । ୮୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କ ଅପରେସନ୍ ଚାଲିଲା ଏବଂ ଡାକ୍ତର ତାଙ୍କ ପେଟରୁ ଟୁଥ୍‌ବ୍ରଶ ବାହାର କରିଥିଲେ । ଡାକ୍ତରଙ୍କ ମତରେ, ସାଧାରଣତଃ ଏତେ ବର୍ଷ ଧରି ଶରୀରରେ କୌଣସି ତୀକ୍ଷ୍ଣ କିମ୍ବା ସୂକ୍ଷ୍ମ ଜିନିଷ ଅନ୍ତନଳୀରେ ରହିଲେ ଛିଦ୍ର କିମ୍ବା ସଂକ୍ରମଣ ହୋଇପାରେ । ଯାହାକି ଜୀବନ ପାଇଁ ମାରାତ୍ମକ ହୋଇଥାଏ । ହେଲେ ୟାଙ୍ଗ ଭାଗ୍ୟବାନ ଯେ, ଟୁଥ୍‌ବ୍ରଶ ଅନ୍ତନଳୀରେ ଏଭଳି ଭାବେ ଅଟକି ରହିଥିଲା ଯେ, ତାଙ୍କୁ ଏ ଲାଗି କୌଣସି ଗୁରୁତର କ୍ଷତି ପହଞ୍ଚି ନାହିଁ । ଅନ୍ୟପଟେ ୨୦୧୯ ମସିହାରେ ଗୁଆଙ୍ଗଡୋଙ୍ଗ ଅଞ୍ଚଳର ୫୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଅନ୍ତନଳୀରୁ ୧୪ ସେଣ୍ଟିମିଟରର ଟୁଥ୍‌ବ୍ରଶ ବାହାର କରାଯାଇଥିଲା । ଏହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏହାକୁ ଗିଳି ଦେଇଥିଲେ ।

# ଭିନ୍ନ ଏକ ଗଛ



ବିଶ୍ୱରେ ଅନେକ ପ୍ରଜାତିର ଗଛଲତା ରହିଛି । ତନ୍ମଧ୍ୟରୁ କିଛି ଗଛଲତା ତା'ର ବିଶେଷତା ତଥା ସ୍ୱତନ୍ତ୍ରତା ପାଇଁ ଜଣାଯାଏ । ସେମିତି ଏକ ଗଛ ହେଉଛି ପୁୟା ରାଇମୋଣ୍ଡି । ଏହି ଗଛରେ ୧୦୦ ବର୍ଷରେ ମାତ୍ର ଥରେ ଫୁଲ ଫୁଟିଥାଏ । ତେଣୁ ଜଣେ ଲୋକ ତା'ର ଜୀବନକାଳରେ ଥରୁଟିଏ ଏହାର ଫୁଲକୁ ଦେଖିବାର ସୁଯୋଗ ପାଇଥାଏ । ଏହାକୁ ଆଣ୍ଡିଜ୍‌ର ରାଣୀ ମଧ୍ୟ କୁହାଯାଏ । ଗଛର ବୟସ ୮୦ ରୁ ୧୦୦ ବର୍ଷ ହେଲେ ହିଁ ଏଥିରେ ଫୁଲ ଦେଖାଯାଏ । ଏହା କାକଟସ୍ ପ୍ରଜାତିର । ଦକ୍ଷିଣ ଆମେରିକାରେ ୧୨,୦୦୦ ଫୁଟ ଉଚ୍ଚରେ ପୁୟା ରାଇମୋଣ୍ଡି ଦେଖିବାକୁ ମିଳିଥାଏ । ଏହି ଗଛଟି ଅତି ଅନୁନ୍ନତ ମାଟି ସହିତ ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ବଢ଼ିଥାଏ । ପୁୟା ରାଇମୋଣ୍ଡି ହେଉଛି ବିଶ୍ୱର ସବୁଠାରୁ ବଡ଼ ବ୍ରୋମେଲିଆଡ ପ୍ଲାଣ୍ଟ । ତେବେ ଏହାର ଫୁଲ ଫୁଟିବାକୁ କେତେ ସମୟ ଲାଗେ ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି । ପୁୟା ରାଇମୋଣ୍ଡି ୩୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ । ଯେତେବେଳେ ଏଥିରେ ଫୁଲ ଫୁଟେ ଏହା ବହୁତ ସୁନ୍ଦର ଦେଖାଯାଏ । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଧଳା ଫୁଲ ଫୁଟେ ଏବଂ ସମ୍ପୂର୍ଣ୍ଣ ଗଛ ଫୁଲରେ ପରିପୂର୍ଣ୍ଣ ହୋଇଯାଏ । କିନ୍ତୁ ଫୁଲ ଫୁଟିବା ପରେ ହିଁ ଗଛଟି ମରିଯାଏ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।






ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାର ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ଲୋକସେବା ଭବନ ଘେରଉ ବେଳେ ପୁଲିସ ଆକ୍ରମଣରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଏବଂ ସୁଲତା ଦେଓ ଆହତ

## ହସ୍ପିଟାଲରେ ଆହତ ବିଜେଡି ନେତାଙ୍କୁ ଭେଟିଲେ ପାଣ୍ଡିଆନ ଦମ୍ପତି

ଭୁବନେଶ୍ୱର,୧୬।୭(ସମିସ): ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ସମୟରେ ପୁଲିସ ଆକ୍ରମଣରେ ଆହତ ବିଜେଡି ନେତାମାନଙ୍କୁ ଡ଼ାକ୍ତରଖାନାରେ ଭେଟିଛନ୍ତି ପୂର୍ବତନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ଏହି ଅବସରରେ ସେ ଚିକିତ୍ସାଧୀନ ବିଜେଡି ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡ଼ାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟ ଦାବି କରି ବିଜେଡି ପକ୍ଷରୁ ଆଜି ଲୋକସେବା ଭବନ ଘେରାଉ କରାଯାଇଥିଲା। ଏହି ସମୟରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମାତ୍ର ପୁଲିସର ପାଣିମାଡ଼, ଲୁହାବୁହା ଗ୍ୟାସ ଓ ରବର ଗୁଳି ମାଡ଼ରେ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇଥିଲେ। ଏହା ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ସୂଚନା ପାଇବା ପରେ ପୂର୍ବତନ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଉତ୍କଳ ହସ୍ପିଟାଲରେ ଚିକିତ୍ସାଧୀନ ପ୍ରୀତିରଞ୍ଜନ ଘଡ଼ାଇ ଓ ସୁଲତା ଦେଓଙ୍କୁ ଭେଟିଛନ୍ତି । ଏହି ସମୟରେ ପାଣ୍ଡିଆନ ଦମ୍ପତି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ମଧ୍ୟ ଅନୁରୋଧ କରିଛନ୍ତି ।

## ନିର୍ଯାତନା ନିଆଁ: ସଂସଦ ଘେରିବ କଂଗ୍ରେସ

### ରାଜ୍ୟରେ ଲାଗୁ ହେଉ ରାଷ୍ଟ୍ରପତି ଶାସନ: ଅଲକା ଲାମ୍ବା

ଭୁବନେଶ୍ୱର,୧୬।୭(ସମିସ): ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ; ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ ବୋଲି ଦାବି କରିଛି କଂଗ୍ରେସ।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ ସେ କଥା ହେଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସଂପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି

**ମହିଳାଙ୍କ ପାଇଁ ଓଡ଼ିଶା ଏବେ ମୃତ୍ୟୁକୂପ**



କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରି ଦିଆଯାଇଛି। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ଶାସକ ବିଜେପି ନେତାମାନେ ଏ ସମ୍ପର୍କରେ ସବୁକିଛି ଜାଣିଥିଲେ ମଧ୍ୟ ନିରବ ରହିଲେ। ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ବି ନିରବ ରହିଲେ। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ। ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମରିନଥାନ୍ତା। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢ଼ିଛି। ପୁଲିସ ଉପରେ ଚାପ ବଢ଼ିଛି। ଏହା ବିରୋଧରେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମହିଳା କଂଗ୍ରେସ ଯିବ ବୋଲି ସେ କହିଛନ୍ତି। ସେଥିପାଇଁ ଆସନ୍ତା କାଲି ଓଡ଼ିଶାବନ୍ଦ ଡ଼ାକରା ଦିଆଯାଇଛି। ଓଡିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୋଷ, ମୁଖପାତ୍ର ଡଃ ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ ସବୁ ଗୁଳି ସରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ: ସଂତୃପ୍ତ

ଭୁବନେଶ୍ୱର,୧୬।୭(ସମିସ): ବୁଧବାର ଲୋକସେବା ଭବନ ଘେରଉ ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ରାଜ୍ୟ ସରକାର ନିଜର ଅପାରଗତା ଓ ଦୋଷକୁ ଘୋଡ଼ାଇବା ପାଇଁ ବିଜେଡ଼ି ନେତା ଓ କର୍ମୀମାନଙ୍କ ଉପରେ ବର୍ବର ଆକ୍ରମଣ କରିଛନ୍ତି। ଯଦି ସରକାର ଶାନ୍ତି ପୂର୍ବକ ଗଣତନ୍ତ୍ର ପ୍ରକ୍ରିୟାକୁ ସମ୍ମାନ ଦେଇପାରିବେ ନାହିଁ ଓ ପୁଲିସ ଶକ୍ତି ଦ୍ୱାରା ଲୋକଙ୍କର ସ୍ୱରକୁ ଚାପିବା ପାଇଁ ଚେଷ୍ଟା କରିବେ,ତେବେ ସେମାନେ ଗାଦି ଛାଡ଼ି ଦେବା ଉଚିତ୍। ଏପରି ଏକ ଭଣ୍ଡ ଓ ଭ୍ରଷ୍ଟ ସରକାର ଓଡ଼ିଶାରେ ଚାଲିବ ନାହିଁ। ରାଜ୍ୟବାସୀ ଏହାକୁ ସହିବେ ନାହିଁ। ଓଡ଼ିଶା ସରକାରଙ୍କର ସମସ୍ତ ଗୁଳି ସରିବା ପର୍ଯ୍ୟନ୍ତ ବିଜେଡି ବିରୋଧ କରିଚାଲିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ବିରୋଧୀଙ୍କ ସ୍ୱର ବନ୍ଦ ଲାଗି ଘୃଣ୍ୟ ରାଜନୀତି: ମାନସ

ଭୁବନେଶ୍ୱର,୧୬।୭(ସମିସ): ବିଜେଡ଼ି ନେତା ଓ କର୍ମୀଙ୍କ ଉପରେ ପୁଲିସର ରବର ବୁଲେଟ ମାଡକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ' ସେ କହିଛନ୍ତି ଯେ ରବର ବୁଲେଟ ଗୁରୁତର ଆଘାତ ଦେଇପାରେ ଏହା ଓଡ଼ିଶା ପୁଲିସ ଜାଣିଛି। ଏହାର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାସତ୍ତ୍ୱେ ପୁଲିସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏହାକୁ କେମିତି ପୁଲିସ ପ୍ରୟୋଗ କଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ଶାନ୍ତିପୂର୍ଣ୍ଣ ଉପାୟ ଯେତେବେଳେ ବିଫଳ ହୁଏ, ସେତେବେଳେ ରବର ବୁଲେଟ ବ୍ୟବହାର ବ୍ୟବହାର କରିବାର ନିୟମ ରହିଛି। ଏହାର ଅପବ୍ୟବହାର କାରଣରୁ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମେ ଆତଙ୍କବାଦୀ ନୋହୁଁ। ଘୃଣ୍ୟ ରାଜନୀତି ଦ୍ୱାରା ବିରୋଧୀଙ୍କ ମୁହଁ ବନ୍ଦ କରିବାର ଏପରି ଉଦ୍ୟମ ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ମାନସ କହିଛନ୍ତି।

## ହାତୁଡ଼ି ଓ ପଥରରେ ଛେଚି ବାପା-ମା'ଙ୍କୁ ହତ୍ୟାକଲା ନିଶାସକ୍ତ ପୁଅ



ବେତନଟୀ/ମାଣତ୍ରୀ,୧୬।୭(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଉତ୍ତରପାଳ ଗାଁ ଉପକଣ୍ଠ ଧନାପାଳ ଗ୍ରାମରେ ନିଜର ଜନ୍ମକଲା ପୁଅ ବୃଦ୍ଧ ବାପା-ମା'ଙ୍କୁ ପଥର ଓ ହାତୁଡିରେ ଛେଚି ନୃଶଂସଭାବେ ହତ୍ୟା କରିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ହତ୍ୟାକାରୀ ପୁଅ ହେଉଛି ଧନାପାଳ ଗ୍ରାମର ଶୁକୁରା ଓରଫ ହିମାଂଶୁ ସାହୁ (୫୦)। ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁସାରେ, ଅଭିଯୁକ୍ତ ଶୁକୁରା ଓରଫ ହିମାଂଶୁ ପତ୍ନୀ ଓ ୨ ଝିଅଙ୍କୁ ଛାଡି ମାଣତ୍ରୀରେ ଅନ୍ୟ ଜଣେ ବିବାହିତା ମହିଳାଙ୍କ ସହିତ ରହୁଥିଲା। ପେଶାରେ ସେ ଅଟୋ ଚାଳକ। ଘରେ ରୋଗୀଣା ବୃଦ୍ଧ ବାପା-ମା' ରହୁଥିଲେ। ମଝିରେ ମଝିରେ ଶୁକ୍ରା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ କରେ। ଏପରି ସମସ୍ୟା ପାଇଁ ସ୍ତ୍ରୀ ଏବଂ ପିଲାଛୁଆ ଦୀର୍ଘଦିନ ହେବ ଶୁକୁରାଠାରୁ ଅଲଗା ହୋଇ ବାପଘରେ ରହିଆସୁଛନ୍ତି। ବୁଧବାର ସକାଳେ ବୃଦ୍ଧା ମା' ଶାନ୍ତିଲତା (୭୮)ଙ୍କ କ୍ଷତାକ୍ତ ଶରୀର ଆଶାବାଡି ସହ ଘର ବାରଣ୍ଡା ପାହାଚ ତଳେ ପଡ଼ିଥିବା ବେଳେ ସେ ନିଜେ ନିଶାସକ୍ତ ଭାବରେ ପଲଙ୍କ ଉପରେ ବସିଥିଲା। ଏହା ଦେଖୀ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବେତନଟୀ ଏସଡିପିଓ, ବୈଶିଙ୍ଗା ଥାନା ଅଧିକାରୀ ଓ ମାଣତ୍ରୀ ଫାଣ୍ଡି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥଲେ। ଘର ଭିତରେ ୮୫ ବର୍ଷୀୟ ବୃଦ୍ଧ ବାପା ହାଡିବନ୍ଧୁ ସାହୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲେ ପୁଲିସ। ପରେ ହତ୍ୟାକାରୀ ପୁଅକୁ ପୁଲିସ ଗିରଫ କରିବା ସହିତ ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ କରି ଏକ ନରହତ୍ୟା ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହତ୍ୟାରେ ବ୍ୟବହୃତ ହାତୁଡି ଓ ପଥରକୁ ପୁଲିସ ଜବତ କରିଛି।

## ଆନ୍ତଃଜିଲ୍ଲା ଗ୍ୟାଙ୍ଗର ଦୁଇ ଗିରଫ


**୨୬ ଚୋରା ଗାଡ଼ି ଜବତ କଲା ପୁଲିସ**

କେନ୍ଦୁଝର, ୧୬।୭(ସମିସ): ବାଇକ୍ ଚୋରି ଗ୍ୟାଙ୍ଗ ଠାବ କରିବାରେ କେନ୍ଦୁଝର ପୁଲିସକୁ ବଡ଼ ସଫଳତ ମିଳିଛି। ଆଳୁ ଖୋଲ୍ଲୁ ଖୋଲ୍ଲ ମହାଦେବ ବାହାରିବା ଭଳି ଏକ ଚୋରି ବୋଲେରୋ ଗାଡ଼ିର ତଦନ୍ତ କରୁଥିବା ସମୟରେ ୨୬ଟି ଚୋରା ଗାଡିକୁ ଜବତ କରିବାରେ ସଫଳ ହୋଇଛି ପୁଲିସ।

ପୁଲିସ ସୂଚନା ମୁତାବକ, ରାମଚନ୍ଦ୍ରପୁର ଥାନାଞ୍ଚଳର ବଳରାମ ବେହେରାଙ୍କ ଏକ ଓଡି-୦୫-ଏମ -୦୬୨୬ ନମ୍ବର ବୋଲେରୋ ଗାଡିଟି ୨/୬/୨୦୨୫ ରାତ୍ରିରେ ଘର ସମ୍ମୁଖରୁ ଚୋରି ହୋଇଥିଲା। ଏସପି ନିତିନ କୁଶଳକରଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଏକାଧିକ ଟିମ ଗଠନ ହୋଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ଟେଣ୍ଟପଶି ଅଞ୍ଚଳରୁ ସମୁଦାୟ ୨୬ଟି ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଭାଲୁବସାର ଏସକେ ୱାଜିଦ(୨୩) ଏବଂ ମୁଖାବଣିର ଜୟୀ ସିଟ (୨୩)। ସେମାନେ ଚୋରି କରିଥିବା ଗାଡିଗୁଡିକ ମଧ୍ୟରେ ମଧ୍ୟରେ ୧୬ଟି ବୋଲେରୋ, ୭ଟି ପିକଅପ ଭ୍ୟାନ, ୧ଟି ସ୍କର୍ପିଓ, ୧ଟି ଟାଟା ଏସି ଓ ଏକ ମିନି ଟ୍ରକକୁ ଜବତ କରାଯାଇଛି। ଇଞ୍ଜିନ, ଚେଚିସ ଓ ଗାଡିର ନମ୍ବରକୁ ସଙ୍ଗଠିତ ଅପରାଧ ଉଦ୍ଦେଶ୍ୟରେ ବଦଳା ଯାଇ ବ୍ୟବହୃତ ହେଉଥିଲା। ତଦନ୍ତ ସମୟରେ ଏହି ଗାଡିଗୁଡ଼ିକୁ ଗାଇ ଚୋରାଚାଲାଣ ଓ ଚୋରି କାମରେ ବ୍ୟବହୃତ କରାଯାଉଥିବା ପୁଲିସ ସୂଚନା ଦେଇଛି। ଗାଡିର ମଝି ସିଟ୍‌କୁ ଫୋଲଡିଂ ସହ ଖୋଲିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଗିରଫ ଦୁଇଜଣଙ୍କ ନାମରେ ମୟୂରଭଞ୍ଜର ଖାରପୋଖରୀଆ ଥାନା, ରାଇରଙ୍ଗପୁର ଟାଉନ ଥାନା, କେନ୍ଦୁଝର ସଦର ଥାନା, କେନ୍ଦୁଝର ଟାଉନ ଥାନା, ପାଟଣା ଥାନା, ତେଲକୋଇ ଥାନା, ତୁରୁମୁଙ୍ଗା ଥାନା, କାଞ୍ଜିପାଣି ଥାନା ଏବଂ କେନ୍ଦୁଝର ଜିଲ୍ଲା ବାରିଆ ଥାନାରେ ଅନେକ ମାମଲା ରହିଛି। ଅନ୍ୟପକ୍ଷରେ, ବିଏନଏସ୍ କେଶ ଅନୁଯାୟୀ ଧାରା ୧୧୧/୧୧୨ ଅନୁସାରେ ଏମାନଙ୍କ ସମ୍ପତ୍ତିକୁ ମଧ୍ୟ ଆଟାଚ କରାଯିବା ବୋଲି କେନ୍ଦୁଝର ଏସପି ସୂଚନା ଦେଇଛନ୍ତି।

## ସୌମ୍ୟାଶ୍ରୀଙ୍କ ବାପାଙ୍କୁ ରାହୁଲଙ୍କ ସାନ୍ତ୍ୱନା

ଭୁବନେଶ୍ୱର,୧୬।୭(ସମିସ): ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଛି ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା। ଏହି ପ୍ରସଙ୍ଗରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଆଜି ପୀଡ଼ିତାଙ୍କ ବାପାଙ୍କ ସହ ଫୋନ ଯୋଗେ କଥା ହୋଇ ସାନ୍ତବନା ଦେଇଛନ୍ତି। ତାଙ୍କ ଦୁଃଖକୁ ସେ ଅନୁଭବ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ଏହି ଲଢ଼େଇରେ ତାଙ୍କ ସହ କଂଗ୍ରେସ ଠିଆ ହୋଇଛି ବୋଲି ରାହୁଲ କହିଛନ୍ତି।



ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆଜି ରାହୁଲ ଗାନ୍ଧୀ ଓ ମୃତ ଛାତ୍ରୀଙ୍କ ପିତା ସହ କଥାବାର୍ତ୍ତାର ସଂଯୋଜନା କରାଇଥିଲେ। ଏହାପରେ ରାହୁଲ ତାଙ୍କ ଟ୍ୱିଟର ହାଣ୍ଡେଲରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, "ଓଡିଶାର ବାଲେଶ୍ୱର ଜିଲ୍ଲାରେ ନ୍ୟାୟ ପାଇଁ ଲଢେଇ କରି ଜୀବନ ଦେଇଥିବା ସାହାସୀ ଝିଅର ବାପାଙ୍କ ସହ କଥା ହୋଇଥିଲି। ତାଙ୍କ ସ୍ୱରରେ ଝିଅକୁ ହରାଇଥିବାର ଦୁଃଖ, ସ୍ୱପ୍ନ ଏବଂ ସଂଘର୍ଷ ଅନୁଭବ କରିପାରିଲି। କଂଗ୍ରେସ ଦଳ ଏବଂ ମୁଁ ପ୍ରତି ପାଦରେ ତାଙ୍କ ସହ ଅଛୁ। ତାଙ୍କ ସହ ଯାହା ହେଲା ତାହା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ। ପୁରା ସମାଜ ପାଇଁ ଏହା ଏକ ଆଘାତ। ଯେ କୌଣସି ପରିସ୍ଥିତିରେ ଆମେ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବୁ ବୋଲି ରାହୁଲ ଉଲ୍ଲେଖ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୬।୭(ସମିସ): ଏଫ୍ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବ କଂଗ୍ରେସ। ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ।




ପ୍ରାୟ ଘଣ୍ଟାଏ ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଡ଼ ଅତିକ୍ରମ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ବହୁ ତତ୍ପରତା ଦେଖାଉଛନ୍ତି। ମାତ୍ର ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା। ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା। ଏଣୁ ଛାତ୍ରୀଙ୍କୁ ସୁରକ୍ଷା ଦେବାର ଅକ୍ଷମ ଓ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧୀ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ତେଣୁ ଦିବଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡ଼ିତା ଏବିଭିପିର, ଅପରାଧୀ ଏବିଭିପିର ଓ ରାଜ୍ୟରେ ବିଜେପିର ସରକାର। ତେଣୁ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା ? ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ? ଦିଆସିଲି ପାଇଲେ କେଉଁଠୁ? ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

## କଲରାପତରିଆ ବାଘ ଚମଡ଼ା ଜବତ ଘଟଣା; ୭ ଗିରଫ

### ଶିକ୍ଷକ ସାଜିଥିଲେ ବେପାରୀ; ଛତିଶଗଡ ଯାଏ ଲମ୍ବିଛି ଚେର

ବାରିପଦା,୧୬।୭(ସମିସ): ସୋମବାର ରାତିରେ ମୟୂରଭଞ୍ଜ ଜିଲ୍ଲା ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ଜବତ ୩ଟି କଲରାପତରିଆ ବାଘ ଚମଡା ଜବତ ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଛି ବନ ବିଭଗା। ବାରିପଦା ବନଖଣ୍ଡ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ

**ଅନ୍ଧବିଶ୍ୱାସ ଜମାଇ ବେପାରୀ ହେଉଥିଲେ ଲାଭବାନ**

ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କ ସୂଚନା ଅନୁସାରେ, ଶିମିଳିପାଳ ୱାଇଲ୍ଡ ଲାଇଫ ଗୁଇନ୍ଦା ସରବରାହ ସଂସ୍ଥା ସୂଚନା କ୍ରମେ ବନବିଭାଗ ଏହି ଚଢଉ କରିଥିଲା। ପୃଥକ ସ୍ଥାନରୁ ୩ଟି କଲରାପତରିଆ ବାଘ ଚମଡାକୁ ଜବତ କରିବା ସହିତ ଜଣେ ଶିକ୍ଷକଙ୍କ ସମେତ ୭ଅଭିଯୁକ୍ତକୁ ଗିରଫ କରଯାଇଥିଲା। ସେମାନେ ହେଲେ ନୀଳଗିରି ଥାନା ତେଣ୍ଡା ଗ୍ରାମର ଅମର କୁମାର ସିଂ(୪୦) ଓ ବରହମପୁର ଥାନା ଅଧୀନ କେନ୍ଦୁଆ ଗ୍ରାମର ସୁନାରାମ ହେମ୍ବ୍ରମ(୫୯), ବଡସାହି ଥାନା ଯଦୁନାଥପୁର ଗ୍ରାମର ରାଇସେନ ଚପିଆର(୪୫), ପାଉଁଶିଆ ଗ୍ରାମର ଗୁରୁ ପ୍ରସାଦ ପାତ୍ର ଓ କାଣିମହୁଲି ଗ୍ରାମର ଶିକ୍ଷକ ମନୋରଞ୍ଜନ ଟିପିରିଆ (୪୮), ଖୁଣ୍ଟା ଥାନା ପଶୁଦା ପଞ୍ଚାୟତ କୁଆଁରପାଳ ଗ୍ରାମର ଶେରମାଶ୍ରୀ ସୋରେନ(୨୭) ଏବଂ ଉଦଳା ଥାନା କୁଟଲିଙ୍ଗ ଗ୍ରାମର ଚମ୍ପାଇ



ମୁର୍ମୁ(୩୨)। ମନୋରଞ୍ଜନ ଟିପିରିଆ ଶିକ୍ଷକତା କରୁଥିବା ବେଳେ ବାଘ ଚମଡା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କଠାରୁ ୭ଟି ମୋବାଇଲ ଓ ୨ଟି ବାଇକକୁ ଜବତ କରିବା ସହ ଏହି ଘଟଣାରେ ଅଧିକ ସଂଖ୍ୟାରେ ଅପରାଧି ଜଡିତ ଥିବା ନେଇ ଶ୍ରୀ ଗୌଡା ପ୍ରକାଶ କରିଛନ୍ତି। ଗିରଫ ୭ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ତେବେ ଅନ୍ଧ ବିଶ୍ୱାସକୁ ନେଇ ବାଘ ଚମଡାର ବ୍ୟବସାୟ ହେଉଥିବା ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା। ବାଘ ଚମଡା କିମ୍ବା ଦାନ୍ତକୁ ପୂଜା କଲେ ଟଙ୍କା ଆସିବ ବୋଲି ଅନ୍ଧ ବିଶ୍ୱାସରେ ବାଘ ଚମଡାକୁ ରଖିଥିଲେ। ଏହାକୁ ନେଇ କିଛି ଲୋକ ପୂଜା କରିବାକୁ ଯୋଜନା କରିଥିଲେ। ଏହି ଚମଡାକୁ ନେଇ ବାଲେଶ୍ୱର ଜିଲ୍ଲାର ଅମର ସିଂ ସହିତ ବନବିଭାଗର କର୍ମଚାରୀ ଗ୍ରାହକ ସାଜି ମୂଲଚାଲ ଆରମ୍ଭ କରିଥିଲେ। ସୂତ୍ରକୁ ଆଧାର କରି ବନବିଭାଗର ସ୍ୱତନ୍ତ୍ର ଟିମ ଚଢଉ କରି ଅଭିଯୁକ୍ତ ଅମରକୁ ଗିରଫ କରି ପଚରାଉଚୁରା କରିବା ପରେ ସୁନାରାମ ଓ ଚମ୍ପାଇକୁ ମଧ୍ୟ ଗିରଫ କରିଥିଲେ। ସେମାନଙ୍କୁ ଗିରଫ କରିବା ପରେ ଶେରମାଶ୍ରୀ ଘରେ ଚଢଉ କରି ଗୋଟିଏ ବାଘ ଚମଡା ଜବତ କରିଥିଲେ। ସେହିପରି ପୂଜାପାଠକୁ ନେଇ ଚାଲିଥିବା ଅନ୍ଧବିଶ୍ୱାସ ସୃଷ୍ଟିକରି ମନୋରଞ୍ଜନ ବାଘ ଚମଡା ବିକ୍ରି ପାଇଁ ମସୁଧା ଚଳାଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଏକ ଟିମ ଚଢଉ କରି ଗୁରୁପ୍ରସାଦଙ୍କ ଘରୁ ୨ଟି ବାଘ ଚମଡା ଜବତ କରିଥିଲେ। ଗୁରୁପ୍ରାସଦଙ୍କ ସୁନ୍ଦରଗଡ ଜିଲ୍ଲା ସମେତ ଛତିଶଗଡ ବେପାରୀଙ୍କ ଲିଙ୍କ୍ ରହିଛି। ଜବତ ବାଘ ଚମଡାର ଡିଏନଏ ପରୀକ୍ଷା କରିବା ପରେ ଏହା ଶିମିଳିପାଳର ବା ଅନ୍ୟ ଜଙ୍ଗଲର ଶିକାର ବାଘଙ୍କ ଚମଡା ସ୍ପଷ୍ଟ ହେବ। ତେବେ ଛତିଶଗଡରୁ ଏହି ଚମଡା ଆସିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଶ୍ରୀ ଗୌଡା ପ୍ରକାଶ କରିଛନ୍ତି। ଜବତ ଚମଡାରୁ ୨ଟି ପ୍ରାପ୍ତବୟସ୍କ ବାଘ ହୋଇଥିବା ବେଳେ ଅନ୍ୟଟି କମ ବୟସର ବୋଲି ଅନୁମାନ କରାଯାଉଛି। ଜବତ ଚମଡା ଗୁଡିକ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ସ୍ଥିତ ଓୟୁଏଟିକୁ ପଠାଯାଇ ରିପୋର୍ଟ ଆସିବା ପରେ ଅଣ୍ଡିରା କିମ୍ବା ମାଈ ବୋଲି ଜଣାପଡିବ। ତେବେ ପାଉଁଶିଆ ଗୁରୁପ୍ରସାଦ ପୂଜାପାଠ ପାଇଁ ଏଭଳି ବ୍ୟବସାୟ ଚଳାଉଥିବା ସହିତ ଯୌନ କେଲେଙ୍କାରୀ କରୁଥିବା ନେଇ ବିଭାଗ ପକ୍ଷରୁ ପୁଲିସକୁ ଅବଗତ କରାଯାଇଛି। ତାଙ୍କ ମୋବାଇଲ ଭିଡିଓରେ ଉତ୍ତୋଳନ ହୋଇଥିବା ମହିଳାଙ୍କ ଦେହରେ ସିନ୍ଦୂର ଲଗାଇବା ସହିତ ଅନେକ ତଥ୍ୟ ହାସଲ କରିଛି। ଏହାକୁ ନେଇ ସବିଶେଷ ତଥ୍ୟ ସହ ଏସପିଙ୍କୁ ଅବଗତ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ପ୍ରକାଶ କରିଛନ୍ତି। ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ଅର୍ଥ ରୋଜଗାର ଲାଳସାରେ ନୀରିହ ବନବାସୀ ବନ୍ୟଜନ୍ତୁଙ୍କ ଶିକାର କରୁଥିଲେ, ତାହା ଚିନ୍ତାଜନକ। ଏ ନେଇ ବ୍ୟାପକ ସଚେତନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶ୍ରୀ ଗୌଡା କହିଛନ୍ତି।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି, ଜିଲ୍ଲାବ୍ୟାପୀ ଗର୍ଜିଲା ବିଜେଡି


















ଭୋଗରାଇ, ୧୬।୭ (ସମିସ)

ବହୁ ଚର୍ଚ୍ଚିତ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଦେଇ ଜୀବନ ହାରିବା ଘଟଣାରେ ରାଜ୍ୟର ବିଜେପି ସରକାର ସମ୍ପୃକ୍ତ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଉଛନ୍ତି। ତେଣୁ ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ସମ୍ପୂର୍ଣ୍ଣ ବାଲେଶ୍ୱର ଜିଲ୍ଲାରେ ୮ ଘଣ୍ଟା ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ଆଜି ସମଗ୍ର ଭୋଗରାଇର ରେ ହୋଇଥିବା ଏହି ବନ୍ଦ ଡାକରା ସଫଳ ହୋଇଛି। ବ୍ଲକ ଓ ତହସିଲ ସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ କଲେଜ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତା ବନ୍ଦ ଥିବାରୁ ଗମାନା ଗମନ ଠପ୍ ହୋଇଯାଇଥିଲା। ଦେହୁର୍ଦ୍ଧା ପଞ୍ଚାୟତର ଥାନା ଛକଠାରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଓ ନେତା ମାନେ ଏକଜୁଟ ହୋଇ ଯାନବାହାନ ଦୋକାନ ବଜାର ବନ୍ଦ କରିଥିବା ଦେଖିବାକୁ ମିଳିଛି। ଏହି ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିଲା। କମର୍ଦ୍ଧା ଛକ, ଚନ୍ଦନେଶ୍ୱର ବଜାରର ଦେଉଳା ହାଟ, ଭୋଗରାଇ ମାର୍କେଟ ଆଦି ସବୁ ହାଟ ବଜାର, ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ବିଜେଡିର ନେତା ଓ କର୍ମୀମାନେ ପିକେଟିଂ କରିବା ସହ ବନ୍ଦକୁ ସଫଳ କରାଇଥିଲେ।

**ଖଇରା:** ଖଇରା ବ୍ଲକ ବିଭିନ୍ନ ବଜାରରେ ବିଜେଡି କର୍ମୀ ମାନେ ପିକେଟିଂ କରିବା ସହ ବର୍ତ୍ତମାନ ଭାଜପା ସରକାରକୁ ଏହି ମୃତ୍ୟୁ ପାଇଁ ଦାୟୀ କରି ସ୍ଲୋଗାନ ଦେଇଥିଲେ। ଖଇରା ବ୍ଲକର ବିଭିନ୍ନ ମୁଖ୍ୟ ବଜାର ଗୁଡିକରେ ଥିବା ସ୍କୁଲ, ବ୍ୟାଙ୍କ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପରାମର୍ଶ କ୍ରମେ ଦଳର ତୁଙ୍ଗନେତା ମୁକ୍ତି କାନ୍ତ ସ୍ୱାଇଁ, ସୁଶାନ୍ତ ମିଶ୍ର, ରମାକାନ୍ତ ମହାନ୍ତି, ଜିତେନ୍ଦ୍ର ବେହେରା, ସମିତି ସଭ୍ୟ ନଳିନୀ ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅକ୍ଷୟ ଧିନ୍ଦା, ସିଦ୍ଧେଶ୍ୱର ନାୟକ, ଜୟଦେବ ଘଡେଇ ପ୍ରମୁଖ ସାମିଲ ଥିଲେ। ସେହିଭଳି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଜେଡି କର୍ମି ମାନେ ଗଣ୍ଡିବେଡ, ମାଣିତ୍ରୀ, ବର୍ତ୍ତନା ଓ ତୁଡିଗଡିଆ ଇତ୍ୟାଦି ବଜାର ବନ୍ଦ ରଖିଥିଲେ।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱରରେ ବିଜେଡିର ବନ୍ଦ ପାଳନ କରାଯାଇଛି। ଜଳେଶ୍ୱର ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦିଲ୍ଲୀପ କୁମାର ସାମଲ, ମ୍ୟୁନିସିପାଲଟି ସଭାପତି ସୁରଜିତ ଘୋଷ, ମ୍ୟୁନିସିପାଲଟି ଚେୟାରମ୍ୟାନ୍ ପ୍ରତିପ୍ କୁମାର ପ୍ରଧାନ, ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ, ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ମଧୁସୂଦନ ସେନାପତି, କାଉନସିଲର ସୁଷମା କର, କଳମା ସରପଞ୍ଚ ସୁବିନିତା ଦତ୍ତ, କାଉନସିଲର ସୁରଜ୍ ଚୌରାଶିଆ, ମ୍ୟୁନିସିପାଲିଟି ଯୁବ ସଭାପତି ଆନନ୍ଦ କର, ଯୁବ ନେତା ଗୌତମ ପାତ୍ର, ଛାତ୍ର ସଭାପତି ଗୌରବ ଦାସ, ବ୍ରିଜେଶ ରଣା, ଅଜୟ କୁମାର ମହାନ୍ତ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

**କାଳିପଦା:** ବିଜୁ ଜନତା ଦଳର ବନ୍ଦ ଡାକରା ବାଲିଆପାଳରେ ସଫଳ ହୋଇଛି। ଦୈନିକ ସିମୁଳିଆ, କାଳିପଦା, ଲଙ୍ଗଳେଶ୍ୱର, ରତାଇ, ମାନ୍ଧାତା ଆଦି ମାର୍କେଟ ମଧ୍ୟ ବନ୍ଦ ରହିଥିଲା। ଦଳ ତରଫରୁ ଏକ ପୁଟୁଆର ବଜାର ପରିକ୍ରମା କରିଥିଲା। ଦଳୀୟ ନେତା ଓ କର୍ମୀମାନେ ବ୍ଲକ ଛକରେ ସରକାର ବିରୋଧୀ ନାରା ଦେବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ସୌମ୍ୟଦୀପ ଚକ୍ରବର୍ତ୍ତୀ, ଭାସ୍କର ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ନାୟକ, ଶ୍ରୀକାନ୍ତ ନାଥ, ହରେକୃଷ୍ଣ ଜେନା, ମାନସ ଦାସ, ରାଧା କୃଷ୍ଣ ଦାସ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଞ୍ଚୁପାଲିଠାରେ ଦଳୀୟ ନେତା ଧର୍ମପଦ ଗିରି, ରେମୁ ଠାରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ କର୍ମୀ ମାନଙ୍କୁ ନେଇ ରାସ୍ତା ଅବରୋଧ କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ମଧ୍ୟ ଦଳୀୟ କର୍ମୀ ମାନଙ୍କ ସହିତ ବସ୍ତା ଓ ବାଲିଆପାଳର ଛକ ବଜାର ପରିକ୍ରମା କରିଥିଲେ। କୌଣସିଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ।

**ଲଙ୍ଗଳେଶ୍ୱର:** ଲଙ୍ଗଳେଶ୍ୱର ବଜାର ପଞ୍ଚୁପାଲି ଏବଂ ଆଖ ପାଖ ଅଞ୍ଚଳର ବଜାରରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସମସ୍ତ ଗାଡି ମୋଟର, ଦୋକାନ ସ୍କୁଲ କଲେଜ ଇତ୍ୟାଦି ବିଜେଡି କର୍ମୀମାନେ ବନ୍ଦ କରିଥିଲେ। ସ୍ଥାନୀୟ ବଜାରରେ ବିଜେଡି କର୍ମୀ ଅଶ୍ୱିନୀ କୁମାର ଜେନା, ମହେନ୍ଦ୍ର ବାରିକ, ସପନ ବାରିକ, କଟି ମାରାଣ୍ଡି, ଗଜେନ୍ଦ୍ର ପଟ୍ଟାୟତ, ଅରୁଣ ଦାସ, ବସନ୍ତ ମାଲିକଙ୍କ ସମେତ ବହୁ କର୍ମୀ ରାସ୍ତା ଉପରେ ପିକେଟିଂ କରିଥିଲେ।

**ବସ୍ତା ବ୍ଲକ/ରାଜଘାଟ:** ବିଜେଡି ପକ୍ଷରୁ ଡ଼ାକରା ଦିଆଯାଇଥିବା ବାଲେଶ୍ୱର ଆଠ ଘଣ୍ଟିଆ ବନ୍ଦ ପାଳନ ଡାକରାରେ ବସ୍ତା ବିଜେଡି ପକ୍ଷରୁ ଏହି ବନ୍ଦକୁ ସଫଳ କରାଯାଇଛି। ଆଜି ସକାଳ ସମୟରେ ବିଜେଡି ବସ୍ତା ବ୍ଲକ୍ ସଭାପତି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବିଭିନ୍ନ ଦୋକାନ ବଜାର ବନ୍ଦ କରିବା ସହିତ ସଦାନନ୍ଦ ପୁର ପଞ୍ଚାୟତ ଅଫିସ୍ ସମ୍ମୁଖରୁ ଏକ ବାଇକ୍ ରାଲିରେ ବାହାରି ବଜାର ବିଭିନ୍ନ ବ୍ୟାଙ୍କ ବିଦ୍ୟାଳୟ ବନ୍ଦ କରିବା ସହିତ ବସ୍ତା ବ୍ଲକ୍ ଅଫିସ୍ ସମ୍ମୁଖରେ ପଥପ୍ରାନ୍ତ ସଭା ଆୟୋଜନ କରିଥିଲେ। ଏଥି ସହିତ ବିଜେଡି କର୍ମୀଙ୍କ ସହିତ ବିଧାୟିକା ସୁବାସିନୀ ଜେନା ଗାନ୍ଧୀ ଛକ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହ କରିଥିବା ଦେଖିବାକୁ ମିଳିଛି। ସେହିଭଳି ପାଉଁଶକୁଲି ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଧୀରେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ବିଜେଡି କର୍ମୀ ମାନେ ପାଉଁଶକୁଲିର ସମସ୍ତ ସ୍କୁଲ, କଲେଜ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମେତ ସମସ୍ତ ସରକାରୀ ବେସରକାରୀ ଦପ୍ତର ସହ ଦୁକାନ ବଜାର ବନ୍ଦ କରିଥିବା ଦେଖିବାକୁ ମିଳିଥିଲା। ଯୁବ ବିଜେଡି ସଭାପତି ବିକ୍ରମ ସିଂ, ହେମେନ୍ଦ୍ର ବାରିକ, ବୃନ୍ଦାବନ ପଣ୍ଡା, ବିଜୟ କୁମାର ପାଲ, ହୃଦାନନ୍ଦ ମାହାନା, ସରୋଜ ମାହାନା, ତୟତ ଖାନ, ସେକ ନିୟାଜଉଦ୍ଦିନ, ସୌମ୍ୟଜିତ ପଣ୍ଡା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ସିମୁଳିଆ :** ବିଜୁ ଜନତା ଦଳ ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ରାଜନେତା ଶଶୀ କୁମାର ସାହୁ ଏବଂ ନାରୀନେତ୍ରୀ ସୁବାସିନୀ ସାହୁ ନେତୃତ୍ୱରେ ସିମୁଳିଆ ଖଇରା ବନ୍ଦ ଡାକରା ଦିଆଯାଇଥିଲା। ସିମୁଳିଆ ବ୍ଲକରେ ଏହି ଆନ୍ଦୋଳନ ଶାନ୍ତିଶୃଙ୍ଖଳାର ସହ କରାଯିବା ସହିତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏଥିରେ ଭଦ୍ରକ ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଛାମୁଆ ସଙ୍ଗଠନର କର୍ମୀ ତଥା ବିଜୁ ଜନତା ଦଳର ବହୁ କର୍ମୀ, ନେତୃମଣ୍ଡଳୀ ଯୋଗଦେଇ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି କରିଛନ୍ତି।

**ନୀଳଗିରି:** ରାଜ୍ୟ ସରକାରଙ୍କୁ ବିରୋଧୀ ବିଜେଡ଼ି ଘେରିଥବା ବେଳେ ଦଳପକ୍ଷରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଧର୍ମଘଟ କରାଯାଇଥିବା ବେଳେ ଅନୁରୂପ ଭାବେ ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବାଇପାସ ଠାରେ ଟାୟାର ଜାଳି ଧର୍ମଘଟ କରାଯାଇଛି। ପୂର୍ବାହ୍ନ ୬ ଘଟିକାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ବନ୍ଦପାଳନ କରାଯାଇଥିଲା। ଉକ୍ତ ଧର୍ମଘଟରେ ପ୍ରଥମେ ବାଇକ ରାଲିରେ ବଜାର ପରିକ୍ରମା କରାଯାଇଥିବା ବେଳେ ସମସ୍ତ ଦୋକାନ ବଜାର, ସରକାରୀ ଦପ୍ତର, ବନ୍ଦ କରାଯାଇଥିବାର ଦେଖିବାକୁ ମିଳିଛି । ପୂର୍ବତନ ବିଧାୟକଙ୍କ ସହିତ ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପେନ୍ଦ୍ର ଦାସ, ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡା, ରାଜୀବ ଦାସବାବୁ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ରମେଶ ବାଗ, ଶରତ ଦାସ, ରବୀନ୍ଦ୍ର ପାତ୍ର, ଭାଗବତ ଖିଲାର, ସଞ୍ଜୟ ସିଂ, ଉପେନ୍ଦ୍ର ନାୟକ, ବୁଦ୍ଧଦେବ ସରକାର, ଲୁନା ଦାସ, ଅଚ୍ୟୁତ ପ୍ରଧାନ, ରାମକୃଷ୍ଣ ମହାପାତ୍ର, ସାବିତ୍ରୀ ସିଂ, ଚାନ୍ଦମଣି ମୁର୍ମୁ, ରମାକାନ୍ତ ମହାଳିକ, ବିନିତା ମଢେଇ ପ୍ରମୁଖ ବହୁ ନେତୃସ୍ଥାନୀୟ କର୍ମୀ ଉକ୍ତ ଧର୍ମଘଟରେ ସାମିଲଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ନୀଳଗିରି ପୁଲିସ ଧର୍ମଘଟ ସ୍ଥଳୀରେ ଉପସ୍ଥିତ ଥିଲେ।

**ସୋର :** ସୋର ବିଜେଡି ପକ୍ଷରୁ ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ସକାଳେ ୧୬ନଂ ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଜରୁରୀ କାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଗାଡି ରାଜପଥରେ ଅଟକି ରହିଥିବାରୁ ଶହ ଶହ ଟ୍ରକ ଓ ଗାଡି ରାସ୍ତାରେ ଛିଡା ହେବା ସହ ରାସ୍ତା ଜାମ ହୋଇଥିବା ଦେଖିବାକୁ ମିଳିଛି। ପରେ ବିଜେଡି କର୍ମୀ ମାନେ ରେଳ ଷ୍ଟେସନରେ ବିକ୍ଷୋଭ କରିଥିଲେ। ସକାଳ ୬ ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ବନ୍ଦ ସୋରରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଧଡ଼ାଙ୍କ ସମେତ ବିଜେଡିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

**ଚନ୍ଦନେଶ୍ୱର:** ଚନ୍ଦନେଶ୍ୱର ବସଷ୍ଟାଣ୍ଡ ଠାରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି କର୍ମୀ ମୃତା ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ସହିତ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ। ଏଥିରେ ଜିଲ୍ଲା ବିଜେଡ଼ି ସଭାପତି ତପନ କୁମାର ପଣ୍ଡା, ଗୋଛିଦାତେଘରୀ ପୂର୍ବତନ ସରପଞ୍ଚ ନଗେନ୍ଦ୍ରନାଥ ପାତ୍ର, ସମିତିସଭ୍ୟ ଗୋବିନ୍ଦ ଦାସ, ରବୀନସେଣ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୀମାନ୍ତ ସାହାବାଜିପୁର ଠାରେ ସାହାବାଜିପୁର ସରପଞ୍ଚ ଅରୁଣ ଗିରି, ସଞ୍ଜୟ ପଟ୍ଟାୟତ, ଦର୍ଶନ ବେହେରା, କାର୍ତ୍ତିକ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ଔପଦା:** ଔପଦା ବ୍ଲକ ମୁଖ୍ୟାଳୟରେ ବରିଷ୍ଠ ବିଜେଡି ନେତା ନିରଞ୍ଜନ ମହାନ୍ତି, ଶୁଭେନ୍ଦୁ ପଣ୍ଡା, ସର୍ବେଶ୍ୱର ମିଶ୍ର, ଯୁବ ବିଜେଡି ସଭାପତି ଆଦିତ୍ୟ ନାରାୟଣ ବେହେରା, ବିନୟ କୁମାର ପଟ୍ଟନାୟକ, ଉଦୟ କୁମାର ସ, ଦେବେନ୍ଦ୍ର ଦାସ, ଭାସ୍କର ଚନ୍ଦ୍ର ଖିଲାର ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଏହି ବନ୍ଦରେ ସାମିଲ ହୋଇଥିଲେ। ସୌମ୍ୟାଶ୍ରୀଙ୍କ ସହ ଘଟି ଥିବା ଘଟଣା ଲାଗି ଉଚ୍ଚ ଶିକ୍ଷମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ମନ୍ତ୍ରୀ ପଦରୁ ଇସ୍ତଫା ଏବଂ ସୌମ୍ୟାଶ୍ରୀଙ୍କ ପରିବାରକୁ ୫ କୋଟିର କ୍ଷତିପୂରଣ ଦେବାକୁ ଆନ୍ଦୋଳନ କାରୀମାନେ ଦାବି କରିଛନ୍ତି।










# ଭୋଗରାଇ ବିଜେଡି ପକ୍ଷରୁ ପ୍ରତିବାଦ ସଭା




ବାଲେଶ୍ୱର(ଉତ୍ତର)/ଭୋଗରାଇ, ୧୬।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ସାରା ରାଜ୍ୟ ଜଳୁଛି। ୮୧ ବର୍ଷର ପୁରୁଣା ତଥା ଫକୀରମୋହନଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନକୁ ଆଜି କଲେଜର ଅଧକ୍ଷ ଓ ଅଧ୍ୟାପକ କଳଙ୍କିତ କରିଛନ୍ତି। ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତ ପଳାସିଆ ଗ୍ରାମର ଜନ୍ମଗ୍ରହଣ କରିଥିବା ସୌମ୍ୟାଶ୍ରୀ କେତେ ଆଶା ନେଇ ପାଠ ପଢ଼ିବା ପାଇଁ ଯାଇଥିଲେ। ସେଠାରେ ସେ ଅଧ୍ୟାପକଙ୍କଠାରୁ ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇବା ପାଇଁ ସାଂସଦଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ନ ଶୁଣିବାରୁ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇ ନିଜର ଜୀବନ ହାରିଲେ। ଆଜି ରାଜ୍ୟର ବିଜେପି ସରକାର ତଥା ତାଙ୍କର ନେତା ମାନେ ପରିବାର କୁ ସାନ୍ତ୍ୱନା ଦେଉଛନ୍ତି। ହେଲେ କ'ଣ ହେବ ସୌମ୍ୟାଶ୍ରୀଙ୍କ ଜୀବନ କ'ଣ ଫେରାଇ ଦେଇପାରିବେ ବୋଲି ଆଜି ଭୋଗରାଇ ବିଜେଡି ପକ୍ଷରୁ ଥାନାଛକଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତାମାନେ ପ୍ରଶ୍ନ ରଖିଛନ୍ତି। ବିଜେଡ଼ି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ସାଂସଦ ପ୍ରାର୍ଥୀନୀ ତଥା ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଏହି ଘଟଣାରେ ବାଲେଶ୍ୱର ଏସ୍‌ପି ଏତଲା ମୁଳେ କେସ ନ କରି ଅଧ୍ୟାପକଙ୍କୁ ଘଣ୍ଟ ଘୋଡ଼ାଇଲେ ମାତ୍ର ତାଙ୍କୁ ନିଲମ୍ବିତ କରାଗଲା ନାହିଁ କାହିଁକି। ତେଣୁ ବିଜେପି ସରକାର ପୁଲିସକୁ ସୁରକ୍ଷା ଦେଉଅଛି। ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶରୀର ୯୫ ଶତକଡା ଜଳି ଯାଇଥିଲା ବେଳେ ସେ ଦୁଇଦିନ ଆଗରୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ମାତ୍ର ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି ଆସି ଦେଖିବା ପାଇଁ ଲୁଚାଇ ରଖା ଯାଇଥିଲା। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ଯେ ସୌମ୍ୟାଶ୍ରୀଙ୍କ ପାଇଁ ବିଜେଡି ରାଜନୀତି କରୁଛି ବୋଲି ସାଂସଦ କହୁଛନ୍ତି। କିନ୍ତୁ ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇ ପୋଡ଼ି ମାରିବା ପାଇଁ ବାଧ୍ୟ କରୁଥିବା ଦୋଷୀମାନଙ୍କୁ ଯଦି ଦଣ୍ଡ ପାଇବା ପାଇଁ ରାଜନୀତି କରୁଛି ତେବେ ଏ ରାଜନୀତି ମୁଁ ବାରମ୍ବାର କରିବାକୁ ବାଧ ହେବି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି, କବିତା ମହାନ୍ତି, ପ୍ରତିମା ଚାନ୍ଦ, ଯୁବନେତା ତାପସ ଦାସ ମହାପାତ୍ର ଆଦି ଉପସ୍ଥିତ ରହି ବିଜେପି ସରକାର ଅପାରଗ ସରକାର ବୋଲି ଭର୍ତ୍ସନା କରିଥିଲେ। ନଳିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ସମ୍ମୁଖରେ ବିସିଜେଡିର ବିକ୍ଷୋଭ




ଭୋଗରାଇ/ଭୁଷଣ୍ଡେଶ୍ୱର, ୧୬।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଯୌନ ନିର୍ଯାତନାର ଶିକାର ହୋଇ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ଆଜି ଭୋଗରାଇ ବିସିଜେଡି ସଙ୍ଗଠନ ର ଛାତ୍ରଛାତ୍ରୀ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଆଗରେ ଟାୟାର ଜାଳି ମୁଖ୍ୟମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେଠାରୁ ଏକ ବିରାଟ ପଟୁଆରରେ ଛାତ୍ର ଛାତ୍ରୀ ଶୋଭାଯାତ୍ରାରେ ବାହାରି ଥାନାଛକ ଠାରେ ପହଞ୍ଚିଥିଲେ। ସୌମ୍ୟାଶ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପକ ସମୀର କୁମାର ସାହୁ ଓ ଅଧକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଫାଶୀ ଦେବା ପାଇଁ ନାରାବାଜି କରିଥିଲେ। ଏହି ଶୋଭାଯାତ୍ରାରେ ବିଜୁ ଛାତ୍ର ଜନତା ଦଳର ସଭାପତି ଚିନ୍ମୟ ପାତ୍ର, ରାଧାକୃଷ୍ଣ ପଣ୍ଡା, ସୁଭାଶିଷ ପଣ୍ଡା, ବଳରାମ ନାୟକ, ଗୌତମ ସାହୁ, ଋତୁରାଜ ଗିରି, ଚନ୍ଦନ ଦାସ, ମିଳନ ଦାସ, ରୁପଶ୍ରୀ ମାଝୀ, ଅଳକା ଦାସ, ଜ୍ୟୋତି ପଣ୍ଡା, ଶୁଭଶ୍ରୀ ଗିରି, ପ୍ରିୟାସୀ ସାମଲ ପ୍ରମୁଖ ଛାତ୍ରଛାତ୍ରୀ ଯୋଗ ଦେଇ ଏହି ବିକ୍ଷୋଭକୁ ସଫଳ କରିଥିଲେ।

ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ









ବାଲେଶ୍ୱର,୧୬ ।୭ (ସମିସ)

ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ନ୍ୟାୟିକ ତଦନ୍ତ ଦାବି କରି ପୂର୍ବତନ ସାଂସଦ ଙ୍ଃ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆଜି ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ପାଳନ କରାଯାଇଛି । ଏହି ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି । ଯେ ପର୍ଯ୍ୟନ୍ତ ସମସ୍ତଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଜେନା କହିଥିଲେ ।

ସକାଳ ୬ଟାରେ ବିଜେଡି କର୍ମୀମାନେ ପ୍ରଥମେ ସହରର ଷ୍ଟେସନ ଛକରେ ରାସ୍ତା ଅବରୋଧ କରି ରାଜ୍ୟ ସରକାର ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ପରେ କର୍ମୀମାନେ ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ହରତାଳ କରିଥିଲେ । ଛାତ୍ର ବିଜେଡି ସଭାପତି ସୀମନ ଦାସମହାପାତ୍ରଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ଷ୍ଟେସନ ଛକ ଠାରୁ ଆରମ୍ଭ ହୋଇଥିଲା । ଏହି ଶୋଭାଯାତ୍ରା ସମୟରେ ସେମାନେ ଫକୀରମୋହନ ଗୋଲେଇ ଠାରେ ଥିବା ବ୍ୟାଙ୍କ ଗୁଡିକୁ ବନ୍ଦ କରିଥିଲେ । ପରେ ସେମାନେ ବିଏସଏନଏଲ କାର୍ଯ୍ୟାଳୟକୁ ଯାଇ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ କହି ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ପରେ ସେମାନେ ସେଠାରୁ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ଜଜମାନଙ୍କୁ କାର୍ଯ୍ୟକ୍ଷେତ୍ରକୁ ନ ଯିବାକୁ ଅନୁରୋଧ କରିଥିଲେ । ପରେ ଫାଣ୍ଡିଛକରେ ଖୋଲାଥିବା ଦୋକାନ ବଜାର ବନ୍ଦ କରାଇବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଏହି ସମୟରେ କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲାପାଳ ଆସୁଥିବା ବେଳେ ତାଙ୍କୁ ସେଠାରେ ଅଟକାଇ କାର୍ଯ୍ୟାଳୟକୁ ନ ଯିବାକୁ ଅନୁରୋଧ କରିଥିଲେ । ବିଜେଡି କର୍ମୀମାନେ ସହର ପରିକ୍ରମା କରି ସମସ୍ତ ଦୋକାନ ବଜାର ବନ୍ଦ କରାଇବା ସହ ଶିକ୍ଷାନୁଷ୍ଠାନ ଗୁଡିକୁ ମଧ୍ୟ ବନ୍ଦ କରିଥିଲେ । ବନ୍ଦ ସମୟରେ ବସଷ୍ଟାଣ୍ଡରୁ ଗୋଟିଏ ବି ବସ ଗଡିନଥିଲା । ହେଲେ ପାଖାପାଖି ୧୨ଟା୩୦ମିନିଟ ସମୟରେ ବନଦୁର୍ଗା ନାମକ ଏକ ଯାତ୍ରୀବାହୀ ବସ ଯାତ୍ରୀ ନେଇ ଯାଉଥିବା ବେଳେ ସେଠାରେ ତାଙ୍କୁ ଅଟକାଇଥିଲେ । ଆନ୍ଦୋଳନ ସମୟରେ ବଜାରଘାଟ ଠାରୁ ଆରମ୍ଭ କରି ସ୍କୁଲ କଲେଜ ସବୁ ବନ୍ଦ ରହିଥିଲା । ଜାତୀୟ ରାଜପଥରେ ମଧ୍ୟ ଯାତାୟାତ କରୁଥିବା ଗାଡିକୁ ଗୁଡିକୁ ମଧ୍ୟ ବନ୍ଦ କରାଯାଇଥିଲା ।

କୁରୁଡା ଠାରେ ମଧ୍ୟ ବିଜେଡି କର୍ମୀମାନେ ପ୍ରତିବାଦ କରିବା ସହ ବନ୍ଦ କରିଥିଲେ । ଅନ୍ୟପଟେ ଷ୍ଟେସନ ଛକରେ ଆନ୍ଦୋଳନ ଚାଲୁଥିବା ବେଳେ ଉପଜିଲ୍ଲାପାଳ ଆସୁଥିଲେ । ଏହି ସମୟରେ ବିଜେଡି କର୍ମୀମାନେ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟଙ୍କ ନିକଟକୁ ଯାଇ ତାଙ୍କୁ ଅଟକାଇବା ସହ ଗାଡି ଆଗରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଆନ୍ଦୋଳନକାରୀ ଗାଡି ନଛାଡିବାରୁ ବାଧ୍ୟ ହୋଇ ଉପଜିଲ୍ଲାପାଳ କିଛି ବାଟ ଚାଲିଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର, ବିଜେଡ଼ି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଶାନ୍ତନୁ ଦାସ, ସୂର୍ଯ୍ୟକାନ୍ତ କର, ଶକ୍ତିପଦ ରାୟ, ଅନିରୁଦ୍ଧ ପ୍ରଧାନ, ଅମିତ ନାୟକ, ଭାଗବତ ସାହୁ, ଦେବାଶିଷ ସିଂ, ସଞ୍ଜୀବ ଦାସ, ଅଜୟ ସାମଲ, ଘନଶ୍ୟାମ ଗିରି, ଜୟରାମ ଦାସ, ତାପସ ପାଣିଗ୍ରାହୀ, ଗୌର ମଲ୍ଲିକ, ହେମନ୍ତ ମହାନ୍ତି, ଶ୍ରୀମନ୍ତ ମାଝୀ, ମୃତ୍ୟୁଞ୍ଜୟ ବେହେରା, ଶୁଭ ଜେନା, ରଞ୍ଜିତା ମହାପାତ୍ର, ରୋଜି ପଟ୍ଟନାୟକ, ଆଶ୍ରିତା ତରାଇ, ମିନତି ସେଠୀ, ସଲିମା ବିବି, ପ୍ରୀତିଲତା ସେଠୀ, ସୋନାଲି ସାହା, ଜୟନ୍ତୀ ଦତ୍ତ, ଶୁଭମ ସାଇ ମହାପାତ୍ର, ଓମ ପ୍ରକାଶ ମହାପାତ୍ର, ସିମନ ସାମଲ, ସୁଶୀଲ ପଣ୍ଡାଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ପାଇଁ ମୋଟ ଜିଲ୍ଲାରେ୧୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ସେଥିମଧ୍ୟରୁ ସହରରେ୯ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ।

**ରେମୁଣା :** ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକଙ୍କ ନେତୃତ୍ୱରେ ରେମୁଣା ବ୍ଲକ ସଭାପତି ମନୋରଞ୍ଜନ ରାଉତ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ ଏବଂ ସଧାରଣ ସମ୍ପାଦକ କିଶୋର ମିଶ୍ରଙ୍କ ସହଯୋଗରେ ଆନ୍ଦୋଳନ କରାଯାଇଥିଲା । ବିଜୁ ଜନତା ଦଳର ସମର୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ଏବଂ ପ୍ରତ୍ୟେକ ପଞ୍ଚାୟତ ତଥା ଏନଏସିର ନେତୃବୃନ୍ଦମାନଙ୍କୁ ନେଇ ରେମୁଣା ମନ୍ଦିର ଛକ, ହାତିଆଗଣ୍ଡ ଛକ, ଇମାମି ଛକ, ଗୋଲେଇ, ସମସ୍ତ ଶିଳ୍ପ କେନ୍ଦ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାଗୁଡିକୁ ୮ ଘଣ୍ଟିଆ ବନ୍ଦ କରାଯାଇଥିଲା ।










ବରିଷ୍ଠ ବିଜେଡି ନେତାଙ୍କୁ ପୁଲିସର ବର୍ବର କାଣ୍ଡକୁ ସଦର ବିଜେଡିର ନିନ୍ଦା

## ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ଶୋଭାଯାତ୍ରା




ବାଲେଶ୍ୱର,୧୬ ।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁକୁ ନେଇ ଆଜି ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ କରାଯାଉଥିବା ବେଳେ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ହେଉଥିଲା । ବିଜେଡି କର୍ମୀମାନେ ଲୋକସେବା ଭବନ ଆଡକୁ ପ୍ରତିବାଦ କରିବା ପାଇଁ ଆସୁଥିବାବେଳେ ପୁଲିସ ବିଜେଡି କର୍ମୀମାନଙ୍କ ଉପରକୁ ପାଣିମାଡ କରିବା ସହ ଟିୟର ଗ୍ୟାସ ଓ ରବର ବୁଲେଟ ମାଡ କରିଥିଲା । ଏଥିରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡେଇ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ । ଏହାକୁ ପ୍ରତିବାଦ କରି ଆଜି ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଫକୀରମୋହନ ଗୋଲେଇ ଠାରୁ ଏକ ଶୋଭାଯାତ୍ରା ଫାଣ୍ଡିଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ କରାଯାଇଥିଲା । ଏ ନେଇ ପୂର୍ବତନ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ, ଗତତନ୍ତ୍ର ହତ୍ୟାକାରୀ ବିଜେପି ସରକାର ଓଡ଼ିଶାରେ ଏକ ପ୍ରକାର ଗୁଣ୍ଡାରାଜ ଚଳାଇଛନ୍ତି । ଏଇ ଏକ ବର୍ଷ ମଧ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ନାରୀ ନିର୍ଯ୍ୟାତନା ଅହେତୁକ ମାତ୍ରାରେ ବୃଦ୍ଧି ପାଇଛି । ତେବେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଜଣଙ୍କ ସେଇ ନିର୍ଯ୍ୟାତନାର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିଛନ୍ତି । ଏହାକୁ ବିରୋଧ କରି ଆଜି ଭୁବନେଶ୍ୱର ଠାରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଥିଲା । ହେଲେ ବିଜେଡି କର୍ମୀମାନଙ୍କୁ ଲୋକସେବା ଭବନ ଘେରାଉ କରିବା ପୂର୍ବରୁ ପୁଲିସ ପକ୍ଷରୁ ପାଣିମାଡ ସହ ଟିୟର ଗ୍ୟାସ, ରବର ବୁଲେଟ ମାଡ କରାଯାଇଥିଲା ଯାହାକି ଅତ୍ୟନ୍ତ ନିନ୍ଦନୀୟ । ଏହି ପ୍ରତିବାଦ ଶୋଭାଯାତ୍ରାରେ ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ମୀନା ମହାନ୍ତି, ସନ୍ଧ୍ୟାରାଣୀ ଜେନା, କାର୍ତ୍ତିକ ସାହୁ, ସବିତାରାଣୀ ଦାସ, ଶଶିରେଖା ମହାନ୍ତି, ଶୋଭା ମହାପାତ୍ର, ମିର୍ଜା ବାନୋ, କବିତା ମୁର୍ମୁ, ଆୟୁବ ଖାଁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।



## ଜିଲ୍ଲାପାଳଙ୍କୁ ଭେଟିଲା ଆପ୍‌ର ୫ଜଣିଆ ଟିମ୍



ବାଲେଶ୍ୱର,୧୬ ।୭ (ସମିସ): ଆଜି ଆପ ଦଳ ପକ୍ଷରୁ ଏକ ୫ଜଣିଆ ଟିମ ଜିଲ୍ଲାପାଳଙ୍କୁ ଭେଟି ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାର ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ କରିଥିବା ଆଇସିସି କମିଟିରେ ଥିବା ପ୍ରତ୍ୟେକ ମେମ୍ବର ଏବଂ ଆଉ ଯେଉଁ ଛାତ୍ରମାନଙ୍କୁ ତଦନ୍ତରେ ପରିସରଭୁକ୍ତ କରାଯାଇଥିଲା ତାହା ସହ ଯେଉଁଛାତ୍ରମାନେ ଏହି ରିପୋର୍ଟରେ ଦସ୍ତଖତ କରିଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ଏବଂ ଏହାସହ ଏବିଭିପିର ଭୂମିକାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଦାବି କରାଯାଇଛି । ଏହାବ୍ୟତିତ ଏହି କ୍ଷେତ୍ରରେ ସାଂସଦଙ୍କ ଭୂମିକା ବେଶ ସନ୍ଦେହ ପୂର୍ଣ୍ଣ ରହିଛି । ତାଙ୍କୁ ଉକ୍ତ ଛାତ୍ରୀ ଜଣଙ୍କ ଅବଗତ କରାଇଥିଲେ ସୁଦ୍ଧା ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ନାହିଁ । ଏପରିକି ଯିଏ ବିଜେପି ଦଳର ଏକ ଶାଖା ସଂଘ ଏବିଭିପିର ଜଣେ କାର୍ଯ୍ୟକର୍ତ୍ତା ତଥା ଛାତ୍ରୀଙ୍କୁ ନ୍ୟାୟ ଦେଇପାରିଲେ ନାହିଁ ଏବଂ ପରୋକ୍ଷରେ ତାଙ୍କ ମୃତ୍ୟୁ ମୁଖକୁ ଠେଲିଦିଆଗଲା ସେ ସ୍ଥାନରେ ସେ ସାଧାରଣ ଜନତାଙ୍କୁ କିପରି ଭାବେ ନ୍ୟାୟ ପ୍ରଦାନ କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇଛି । ଏହା ବ୍ୟତିତ ସାଂସଦ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ନିଜର ଭାଷା ସଂଯମତାକୁ ଭୁଲିଯାଇ ବିନା ଦ୍ୱିଧାରେ କିଏ ମର୍ଦ୍ଦ ଅଛି ଆସୁ ମୋ ସାଙ୍ଗରେ ବିତର୍କ କରିବ ବୋଲି ଗଣମାଧ୍ୟମକୁ କହୁଛନ୍ତି ତାଠାରୁ ଅଧିକ ଲଜ୍ୟାକର ବିଷୟ ଆଉ କିଛି ନାହିଁ ବୋଲି ଆପ ପକ୍ଷରୁ କୁହାଯାଇଛି । ଏଣୁ ସାଂସଦ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଦାବି କରାଯାଇଛି । ଏହି ସମୟରେ ସରୋଜ ରାଉଳ, ନିକୁଞ୍ଜ ମହାନ୍ତି, ଗଜେନ୍ଦ୍ର ପରିଡା, ଅମୀୟ ମହାନ୍ତି, ସଞ୍ଜୀବ ବେହେରା, ଯୁଧିଷ୍ଠିର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ଅନ୍ଧବିଶ୍ୱାସର ଅନ୍ଧଗଳି

ସଂପର୍କ ଆମ ସାମାଜିକ ବ୍ୟବସ୍ଥାର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। କ୍ରମେ ଏହା ଉନ୍ମୁକ୍ତ ଓ ସଂକୁଚିତ ଅବସ୍ଥାରୁ ମୁକ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଏସବୁ ସତ୍ତ୍ୱେ ଆମ ଜୀବନଧାରା ଓ ଚଳଣିରେ ପରମ୍ପରା ନାମରେ ରହିଥିବା ଅଙ୍କୁଶ ତଥା ଅନ୍ଧବିଶ୍ୱାସ ପରିସ୍ଥିତିକୁ ଏତେ ଜଟିଳ କରିଦେଇଛି ଯେ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବାଧବାଧକତା ସୃଷ୍ଟି ହୋଇଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପ୍ରେମ ବ୍ୟାପରକୁ ନେଇ ଯେଉଁ ଦଣ୍ଡବିଧାନ କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ୭୨ ଘଣ୍ଟା ବ୍ୟବଧାନରେ ଏଭଳି ଦୁଇଟି ଘଟଣାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ଗୋଟିଏ ବଂଶର ସମାନ ଜାତିରେ ବିବାହ ଆଦିବାସୀ ସମାଜରେ ଗ୍ରହଣୀୟ ନୁହେଁ। ସେମାନଙ୍କ ବିଶ୍ୱାସ ଯେ ଧରଣୀ ପେନୁ ଏପ୍ରକାର ବିବାହରେ ଅସନ୍ତୁଷ୍ଟ ହେବ। ତାହାର ପ୍ରଭାବରେ ବର୍ଷାଭାବ ଜନିତ ଫସଲହାନି ଘଟିବ। ତେଣୁ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ଯୋଚି ହଳ ଲଙ୍ଗଳରେ ସାତ ଘେରା ଠାକୁରାଣୀଙ୍କ ପରିକ୍ରମା କରିବାକୁ ହେବ। ଏହାପରେ ସେମାନେ ପତି-ପତ୍ନୀର ସ୍ୱାଭାବିକ ଜୀବନଯାପନ ପାଇଁ ସ୍ୱୀକୃତି ଲାଭ କରିବେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପ୍ରଥମ ଘଟଣାକୁ ନେଇ ପୁଲିସର ଖୋଳତାଡ଼ ପରେ ମଧ୍ୟ ଦ୍ୱିତୀୟ ଘଟଣା ଉପରେ ତାହାର କିଛି ପ୍ରଭାବ ପଡ଼ିନାହିଁ। ଯେତେଦୂର ମନେ ହୁଏ ବସ୍ତିବାସିନ୍ଦାଙ୍କ ଏହି ସମ୍ମିଳିତ ନିଷ୍ପତ୍ତି ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।

ପ୍ରେମ କେବଳ ଏକ ପ୍ରବୃତ୍ତି ନୁହେଁ, ବରଂ କୋମଳ ଭାବାବେଗର ଅଭିବ୍ୟକ୍ତି କୁହାଯାଇପାରେ। ତେଣୁ ଏହା କ୍ରମେ ଅଧିକରୁ ଅଧିକ ମୁକ୍ତ ଏବଂ ଧର୍ମ ଓ ଜାତିଗତ କଟକଣାକୁ ଭାଙ୍ଗିଦେଇଛି। କିନ୍ତୁ ସାମଜିକ ବ୍ୟବସ୍ଥାରେ ଉଚ୍ଚଜାତିର ଅହଂକାର ଏବେ ମଧ୍ୟ ତିଷ୍ଠି ରହିଛି। ତେଣୁ ଦେଶର ବିଭିନ୍ନ ଅଞ୍ଚଳରେ ଜାତିଗତ କଟକଣାରୁ ଅନରକଳିଂ ଭଳି ଭୟଙ୍କର ନିର୍ଯାତନା ଓ ଅପରାଧ ପରିଲକ୍ଷିତ ହେଉଛି। ସେ ଦୃଷ୍ଟିରୁ ବିଚାର କଲେ ଅପୋକ୍ଷକୃତ ନିରୀହ ଓ ସରଳ ଆଦିବାସୀ ପ୍ରେମୀଯୁଗଳଙ୍କୁ 'ବଳଦଦଣ୍ଡ' ଦେଇଥିଲେ ମଧ୍ୟ ସେମାନଙ୍କୁ ନିଜ ପରିବେଶରେ ଗୃହସ୍ଥ ଜୀବନ ବିତାଇବାକୁ ସୁଯୋଗ ଦେଇଛନ୍ତି। ଏକ୍ଷେତ୍ରରେ ସେମାନଙ୍କୁ ଅନ୍ଧବିଶ୍ୱାସ କବଳିତ କରି ରଖିଛି ସତ, ଅହଂକାରୀ ସଭ୍ୟ ସମାଜର ନୃଶଂସତାକୁ ସେମାନେ ପ୍ରଶୟ ଦେଇନାହାନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଗୁଣିଗାରେଡ଼ି ଏବଂ ରୋଗ ଚିକିତ୍ସା ସକାଶେ ଝଡ଼ାଫୁଙ୍କା ଓ ଠାକୁରାଣୀଙ୍କ ନିକଟରେ ବଳି ଦେବା ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ ଅଛି। ଏବେ ମଧ୍ୟ ଆମ ରାଜ୍ୟରେ ଗୁଣିଗାରେଡ଼ି କରୁଥିବା ଅଭିଯୋଗରେ ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। ସାମାଜିକ ସ୍ତରରେ ସେମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ସକାଶେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଏହି ବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଧର୍ମାନ୍ତର କରାଯାଇଥିବାର ମଧ୍ୟ ଅଭିଯୋଗ ହୁଏ।

ଆମକୁ ଏଠାରେ ଦୁଃଖ ଓ କ୍ଷୋଭର ସହ କହିବାକୁ ପଡୁଛି ଯେ ଚଳଣି ଓ ପରମ୍ପରାକୁ ନେଇ ସୃଷ୍ଟି ହେଉଥିବା ବିଚାରଗତ ବିଦ୍ୱେଷ କେବଳ ଆଦିବାସୀ ସମାଜରେ ସୀମିତ ନାହିଁ। ତଥାକଥିତ ସଭ୍ୟ ଓ ସମ୍ଭ୍ରାନ୍ତ ସହରୀ ଜୀବନର ନାକତଳେ କଙ୍ଗାରୁକୋର୍ଟ ଚାଲେ। ସେଠାରେ କଠୋର ଦଣ୍ଡବିଧାନ ସହ ସାମାଜିକ ବାସନ୍ଦ ଭଳି କଟକଣା ମଧ୍ୟ ଲାଗୁ କରାଯାଏ। ଏପରିକି ଜାତିଆଣ ବିଚାର ମାଧ୍ୟମରେ ସାମଜିକ ଓ ପାରମ୍ପାରିକ ତ୍ରୁଟି ବିରୋଧରେ ଦଣ୍ଡବିଧାନ କରାଯାଇଛି। ଏମିତିରେ ଧର୍ମୀୟ ବିଶ୍ୱାସ ଓ ଆଚାର ବ୍ୟବହାର ମଧ୍ୟ ଅସଙ୍ଗତ ଓ ଅବୈଜ୍ଞାନିକ ଶୃଙ୍ଖଳାକୁ ଆମେ ପରମ୍ପରା ଖାତିରରେ ମାନି ଆସୁଛେ। ଅନେକ କ୍ଷେତ୍ରରେ ତାହା ଅହିତକର ଓ ଅସ୍ୱାସ୍ଥ୍ୟକର ମଧ୍ୟ। ଏକଥା ସତ ଯେ ଜ୍ଞାନର ଆଲୋକ ଦିନକୁ ଦିନ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି। ତଥାପି ଅନ୍ଧବିଶ୍ୱାସରୁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ। କେତେକ କ୍ଷେତ୍ରରେ ଧର୍ମୀୟ ବିଶ୍ୱାସର ଚାଦର ତଳେ କିଛି ଅପସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସୁଯୋଗ ମିଳୁଛି। ବିନା ବିଚାରବିମର୍ଶରେ ସେସବୁକୁ ମାନିନେବାର ଅତ୍ୟାଗ୍ରହକୁ ଦେଖିଲେ ଚକିତ ହେବାକୁ ପଡ଼େ। ଆମର ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିମାର୍ଜିତ ଓ ପୁନଃ ବିନ୍ୟାସ କରିବା ପରିବର୍ତ୍ତେ ସେଥିରେ ଯଦି ଆଉକିଛି ନୂଆ ଯୋଡ଼ିବାର ପ୍ରୟାସ ହୁଏ ତାହାକୁ ଆରମ୍ଭରୁ ରୋକାଯିବା ଜରୁରୀ।

ମାନବାଧିକାର ଓ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ ନେଇ ଯେତେ ସ୍ୱୀକୃତି ଓ ପ୍ରତିଶ୍ରୁତି ଦିଆଯାଉନା କାହିଁକି ତାହାର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନରେ ଏତେ ପ୍ରତିବନ୍ଧକ ରହିଛି ଯେ ସେସବକୁ ସାବ୍ୟସ୍ତ ବା ଜାହିର କରିବା ସହଜ ନୁହେଁ। ଏପରିକି ଶିକ୍ଷିତ ଓ ସଚେତନ ନାଗରିକର ବୋଧଗମ୍ୟ ବାହାରେ ଏସବୁ ନଥିଲେ ମଧ୍ୟ ଉଲ୍ଲଙ୍ଘନକୁ ରୋକିବା ସକାଶେ ତଳୁ ଉପର ପର୍ଯ୍ୟନ୍ତ ତା'କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏକଥା ସତ ଯେ ଆଦିବାସୀ ସମାଜ ଭିତରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ସେମାନଙ୍କ ଚଳଣିରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସେମାନଙ୍କ ଭଷା ଓ ସଂସ୍କୃତିର ଯଥୋଚିତ ଉପଯୋଗ କରି ସଚେତନାର ବାର୍ତ୍ତା ଦିଆଯିବା ଉଚିତ। ସେମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିଲେ ସଭ୍ୟତାର ନୂତନ ଜ୍ଞାନାଲୋକ ଠକି ଯାଇଥିବା ଜୀବନକୁ ଅଧିକ ସରସ ସୁନ୍ଦର କରିପାରିବ।

ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆମେ ସମସ୍ତେ ଏକପ୍ରକାର ଆଲୋକର ସନ୍ଧାନରେ ଧାଇଁ ଚାଲିଛେ। ଏହା ପଛରେ ଅଛି ଅଭାବ ଓ ଅନଟନର ପୀଡ଼ା। ପରିଶ୍ରମ ସତ୍ତ୍ୱେ ପ୍ରାପ୍ତିର ଦୂରତା କ୍ରମେ ବଢ଼ି ଚାଲିଥିବାରୁ ଅନ୍ଧବିଶ୍ୱାସ କାୟାଚ୍ଛନ୍ନ କରି ରଖିଛି ଆମକୁ। ତେଣୁ ସବୁ ଅବିଶ୍ୱାସର ନିଦାନ ବିଶ୍ୱାସବୋଧ ମନେ ହେଉଛି। ପ୍ରାପ୍ତି ଆଶରେ କି ଧନୀ କି ଗରିବ ଏକ ମୁହାଁ ହୋଇ ଧାଇଁଛନ୍ତି ସବୁ ବାସ୍ତବତାକୁ ପଛରେ ପକାଇ ଅବିଶ୍ୱସନୀୟ ସତ ପଛରେ।

## ଭାଷା ରାଷ୍ଟ୍ରୀୟ ଭାବନାର ପରିପନ୍ଥୀ ନୁହେଁ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ମୁଁ ମୋ ଘରର ସବୁ ଝରକା ସବୁବେଳେ ଖୋଲା ରଖିବି। ମୁଁ ଚାହେଁ ବାହାର ଦୁନିଆର ପବନ ଅବାଧରେ ପ୍ରବେଶ କରୁ ମୋ ଘରେ'- ଏହି ମର୍ମରେ କହିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏ 'ପବନ' ହେଉଛି ବାହାର ଦୁନିଆର ଜ୍ଞାନବିଜ୍ଞାନ, ଚିନ୍ତାଚେତନାର ପବନ। ଗାନ୍ଧୀ ଓ ତାଙ୍କର ନିକଟତମ ପୂର୍ବସୂରୀଙ୍କ କାଳଖଣ୍ଡରେ ଇଂରାଜୀ ଭାଷା ମାଧ୍ୟମରେ ସେ ପବନ ପ୍ରବେଶ କରୁଥିଲା କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭାରତ ଭୂଖଣ୍ଡରେ ଏବଂ ଭାରତୀୟ ମାଟିରେ ପୂର୍ଣ୍ଣ ବିକଶିତ ହୋଇଥିବା ବିବିଧ ଆଞ୍ଚଳିକ ଭାଷାର ସ୍ନିଗ୍ଧ ସୌରଭରେ ସୁରଭିତ ଭାରତୀୟ ଚିନ୍ତାଚେତନା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସେହି ପବନର ସ୍ପର୍ଶ ଓ ପ୍ରବାହରେ। ଗାନ୍ଧୀଙ୍କ ପରି ଗୁରୁଦେବ ରବୀନ୍ଦ୍ରନାଥ ବି ଚାହିଁଥିଲେ- 'ମହାଭାରତର ସାଗରତୀର'ରେ ଦୁନିଆର ସବୁ ନଦ, ନଦୀ, ସାଗର ତୀରରେ ବହୁଥିବା ପବନର ଅନୁପ୍ରବେଶ ଓ ମହାମିଳନ। ଗାନ୍ଧୀଙ୍କ ପରି ସେ ବି ଜାଣିଥିଲେ ସେ ଅନୁପ୍ରବେଶ, ସେ ମହାମିଳନକୁ ସୁଗମ କରିପାରିବ ଇଂରାଜୀ ଭାଷା କେବଳ। ସେଇଥିପାଇଁ ମାତୃଭାଷା ବଙ୍ଗଳାରେ ସେ ଲେଖିଥିବା ବଛା ବଛା ଗୀତଗୀତିକାର ଅନୁବାଦ ନିଜେ କରିଥିଲେ ଇଂରାଜୀ ଭାଷାରେ-କାରଣ ସେ ଜାଣିଥିଲେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ବାଢ଼ି ଦେଇପାରିବେ ବାହାର ଦୁନିଆ ପାଖରେ ସନାତନୀ ଭାରତୀୟ ଚିନ୍ତାଚେତନାର 'ଗୀତାଞ୍ଜଳି'; ବିଚ୍ଛୁରିତ କରି ଦେଇପାରିବେ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନର ଆଲୋକ। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତେଣୁ ଆପଣା ହାତରେ ଗଢ଼ା 'ବିଶ୍ୱଭାରତୀ'ର ସ୍ୱାତନ୍ତ୍ର୍ୟ ସଂପର୍କରେ କବି ରବୀନ୍ଦ୍ରନାଥ କହିଥିଲେ, 'ଏଇଠି ସାରା ପୃଥିବୀ ନିବାସ କରିବ ଗୋଟିଏ ନୀଡ଼ରେ'-ଅର୍ଥାତ୍, ବିଶ୍ୱଭାରତୀ ଶାନ୍ତିନିକେତନରେ ପ୍ରବେଶ କରିବ ବାହାର ଦୁନିଆର ପବନ ମୁକ୍ତ ଭାବରେ ଏବଂ ସେଇଠୁ ମଧ୍ୟ ସଂଚରିତ ହୋଇଚାଲିବ 'ଭାରତୀୟ ଚିନ୍ତନ'ର ପବନ ବାହାର ଦୁନିଆରେ। ଉଭୟେ ଗାନ୍ଧୀ ଓ ରବୀନ୍ଦ୍ରନାଥ ଥିଲେ ଆପଣା ଆପଣା ମାତୃଭାଷାର ପ୍ରତିଶ୍ରୁତିବଦ୍ଧ ପୂଜାରୀ। ଗାନ୍ଧିଜୀଙ୍କ ଅଧିକାଂଶ ଲେଖାମାନ ଥିଲା ମାତୃଭାଷା ଗୁଜରାଟୀରେ ଏବଂ ରବୀନ୍ଦ୍ରଙ୍କ ଶ୍ରେଷ୍ଠ, ସ୍ମରଣୀୟ ଗୀତଗୀତିକା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ଥିଲା ମାତୃଭାଷା ବଙ୍ଗଳାରେ। କିନ୍ତୁ ଏ ଦୁଇ ମହାମାନବ କେବେ ଇଂରାଜୀ ହେଉ କି ଅନ୍ୟ କେଉଁ ଭାଷା ହେଉ କାହାରି ଅନନ୍ୟତାକୁ ହେୟ ଦୃଷ୍ଟିରେ ଦେଖୁ ନ ଥିଲେ କି ଆପଣାର ଦେଶପ୍ରେମ, ରାଷ୍ଟ୍ରପ୍ରେମର ପ୍ରମାଣ ଦେବାକୁ ଯାଇ ଏବେକାର ଆତ୍ମଘୋଷିତ ରାଷ୍ଟ୍ରବାଦୀ ନେତାଙ୍କ ପରି ଇଂରାଜୀ ଭାଷାକୁ 'ଲଜ୍ଜା'ର ଭାଷା (ଲାଙ୍ଗୁଏଜ୍ ଅଫ୍ ସେମ୍) ବୋଲି କହୁ ନ ଥିଲେ।

ଏହା ସର୍ବବିଦିତ ଯେ ମହାତ୍ମା ଗାନ୍ଧୀ ଏବଂ କବି ରବୀନ୍ଦ୍ରନାଥ ଉଭୟେ ମାତୃଭାଷାରେ ଶିକ୍ଷା ଓ ଶିକ୍ଷାପ୍ରଦାନକୁ ସର୍ବାଧିକ ମହତ୍ତ୍ୱ ଦେଇଥିଲେ। ମାତ୍ର ତତ୍‌ସହିତ ସେମାନେ ଇଂରାଜୀ ଭାଷାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ଇଂରାଜୀ ଭାଷାରେ ଈର୍ଷଣୀୟ ଦକ୍ଷତା ବି ହାସଲ କରିଥିଲେ। ଗାନ୍ଧିଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆନ୍ ଓପିନିଅନ୍'ର ସଂପାଦନା ଓ ପ୍ରକାଶନ ଇଂରାଜୀ ଭାଷା ସହ ଅନ୍ୟ ତିନୋଟି ଭାରତୀୟ ଭାଷାରେ କରିଥିଲେ ଏବଂ ଦୀର୍ଘକାଳ ବନ୍ଦୀ ଜୀବନ କାଟୁଥିବା ବେଳେ ଏପରିକି ସମୟେ ସମୟେ ଦୀର୍ଘ ଜଳଯାତ୍ରା କରୁଥିବା ବେଳେ ସେ ତାମିଲ୍ ଓ ଉର୍ଦ୍ଦୁ ଭାଷା ଦୁଇଟିକୁ ଯଥାସାଧ୍ୟ ଆୟତ୍ତ କରିବାକୁ ଫଳପ୍ରଦ ପ୍ରଚେଷ୍ଟା କରିଥିଲେ। ଦକ୍ଷିଣ ଆଫ୍ରିକାରେ ସେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ପ୍ରତିଷ୍ଠା କରିଥିବା ବିଦ୍ୟାଳୟରେ ଇଂରାଜୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କାରଣ ସେ ବୁଝିଥିଲେ ଭିନ୍ନ ଭିନ୍ନ ଭାଷାଭାଷୀ ଭାରତୀୟମାନଙ୍କ ମଧ୍ୟରେ ଭାବଗତ ଐକ୍ୟ ସମ୍ଭବ କରିବା ପାଇଁ ଇଂରେଜମାନଙ୍କ ଇଂରାଜୀ ଭାଷା ହିଁ ସର୍ବୋତ୍ତମ।

ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଥିବା ଶ୍ରେଷ୍ଠତମ ବୁଦ୍ଧିଜୀବୀମାନେ- ଗାନ୍ଧୀ, ତିଳକ, ଗୋଖଲେ, ସୁରେନ୍ଦ୍ରନାଥ ବାନାର୍ଜୀ, ଜବାହରଲାଲ ନେହରୁ, ସୁଭାଷ ବୋଷ, ଶ୍ରୀଅରବିନ୍ଦ, ସରୋଜିନୀ ନାଇଡୁ, ଭଗତ୍‌ସିଂହ - ପ୍ରତ୍ୟେକ ଥିଲେ ଇଂରାଜୀ ଭାଷାରେ ଧୂରୀଣ। ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜମାନଙ୍କ ସହିତ ଯେଉଁ ଦୀର୍ଘ ସଂଗ୍ରାମ ସେମାନେ ଲଢ଼ିଥିଲେ ସେଥିରେ ସେହିମାନଙ୍କ ଭାଷାକୁ ବ୍ୟବହାର କରିଥିଲେ ମୁଖ୍ୟ ଆୟୁଧ ଭାବରେ। ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ବିଚାରଧାରା, ବୈଜ୍ଞାନିକ ଚିନ୍ତନ ଓ କ୍ରିୟାଶୀଳତା ପରି ଆଧୁନିକ ମତାଦର୍ଶ ସବୁର ଗୋଳାବାରୁଦ ସେମାନେ ସଂଗ୍ରହ କରିଥିଲେ ଇଂରାଜୀ ଭାଷାର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରମାନଙ୍କରୁ। ଏହା ନିଃସନ୍ଦେହ ଯେ ଭାରତୀୟ ଚିନ୍ତାଚେତନାରେ ଯେଉଁ ନବଜାଗରଣ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହୋଇଥିଲା, ତା'ର ସମସ୍ତ ଶ୍ରେୟ ହେଉଛି ଇଂରାଜୀ ଭାଷାର। ଆଧୁନିକତାର ନବଔଜଲ୍ୟ ଇଂରାଜୀ ଭାଷା ମାଧ୍ୟମରେ କ୍ରମଶଃ ବିଚ୍ଛୁରିତ ହୋଇଥିଲା ସମଗ୍ର ଭାରତରେ ଏବଂ ପ୍ରାଚୀନ ଭାରତର ସନାତନୀ ଜ୍ଞାନଐତିହ୍ୟ, ଧର୍ମଦର୍ଶନ ସ୍ୱଷ୍ଟରୁ ସ୍ୱଷ୍ଟତର ହୋଇ ସମଗ୍ର ବିଶ୍ୱରେ ଆପଣାର ସୌରଭ ବିକିରଣ କରିବାରେ ଯେଉଁ ସାମର୍ଥ୍ୟ ଅର୍ଜନ କଲା, ସେଥିରେ ମୁଖ୍ୟ ଭୂମିକା ନେଇଥିଲା ଏହି ଇଂରାଜୀ ଭାଷା।

ବର୍ତ୍ତମାନ ଆମ ଦେଶରେ କତିପୟ ରୂଢ଼ିବାଦୀ ଓ ରକ୍ଷଣଶୀଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଇଂରାଜୀ ଭାଷା ଔପନିବେଶିକ ମାନସିକତାର ବିଲୋପନ କ୍ଷେତ୍ରରେ ଏକମାତ୍ର ପ୍ରତିବନ୍ଧକ ବୋଲି କହି ଯେଉଁ ଅରୁଚିକର ତମ୍ବିତୋଫାନ ସୃଷ୍ଟି କରିଚାଲିଛନ୍ତି, ତାହା ପ୍ରତ୍ୟେକ ସଚେତନ ଭାରତୀୟମାନଙ୍କୁ କ୍ଷୁବ୍ଧ, ମର୍ମାହତ କରିବା ସ୍ୱାଭାବିକ। ଯେଉଁ ସମୟରେ ସମଗ୍ର ବିଶ୍ୱ ଜାଣିସାରିଲାଣି ଯେ ଏକବିଂଶ ଶତାବ୍ଦୀରେ ପ୍ରତିମୁହୂର୍ତ୍ତରେ ସଂଘଟିତ ହୋଇଚାଲିଥିବା ଜ୍ଞାନବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟା ସବୁର ନବୋନ୍ମେଷ ସହିତ ତାଳ ଦେଇ ଚାଲିବାକୁ ହେଲେ ଇଂରାଜୀ ଭାଷାରେ ପାରଙ୍ଗମତା ହେଉଛି ଅନିବାର୍ଯ୍ୟ, ସେହି ସମୟରେ ଆମେ ଯଦି ରାଷ୍ଟ୍ରପ୍ରେମ, ମାତୃଭାଷା ପ୍ରେମର ଆଳ ଦେଖାଇ ଆମର ଆଗାମୀ ବଂଶଧରଙ୍କୁ ଇଂରାଜୀ ଭାଷା ବିମୁଖ କରିବା ପାଇଁ ମସୁଧା କରିବା, ତାହା ଭୟଙ୍କର ଭାବରେ ଆତ୍ମଘାତୀ ହିଁ ହେବ।

ଏହ ପରିପ୍ରେକ୍ଷୀରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଆଫ୍ରିକୀୟ ସାହିତ୍ୟିକ - 'ଚିନୁଆ ଆଚ୍‌ବେ' ଓ 'ନୁଗି ୱା ଥିଓଙ୍ଗ'ଙ୍କ ସଂପର୍କରେ ଉଲ୍ଲେଖ କରିବା ଖୁବ୍ ପ୍ରାସଙ୍ଗିକ ହେବ ନିଶ୍ଚୟ। ଏ ଦୁଇ ତୁଙ୍ଗ ସାହିତ୍ୟିକ ଥିଲେ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ବିରୋଧୀ ଏବଂ ଆଫ୍ରିକାର ଜନଜୀବନ, ଲୋକସଂସ୍କୃତି ତଥା ଜୀବନଧାରାର ସମ୍ୟକ ପ୍ରତିଫଳନ ପାଇଁ ସେମାନଙ୍କ ସୃଜନୀ ଥିଲା ପ୍ରତିଶ୍ରୁତିବଦ୍ଧ। ମାତ୍ର ଚିନୁଆ ଆଚ୍‌ବେଙ୍କ ସାହିତ୍ୟ କୃତିର ଭାଷା ଥିଲା ଇଂରାଜୀ। ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଥିଙ୍ଗସ୍ ଫଲ୍ ଆପାର୍ଟ' ପ୍ରଥମ ଥର ପାଇଁ ବିଶ୍ୱବାସୀଙ୍କ ପାଖରେ ବାଢ଼ି ଦେଇଥିଲା ତଥାକଥିତ ଅନ୍ଧାରିମୂଳକ ଆଫ୍ରିକା ମହାଦେଶର ଜୀବନ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଏବଂ ଅନନ୍ୟତା। ସେଇ ଉପନ୍ୟାସଟି ସେ ଲେଖିଥିଲେ ଇଂରାଜୀରେ। ଅନ୍ୟପକ୍ଷରେ, କେନିୟାର ସାହିତ୍ୟିକ ଥିଓଙ୍ଗ ଇଂରାଜୀ ଭାଷାରେ ନ ଲେଖି ଲେଖିଥିଲେ ମାତୃଭାଷା 'ଗିକାୟୁ'ରେ ଏବଂ ପ୍ରକାଶ୍ୟ ଭାବରେ ଇଂରାଜୀ ଭାଷାର ବିରୋଧାଚରଣ କରିଥିଲେ ସେ। କିନ୍ତୁ ଖୁବ୍‌ଶୀଘ୍ର ସେ ବୁଝିଗଲେ ଯେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ସ୍ୱଷ୍ଟ ଓ ପରିଚ୍ଛନ୍ନ ଭାବରେ ଦୁନିଆକୁ ଜଣାଇ ଦେଇପାରିବେ ତାଙ୍କ ଦେଶର, ତାଙ୍କ ମାତୃଭୂମିର ସାରଐତିହ୍ୟ। ତେଣୁ ସେ ନିଜେ 'ଗିକାୟୁ' ଭାଷାରେ ଲିଖିତ ତାଙ୍କ ପୁସ୍ତକଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ।

ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ଗୋଟିଏ ହୀରକ ପେଟିକା- ଯେଉଁଥିରେ ଭରି ରହିଛି ଯୁଗଯୁଗର ଲୋକାନୁଭୂତି, ଭାବଭାବନାର ବୈଚିତ୍ର୍ୟ ଓ ଜୀବନବୋଧ। କୌଣସି ଭାଷା ତେଣୁ ହେୟ କି ପରିତ୍ୟଜ୍ୟ ନୁହେଁ। ତେବେ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନର ଏଇ କାଳଖଣ୍ଡରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଉପାଦେୟତା ସବୁଠାରୁ ଅଧିକ। ଯେଉଁମାନେ ଅସୂୟା-ଜର୍ଜରିତ ଭାବାବେଗରେ ଏହି ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଇଂରାଜୀ ଭାଷାର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରତି ଆମକୁ ସଜାଗ ରହିବାକୁ ହେବ। ନା, ଇଂରାଜୀ 'ଲଜ୍ଜା'ର ଭାଷା ନୁହେଁ, ଏହା ହେଉଛି ଆମ 'ଗର୍ବ ଓ ଗୌରବ'ର ଭାଷା। ଆମର ମାନସଲୋକ ଓ ଚିନ୍ତାକ୍ଷେତ୍ରରୁ ସମସ୍ତ ସୀମିତତା, ସଂକୀର୍ଣ୍ଣତା ଦୂର କରି ଦେଇ ନବଔଜଲ୍ୟ, ଶାଣିତ ବୁଦ୍ଧିମତ୍ତା ଭରିଦେଇଥା'ନ୍ତି ଇଂରାଜୀ ଭାଷାରେ ରଚିତ ଅନେକାନେକ ଶାସ୍ତ୍ର ଓ ପୁସ୍ତକ। ସୁତରାଂ ଆମ ମାତୃଭାଷା ପରି ଏହି ସୁନ୍ଦର, ସମୃଦ୍ଧ, ସାବଲୀଳ ଇଂରାଜୀ ଭାଷା ଆମର ନିଃସର୍ତ୍ତ ଶ୍ରଦ୍ଧା, ପ୍ରେମ ଓ ସମ୍ମାନର ହକ୍‌ଦାର ନିଶ୍ଚୟ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୦୭

## ଆମ ଶିକ୍ଷା ବ୍ୟବସ୍ଥାରେ ସୌମ୍ୟାଶ୍ରୀମାନେ

ଡ.ବିମଳ ଷଡ଼ଙ୍ଗୀ

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ ବର୍ଷୀୟା ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଜନୈକ ପ୍ରଫେସରଙ୍କ ଦ୍ୱାରା ଯୌନ ନିର୍ଯାତନା ଶିକାର ଅଭିଯୋଗ ଆଣିବା ପରେ ଦୀର୍ଘ ୬ ମାସ ଧରି ନ୍ୟାୟ ନ ପାଇବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇଛନ୍ତି। ଗତ ୧୪ ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଧାବୀ ଛାତ୍ରୀର ଏଭଳି ଅକାଳମୃତ୍ୟୁ ଜନିତ ହୃଦୟବିଦାରକ ଘଟଣା ଆମ ସାମାଜିକ ବ୍ୟବସ୍ଥାର ଏକ ବାସ୍ତବ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛିଦିନ ପର୍ଯ୍ୟନ୍ତ ଏହି ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବ। କେତେ ନେତା, ଆଗଧାଡ଼ିର ଜନତା ପୁଷ୍ପଗୁଚ୍ଛରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବେ ଏବଂ ଜନତାକୁ ସୁହାଇଲା ଭଳି ବାର୍ତ୍ତା ଦେବେ। କିଛିଦିନପରେ ପୁଣି ଯେଉଁକଥାକୁ ସେହିକଥା। ଏହି ଧାରା ବହୁକାଳରୁ ଚାଲିଆସିଛି ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିଥିବ ତାହା ଜଣାନାହିଁ।

ଭାରତରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏକ ଗମ୍ଭୀର ସମସ୍ୟା। ଏହାର ନିରାକରଣ ପାଇଁ ପୋସ୍କୋ ଆଇନ, କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ, ଏସସିଏସଟି ଆଇନ, ଆଣ୍ଟି ରାଗିଂ ବ୍ୟବସ୍ଥା ପ୍ରଚଳିତ ଅଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯୋଗ କମିଟି/ ପ୍ରକୋଷ୍ଠ ଗଠନ, ସିସିଟିଭି ସ୍ଥାପନ, ଶିକ୍ଷାର୍ଥୀଙ୍କୁ ପରାମର୍ଶ ଓ ସହାୟତା କମିଟି, ହେଲ୍ପଲାଇନ୍ ନମ୍ବର, ବିଶ୍ୱବିଦ୍ୟାଳୟରେ ଜଣେ ଶିକ୍ଷା ନ୍ୟାୟାଧୀଶ ନିଯୁକ୍ତି ଇତ୍ୟାଦି ଅନେକ ବ୍ୟବସ୍ଥା ମଧ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଗୁଡ଼ିକର ଆବଶ୍ୟକତାକୁ କେହି କେବେ ଗମ୍ଭୀରତାର ସହିତ ନେଇ ନଥା'ନ୍ତି। ଏପରିକି ଶିକ୍ଷାନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ସେ ବିଷୟରେ ସଚେତନ ନୁହନ୍ତି। ଯେତେବେଳେ କୌଣସି ଅଘଟଣ ଘଟିଥାଏ ସେ ସମୟରେ ସମସ୍ତଙ୍କର ଏଗୁଡ଼ିକ ବିଷୟରେ କିଛିଦିନ ପର୍ଯ୍ୟନ୍ତ ମନେପଡ଼େ।

ସୌମ୍ୟାଶ୍ରୀ ଗୋଟିଏ ମାତ୍ର ଉଦାହରଣ। କିଛିଦିନ ତଳେ ଛତିଶଗଡ଼ର ରାଜନନ୍ଦଗାଓଁରେ ଜଣେ ୧୩ ବର୍ଷୀୟା ଛାତ୍ରୀ ପାଠ ବୁଝି ନପାରି ପୁଣି ଥରେ ପଢ଼ାଇବାକୁ ସାମାଜିକ ବିଜ୍ଞାନ ଶିକ୍ଷକଙ୍କୁ ଅନୁରୋଧ କରି ପ୍ରତିବଦଳରେ ଚାପୁଡ଼ା ଖାଇ ୭୦-୮୦% ଶ୍ରବଣ ଶକ୍ତି ହରାଇଛନ୍ତି। ଗତବର୍ଷ ଏଭଳି ଘଟଣା ବହୁ ଅଧିକ ଘଟିଛି। ମଧ୍ୟପ୍ରଦେଶର ତାଲାଲୱାଲି ଚନ୍ଦାରେ ଜଣେ ୪୫ ବର୍ଷର କମ୍ପ୍ୟୁଟର ଶିକ୍ଷକ ଶ୍ରେଣୀ ମଝିରେ ଜଣେ ୧୧ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ମହାରାଷ୍ଟ୍ରର ପୁଣେରେ ଜଣେ ୪୨ ବର୍ଷୀୟ ଶିକ୍ଷକ ଜଣେ ଷ୍ଟାଣ୍ଡାର୍ଡ ୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଅବହେଳା କରିଥିବା ଅଧ୍ୟକ୍ଷ ଉଭୟଙ୍କୁ ପୋସ୍କୋ ଆଇନରେ ଗିରଫ କରାଯାଇଥିଲା। ତାମିଲନାଡୁର ତିରୁନେଲଭେଲିରେ ଏକ ସରକାରୀ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଓ ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଇଆଇଟି ରୁରକି, ଗୁଜରାଟ, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦିରେ ଏହିପରି ଅନେକ ଘଟଣା ଘଟିଥିବାର ଜଣାପଡ଼ିଛି। ସେଥିମଧ୍ୟରୁ କିଛି ନ୍ୟାୟିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ସତ୍ୟକୁ ଚାପିଦେବାର ପ୍ରୟାସ ହୋଇଛି। ୨୦୨୩ ମସିହାରେ ଜେଏନୟୁର ଛାତ୍ରମାନେ ଜଣେ ପ୍ରଫେସରଙ୍କୁ ଏକାଧିକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ନିଲମ୍ବନ କରାଯାଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୨୦୧୭ ମସିହାରେ ନିର୍ଯାତନା ଅଭିଯୋଗ ଆଣିଥିବା ଜଣେ ଝିଅକୁ ପ୍ରଶାସନ ଅଣଦେଖା କରିବାରୁ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଏଠାରେ ର୍ୟାଗିଂ ଜନିତ ହତ୍ୟା ଓ ଆତ୍ମହତ୍ୟା କଥା ଉଲ୍ଲେଖ କଲେ ତାଲିକା ଲମ୍ବି ଚାଲିବ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମ ଭବିଷ୍ୟତଙ୍କ ପାଇଁ ନିଜର ସଚ୍ଚୋଟ ମନୋଭାବର ଅଭାବ ଏବଂ ଆମ କର୍ତ୍ତବ୍ୟରେ ଅବହେଳା ପରିଲକ୍ଷିତ। ଇତିହାସକୁ ସାକ୍ଷୀ ରଖୀ ଇଂରେଜ ଓ ମୋଗଲମାନଙ୍କୁ ମାନବିକତା ବିରୋଧୀ ବୋଲି ଆମେ ଅଭିଯୋଗ କରୁଛେ। ମାତ୍ର ଯେତେବେଳେ ଆମେ ଇତିହାସ ହୋଇଯାଇଥିବା ସେତେବେଳେ ଆଜି ଆମେ ଯେଉଁ ଅଭିଯୋଗ ଇଂରଜ ଓ ମୋଗଲମାନଙ୍କ ବିରୋଧରେ ଆଣୁଛନ୍ତି ହୁଏତ ଉତ୍ତରପିଢ଼ି ସମାନ ଅଭିଯୋଗ ଆମର ପ୍ରଚଳିତ ବ୍ୟବସ୍ଥା ଓ ଆମ ମାନସିକତା ବିରୋଧରେ ଆଣିବେ।

ନ୍ୟାୟ ଆଶାରେ ପୁଲିସ, ପ୍ରଶାସନ, ନେତା, ଅଧ୍ୟକ୍ଷ, ପିତାମାତା, ସାଙ୍ଗସାଥୀ ସମସ୍ତଙ୍କ ପାଖରେ ଗୁହାରି କରିଥିଲେ ସୌମ୍ୟାଶ୍ରୀ। ନେତୃତ୍ୱ ନେବାର ଯୋଗ୍ୟତା ଥିବା ଜଣେ ମେଧାବୀ ଛାତ୍ରୀର ଅକାଳ ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଏ ଦେଶର ଭବିଷ୍ୟତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁମାନେ ଦେଶର କ୍ଷତି କରନ୍ତି ସେମାନେ ଦେଶଦ୍ରୋହୀ। ଜଣାନାହିଁ ସେମାନଙ୍କୁ ଆମ ଶାସନ ବ୍ୟବସ୍ଥା କେଉଁ ପ୍ରକାରର ଦଣ୍ଡ ଦେବ। ନା ଅତୀତର ଘଟିଥିବା ଘଟଣା ଭଳି ସବୁ ଭୁଲିଯାଇ ପୁଣିଥରେ ନୂଆ ଘଟଣାକୁ ଅପେକ୍ଷା କରିବେ ସବୁ ରାଜନୈତିକ ଦଳ, ଶିକ୍ଷାବିତ, ଛାତ୍ରସଂଗଠନ, ଜନସାଧାରଣ, ଶାସନାଧୀଶ ଓ ଅନ୍ୟମାନେ। ନୂଆ ପିଢ଼ିଙ୍କୁ ସୁରକ୍ଷା କବଚ ସୁନିଶ୍ଚିତ କଲେ ଯାଇ ମିଳିବ ସୌମ୍ୟଶ୍ରୀଙ୍କୁ ପ୍ରକୃତ ନ୍ୟାୟ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସେହି ଅବିସ୍ମରଣୀୟ ଶହେରାତିର ଯାଦୁକର କାଳୀଚରଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସମ୍ପ୍ରତି କେହି କ'ଣ ବିଶ୍ୱାସ କରିବେ ଯେ କାଳୀଚରଣ ପଟ୍ଟନାୟକଙ୍କ ରଚିତ 'ଭାତ' ନାଟକ ଦେଖିବା ସକାଶେ ଓଡ଼ିଆ ଜାତି ଓ ଓଡ଼ିଶାର ମାଟି ରହିଥିଲେ ଜାଗ୍ରତ ହୋଇ ଶହେଟି ରାତି! କି ଅଲୌକିକ ଆକର୍ଷଣ ଥିଲା ସେ ନାଟକ ଭିତରେ? କାଳୀଚରଣ ସତରେ ଥିଲେ ନାଟ୍ୟକାର ନା ଅଦ୍ଭୁତ ପ୍ରତିଭାର ଯାଦୁକର? ଏପରି ଏକ ଏକ ସତ୍ୟାବିଷ୍କାର ହିଁ ଦୋହଲାଇ ଦିଏ ପ୍ରକୃତରେ ଆମର ଛାତି।

ଅଗଣିତ ଦର୍ଶକଙ୍କ ଅଣାୟତ୍ତ ଆବେଗକୁ କେଉଁ ଶକ୍ତି ରଖିପାରୁଥିଲା ଏପରି ଅପୂର୍ବ ମମତାରେ ଆବଦ୍ଧ କରିଦେଇ? ତାହା କଳ୍ପନା କରିବା ମାତ୍ରକେ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ପ୍ରତି ଯେକୌଣସି ଦରଦୀ ମଣିଷର ଛାତି ପରିପୂର୍ଣ୍ଣ ହୋଇଉଠେ ଅସାମାନ୍ୟ ଶ୍ରଦ୍ଧା ଆଉ ସଂପ୍ରୀତିରେ। ମଣିଷ ଜୀବନର ନିରାଟ ବାସ୍ତବତାକୁ କାଳୀଚରଣ ଯେପରି ପ୍ରତ୍ୟକ୍ଷ କରିଛନ୍ତି, ଅନୁରୂପ ଭାବରେ ତାହାକୁ ଦୃଶ୍ୟାଙ୍କିତ କରିଛନ୍ତି ପ୍ରାଣର ଅସୀମ ଭାବାବେଗ ଉତ୍ସର୍ଗ କରିଦେଇ। ତାହା ହିଁ ତାଙ୍କ ନାଟକକୁ ପ୍ରଦାନ କରିପାରିଥିଲା ଚିର ଆକାଂକ୍ଷିତ ମାର୍ମିକ ସ୍ୱାଭାବିକତା। କେଉଁ ନାଟକ ବା ତାଙ୍କର ହୃଦୟସ୍ପର୍ଶୀ ନୁହେଁ! କେଉଁ ନାଟକ ପୁଣି ଆଧୁନିକ ଶୈଳ୍ପିକ ରୀତିରେ ନୁହେଁ ସୁସଜ୍ଜିତ! ସୁଶୃଙ୍ଖଳିତ! 'ଶ୍ରୀଗୀତଗୋବିନ୍ଦ', 'ଆଖିରଦେଖା', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର', 'ଅଭିଯାନ', 'ରକ୍ତ ମନ୍ଦାର', 'ଗାର୍ଲ୍ସସ୍କୁଲ', 'ରକ୍ତମାଟି', 'ହୀରାଖଣ୍ଡ' ଆଦି ନାଟକ ଯେଉଁ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା ତାହାର ସାକ୍ଷ୍ୟ ହେଉଛି 'ଓଡ଼ିଶା ଥିଏଟର'। ପୌରାଣିକ, ଐତିହାସିକ, ସାମାଜିକ, ଜୀବନୀ ଆଧାରିତ ନାଟକ ରଚନା କରି ଯେପରି ଭାବରେ ଓଡ଼ିଶା ମାଟିରେ କମ୍ପନ ସୃଷ୍ଟି କରିଥିଲେ କାଳୀଚରଣ ତାହା ଅନତିକ୍ରମଣୀୟ ହୋଇ ରହି ନାହିଁ କି? ସେ ଥିଲେ ସର୍ବାଂଶରେ ନାଟ୍ୟପ୍ରାଣ। ନାଟ୍ୟାଭିନୟକୁ ପ୍ରାଣବନ୍ତ ରୂପ ଦେବା ନିମିତ୍ତ ସେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନିଃସଂକୋଚ ଚିତ୍ତରେ। କିଏ ପୁଣି କ'ଣ ଏକଥା ଚିନ୍ତା କରିପାରିବେ ଯେ ୧୯୩୯ ମସିହାରେ 'ଗାର୍ଲ୍ସସ୍କୁଲ' ନାଟକ ଅଭିନୟରେ ସର୍ବପ୍ରଥମେ ନାରୀ କଳାକାରମାନେ ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବାର ପାଇଥିଲେ ଅପୂର୍ବ ସୁଯୋଗ। ଚରିତ୍ରଗୁଡ଼ିକୁ କିପରି ପ୍ରାଣବନ୍ତ ଭାବରେ ଉପସ୍ଥାପନ କରାଗଲେ ଦର୍ଶକର ହୃଦୟ ମନ୍ଥିତ, ଚକ୍ଷୁ ଯୁଗଳ ଲୋତକାପ୍ଲୁତ, ଅନ୍ତର ମଧ୍ୟସ୍ଥ ସୂକ୍ଷ୍ମ ଅଂଶଟି ଭାବାଚ୍ଛନ୍ନ ହୋଇଯାଇପାରିବ ସୁତୀବ୍ର ଭାବରେ, ସେହି ଅନ୍ତର୍ଗତ କଳାର ଅଧିକାରୀ ଥିଲେ ସେ। ଅତୀତର ଅନ୍ଧକାର ବକ୍ଷ ଭେଦ କରି ସେ ଉଦ୍ଧାର କରିପାରିଥିଲେ ପ୍ରେରଣା ଗର୍ଭିତ ଚରିତ୍ର ସକଳ। ଓଡ଼ିଶାର ମହାନ କବି, ଲେଖକମାନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ସେ ଥିଲେ ଅଭିଭୂତ। ସେମାନଙ୍କ ପ୍ରତି ତାଙ୍କ ମନରେ ଭରି ରହିଥିଲା ଯେଉଁ ଆନ୍ତରିକ ଅନୁରକ୍ତି ତାହାର ସାର୍ଥକ ଅଭିବ୍ୟକ୍ତି ହେଉଛି 'ଜୟଦେବ', 'ସାରଳା ଦାସ' ଓ 'ଜଗନ୍ନାଥଙ୍କ ଦାସ' ଆଦି ନାଟକ। ଏହି ମହାନ କବିମାନଙ୍କ ଆତ୍ମିକ ସତ୍ତା ସତେଯେମିତି ଅବତରଣ କରିଆସି ଅଭିନେତାମାନଙ୍କ ଶରୀର ଓ ପ୍ରାଣ ମଧ୍ୟରେ ପ୍ରବେଶ କରିଛି।

'କୁମ୍ଭାରଚକ' ଆତ୍ମଜୀବନୀ ମଧ୍ୟରେ ଅନୁରଣିତ ହୋଇ ଉଠିଛି ତାଙ୍କ ସମର୍ପିତ ନାଟ୍ୟପ୍ରେମୀ ଅନ୍ତରଟି। ଓଡ଼ିଶୀ ନୃତ୍ୟ ମଧ୍ୟରେ ସେ ଆବିଷ୍କାର କରିପାରିଥିଲେ କଳାତ୍ମକ ପରିପକ୍ୱତାର ପ୍ରତିଫଳନ। ସେଥିପାଇଁ ସିଏ ପୁଣି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ବିଭୂଷିତ କରିବା ପାଇଁ ନେଇଥିଲେ ଅଗ୍ରଣୀ ଭୂମିକା।

ଖୋର୍ଦ୍ଧା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ସଙ୍ଗୀତ ଓ ନାଟକ ପ୍ରତି ସୃଷ୍ଟି ହୋଇଥିଲା ତାଙ୍କର ସୁଗଭୀର ଅନୁରାଗ। ବିଶିଷ୍ଟ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ଓସ୍ତାଦ ଖନୁ ଖାଁ, ବନୱାରୀ ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରି ତାଙ୍କ କଳାବୋଧ ପରିଗ୍ରହ କରିଥିଲା ପରିମାର୍ଜିତ ରୂପ। 'ସାକ୍ଷୀଗୋପାଳ ନାଟକ ସଂଗଠନ' କରନ୍ତି ପ୍ରଥମ ପର୍ଯ୍ୟାୟରେ ସେ। ପରବର୍ତ୍ତୀ ସମୟରେ 'ଓଡ଼ିଶା ଥିଏଟର' ରଙ୍ଗମଞ୍ଚ ନିର୍ମାଣ କରି ସେ ଆଧୁନିକ ଓଡ଼ିଶାର ମାଟି ପାଣି ପବନରେ ଭରିଦେଲେ ଅଭିନବ ଉଚ୍ଛ୍ୱାସ। କାଳୀଚରଣଙ୍କ ସାମଗ୍ରିକ ଅବଦାନର ଆକଳନ କରି ତାଙ୍କୁ 'ଓଡ଼ିଶାର ଭରତ ମୁନି' ବୋଲି ଅଭିହିତ କରାଯାଏ ଯଥାର୍ଥରେ। 'ଲଳିତା' ଓ 'ମାଟିର ମଣିଷ' ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଛନ୍ତି ଭାବ ନିମଗ୍ନ ଧ୍ୟାନରେ।

କାଳୀଚରଣ ପଟ୍ଟନାୟକ ଏକ ପ୍ରଭାବଶାଳୀ କିମ୍ବଦନ୍ତୀ। ପ୍ରତିଟି ନାଟ୍ୟପ୍ରେମୀ ଅନ୍ତରରେ ସେ ନିତ୍ୟସ୍ପନ୍ଦିତ। ସେହି ସ୍ପନ୍ଦନ ଓଡ଼ିଶାର ଜନମାନସ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ରହିଥିବ ଚିର ସଞ୍ଜୀବିତ, ଏଥିରେ ଅଣୁମାତ୍ର ସନ୍ଦେହ ଅନୁପସ୍ଥିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଜ୍ରାଘାତରେ ଶାଶୂ-ବୋହୂ ସହ ୩ ମୃତ

ତେଲକୋଇ,୧୬।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ବଜ୍ରପାତ ଘଟିବାରୁ ୩ ଜଣଙ୍କ ଜୀବନ ହାନି ହୋଇଛି। ବିଞ୍ଜବାହାଳ ଗ୍ରାମରେ ଶାଶୂ-ବୋହୂ ପ୍ରାଣ ହରାଇଥିବା ବେଳେ ଶିବନାରାୟଣପୁର ଗୋଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଞ୍ଜବାହାଳ ଗ୍ରାମର ମୃତକ ହେଲେ ଶାଶୂ ରୁକ୍ମଣୀ ନାୟକ(୫୦) ଓ ବୋହୂ ଲବଣୀ ନାୟକ (୩୦)। ସେହିପରି ଗୋଡ଼ା ଗ୍ରାମର ମୃତ ଯୁବକ ହେଲେ ବିପିନ ନାଏକ (୩୫)।

ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନ ସମୟରେ ତେଲକୋଇ ଅଞ୍ଚଳରେ ବର୍ଷା ସାଙ୍ଗକୁ ବଜ୍ରାଘାତ ହୋଇଥିଲା। ଉଭୟ ଶାଶୂ-ବୋହୂ ନିଜ ବିଲରେ କାମ କରୁଥିଲେ। ହଠାତ ବଜ୍ରାଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ଉଭୟ ଟଳି ପଡ଼ିଥିଲେ। ସେହିପରି ଗୋଡା ଗ୍ରାମର ବିପିନ ନାଏକ ମଧ ବିଲ କାମ କରୁଥିବା ବେଳେ ବଜ୍ରାଘାତରେ ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ଦିନରେ ବଜ୍ରାଘାତରେ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣା ପରେ ପରିବାର ତଥା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି।

## କୂଅରେ ପଡ଼ି ଶିଶୁକନ୍ୟା ମୃତ

ଆନନ୍ଦପୁର,୧୬।୭(ସମିସ): କୂଅରେ ପଡ଼ି ବୁଧବାର ମଧ୍ୟାହ୍ନ ସମୟରେ ଜଣେ ଚାରି ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି କେନ୍ଦୁଝର ଜିଲ୍ଲା ମହୁଲଡ଼ିହା ଥାନା କରଡ଼ାପାଳ ଗ୍ରାମରେ। ପିଲାମାନଙ୍କ ସାଙ୍ଗରେ ଖେଳୁଥିବା ବେଳେ ହଠାତ ଗୋଡ଼ ଖସିଯିବାରୁ କୂଅରେ ପଡ଼ି ବୁଡ଼ି ଯାଇଥିଲା ନିଷ୍ପାପ ଶିଶୁ କନ୍ୟା ଜଣକ। ଖବର ପାଇ କୂଅରୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## କେନ୍ଦୁଝର ସହରରେ ସିରିଜ୍ ଛିନ୍ତାଇ

କେନ୍ଦୁଝର, ୧୬।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀର ସଦର ଅଞ୍ଚଳରୁ ଖୁଲମ୍‌ଖୁଲା ଲୁଟ୍ ହେଉଛି। ସହରବାସୀ ଅସୁରକ୍ଷିତ ଅନୁଭବ କଲେଣି। ତାଙ୍କ ନିଜ ସହର କେନ୍ଦୁଝରରେ ବୁଧବାର ସନ୍ଧ୍ୟାରେ ଏକାଧିକ ସ୍ଥାନରୁ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସହରରେ ଏଭଳି ଛିନତାଇ ଘଟଣା ପୂର୍ବରୁ ଦେଖା ଯାଉ ନଥିଲା।

## କ୍ରାଇମବ୍ରାଞ୍ଚ କରିବ ସୌମ୍ୟାଶ୍ରୀ ମୃତ୍ୟୁ ମାମଲାର ତଦନ୍ତ

ଭୁବନେଶ୍ୱର,୧୬।୭(ସମିସ): ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏହି ମାମଲାର ତଦନ୍ତ କରିବ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପୁଲିସ ମାନୁଆଲ ରୁଲ୍ (ପିଏମ୍ଆର୍) ଧାରା ୪୧୦(ଏ) ଅନୁଯାୟୀ କ୍ରାଇମବ୍ରାଞ୍ଚ ନିଜ ଆଡୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଥାନା କେସ୍ ନଂ - ୫/୨୫ ରେ ମାମଲା ରୁଜୁ କରିଛି। ଦଫା ୭୫(୧)(୩), ୭୮, ୭୯, ୧୦୮, ୩୫୧(୨) ଓ ୩(୫) ବିଏନ୍ଏସରେ ଏହି ମାମଲା ରୁଜୁ ହୋଇଛି। କ୍ରାଇମବ୍ରାଞ୍ଚ କେବଳ ଏହି ମାମଲା ନୁହଁ, ବରଂ ଏହି ମାମଲାର ଲିଙ୍କରେ ଥିବା ଅନ୍ୟ ମାମଲାର ମଧ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହିତ ଶ୍ରୀମତୀ ନାୟକଙ୍କୁ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଅଧିକାରୀ (ତଦନ୍ତ ସମ୍ବନ୍ଧିତ) ଭାବେ ଦାୟିତ୍ୱ ଦିଆଯାଇଛି। ତଦନ୍ତକାରୀ ଅଧିକାରିଣୀଙ୍କୁ ସହଯୋଗ କରିବା ପାଇଁ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ ରାଜ୍ୟ କ୍ୟାବିନେଟରେ ମୋହର

## ରାଇରଙ୍ଗପୁର ନୂଆ ପୁଲିସ ଜିଲ୍ଲା

ଭୁବନେଶ୍ୱର,୧୬।୭(ସମିସ): ରାଜ୍ୟ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ୨ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହ ଏକ ନୂତନ ପୁଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପରୋକ୍ତ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି।

ଏହି ନୂତନ ରାଇରଙ୍ଗପୁର ଜିଲ୍ଲା ଅଧିନରେ ୨ଟି ପୁଲିସ ସବ୍-ଡିଭିଜନ(ରାଇରଙ୍ଗପୁର, କରଞ୍ଜିଆ), ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଏବଂ ୨ଟି ବିଟ ହାଉସ ରହିବ। ୧୪ ଥାନା ମଧ୍ୟରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ ଥାନା, ବାଦାମା ପାହାଡ ଥାନା, ଗୋରୁ ମହିଷାଣି ଥାନା, ବିଶୋଇ ଥାନା, ତିରିଙ୍ଗ ଥାନା, ବହଳଦା ଥାନା, ଜାମଦା ଥାନା, କରଞ୍ଜିଆ ଥାନା, ଠାକୁରମୁଣ୍ଡା ଥାନା, ମହୁଲଡିହ ଥାନା, ରରୁଆଁ ଥାନା, ଘାଗରବେଡା ଥାନା ଓ ଯଶିପୁର ଥାନା ଅନ୍ତର୍ଭୁକ୍ତ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ବରତାର ସୀମା...

ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଥିଲେ। ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଘେରାଉ ଚାଲିଥିବା ବେଳେ କୌଣସି ବିନା ସୂଚନାରେ ବିଜେଡି କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରିଥିଲା ପୁଲିସ। ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିବାରୁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା। ଲୁହବୁହା ଗ୍ୟାସ ସେଲ୍ ମାଡ଼ରେ ଦଳର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଗୋଡ଼ ଓ ଦେହରେ ଗଭୀର ଆଘାତ ଲାଗିଛି । ସେହିପରି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି । ସେହିପରି ସାଂସଦ ସୁଲତା ଦେଓ ମଧ୍ୟ ପୁଲିସ ଆକ୍ରମଣରେ ଆହତ ହୋଇଛନ୍ତି । ସେହିପରି ଶତାଧିକ କର୍ମୀ ପାଣି ଓ ରବର ଗୁଳିମାଡ଼ରେ ଆହତ ହୋଇଛନ୍ତି। ଏହାପରେ ପୁଲିସ ଦଳର ଅନେକ ବରିଷ୍ଠ ନେତାଙ୍କ ସହ କର୍ମୀଙ୍କୁ ବଳପୂର୍ବକ ଘଟଣାସ୍ଥଳରୁ ଉଠାଇ ନେଇଛି ।

ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରା ଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଇଥିଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି। ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ। ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଘେରାଉରେ ଦଳର ବହୁ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଯଥା ଯୁବ ଛାତ୍ର, ସଂଖ୍ୟାଲଘୁ, ଏସସି ସେଲ, ଏସଟି ସେଲ, କୃଷକ ସେଲ ଓ ଅନ୍ୟ କର୍ମକର୍ତ୍ତା ଓ ସାଧାରଣ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

### ପୁଲିସର ଆକ୍ରମଣ...

ପ୍ରତିବାଦର ଅଧିକାର ଗୁରୁତର ଭାବେ ବିପଦରେ ଅଛି। ବ୍ୟବସ୍ଥାଗତ ଉଦାସୀନତାର ଶିକାର ହୋଇ ଜଣେ ୨୦ ବର୍ଷୀୟା ଛାତ୍ରୀର ମୃତ୍ୟୁ ପ୍ରତିବାଦରେ ବିଜେଡି ଲୋକସେବା ଭବନ ଘେରାଉ ଡ଼ାକରା ଦେଇଥିବାବେଳେ ପୁଲିସ ବିନା କାରଣରେ ଯେପରି ଆକ୍ରମଣ କରିଛି ତାହା ଅତ୍ୟନ୍ତ ଅମାନୁଷିକ। ବିଜେଡି ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଲୋକସେବା ଭବନ ଅଭିମୁଖେ ବାହାରିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ଆରମ୍ଭ କରିଥିଲା। ଏପରିକି ବିନା କୌଣସି କାରଣରେ ପୁଲିସ ରବର ଗୁଳି ବ୍ୟବହାର କରିଛି। ଶୋଭାଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ସରକାର ଗ୍ରହଣ କରିଥିବା କଠୋର ପଦକ୍ଷେପ ନିନ୍ଦା କରିବା ସହ ପୁଲିସ ପକ୍ଷପାତିତା ପ୍ରଦର୍ଶନ କରିଥିବା ନବୀନ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ ରବର ଗୁଳି ବ୍ୟବହାର ପରି ଅତ୍ୟଧିକ ବଳ ପ୍ରୟୋଗର କୌଣସି ଆବଶ୍ୟକତା ନ ଥିଲା । ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ପୁଲିସ ବାହିନୀକୁ ପ୍ରଦର୍ଶନକାରୀଙ୍କ ଗୋଡ ଭାଙ୍ଗିବାକୁ ନିର୍ଦ୍ଦେଶ ହେବା ସହ ଏଥିରେ ସଫଳ ହେଲେ ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଥିବା ନେଇ କ୍ୟାମେରାରେ ଧରାପଡ଼ିଥିଲା। ଆଜି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଛି। ଏପରିକି ଏଥିପାଇଁ ଅସ୍ତ୍ରୋପଚାରର ମଧ ଆବଶ୍ୟକ ପଡ଼ିପାରେ। ସେହିପରି ଦଳର ଅନ୍ୟଜଣେ ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପୁଲିସର ଆକ୍ରମଣ କାରଣରୁ ଆହତ ହୋଇଛନ୍ତି। ଏପରି ଆକ୍ରମଣ ପାଇଁ କାହିଁକି ନିର୍ଦ୍ଦେଶ ଦିଆଗଲା ସେନେଇ ସ୍ପଷ୍ଟୀକରଣ ଦେବାକୁ ସରକାର ବାଧ ବୋଲି ନବୀନ କହିଛନ୍ତି। ନ୍ୟାୟ ପାଇଁ ଲଢ଼େଇରେ ଏବଂ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ ବୋଲି ନବୀନ କହିଛନ୍ତି । ଏହାସହ ପୁଲିସ ଆକ୍ରମଣରେ ଆହତ ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆଜି ୧୨ ଘଣ୍ଟିଆ...

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏହାସହିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେରେ ପିସିସ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ସାରା ରାଜ୍ୟରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରୁ ରଖି ପେଟ୍ରୋଲ ପମ୍ପମାଲିକମାନେ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଗୁରୁବାର ସକାଳେ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ତେବେ ଡିପୋଗୁଡିକରୁ ମଧ ଏହି ସମୟରେ ସେବା ପ୍ରଭାବିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, କଂଗ୍ରେସର ଓଡ଼ିଶା ବନ୍ଦକୁ ନଜରରେ ରଖି ପେଟ୍ରୋଲ ପମ୍ପ ଡିଲରମାନେ ନିଜ ଆଡୁ ଟଙ୍କା ବନ୍ଦ ରଖିବେ। ଏଥିଯୋଗୁ ରାଜ୍ୟରେ ପ୍ରାୟ ୩୮୦୦ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଅପରାହ୍ଣ ୪ଟା ପରେ ପେଟ୍ରୋଲ ପମ୍ପଗୁଡିକ ଖୋଲିବା ସହ ଡିପୋରେ ତେଲ ଲୋଡିଂ କାମ ଜାରି ରହିବ। ତେବେ ଗୁରୁବାର ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଯୋଗୁ ସାରା ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଥିବା ଶ୍ରୀ ଲାଠ୍ କହିଛନ୍ତି।

### ୮ ଘଣ୍ଟା ଅଟକିଲା...

ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନ ଥିବା ପ୍ରମାଣିତ ହୋଇସାରିଛି। ଛାତ୍ରୀ ମୃତ୍ୟୁ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଏବେ ବି ବାହାରେ ବୁଲୁଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଆଇନ ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ସମସ୍ତ ଦୋଷୀଙ୍କୁ କାଠଗଡ଼ାକୁ ଟଣା ନ ଗଲେ ବାଲେଶ୍ୱର ଜିଲ୍ଲାର ଗାଁ ଠାରୁ ସହର ସବୁଠି ବିରୋଧ ତୀବ୍ର ହେବ ବୋଲି ବର୍ଷିଛନ୍ତି ବିଜେଡି ନେତା।

ବାଲେଶ୍ୱର ସହରରେ ବିଜେଡି ନେତା ଓ କର୍ମୀମାନେ ଆଜି ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜୋରଦାର ପ୍ରତିବାଦ କରି ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାସ୍ତାରେ ଟାୟାର ଜାଳି ପିକେଟିଂ କରିବା ସହ ରେଳଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ବାଲେଶ୍ୱର ସହରର ପ୍ରବେଶ ପଥ କୁରୁଡ଼ା ଓ ଫୁଲାଡ଼ିରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ସମର୍ଥନ କରି ବ୍ୟବସାୟୀମାନେ ମଧ ଦୋକାନବଜାର ବନ୍ଦ ରଖିଥିଲେ।

ବାଲେଶ୍ୱରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭୋଗରାଇ ଥାନା ଛକଠାରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରାଯାଇଥିଲା। ଭୋଗରାଇ ମାଟିର ଦିବଂଗତ ଝିଅକୁ ଉଚିତ ନ୍ୟାୟ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ। ସେହିପରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିଆପାଳ ଓ ବସ୍ତା ବ୍ଲକରେ ହୋଇଥିବା ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା। ଜରୁରୀକାଳିନ ସେବାକୁ ଛାଡ଼ି ଦୋକାନବଜାର, ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବିଜେଡି ନେତୃବର୍ଗ ବସ୍ତା, ଗାନ୍ଧିଛକ, ଦରଡ଼ା, ବାଲିଆପାଳର ସିମୁଳିଆ ବଜାର, ବାଲିଆପାଳ ବଜାର, କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ପିକେଟିଂ କରିଥିଲେ। ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଉତ୍ତରେଶ୍ୱରଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ହଜାର ହଜାର ଭାରୀଯାନ ଅଟକି ରହିଥିଲା। ସୋର ଷ୍ଟେସନରେ ରେଳଧାରଣା ଉପରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଅଟକି ରହିଥିଲା।

ସେହିପରି ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଓ ସିମୁଳିଆ ବଜାର ବନ୍ଦ ହୋଇଥିଲା। ସିମୁଳିଆ କଲେଜରେ ଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ଖଇରା ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ୍ ଛକରେ ରାସ୍ତା ଅବରୋଧ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ତୀବ୍ର ବିରୋଧ କରାଯାଇଥିଲା। ଜିଲ୍ଲାର ୮ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡିର ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।

**REQUEST FOR PROPOSAL (RFP)**

Kalinga Nagar Development Authority (KNDA), Jajpur Road invites RFP in the prescribed format from the Agencies for"SELECTION OF AGENCY FOR OPERATION AND MAINTENANCE SERVICES AT VYASA SAROVAR, VYASANAGAR, JAJPUR ON LICENSE BASIS".

The detail of the RFP is available in the district web portal i.e.**www.jajpur.odisha.gov.in**

CAD-1134

OIPR-13226/11/0004/2526

Sd/-Secretary,
Kalinga Nagar Development Authority,
Jajpur Road, Jajpur

OFFICE OF THE SECRETARY

**BINODINI SCIENCE HIGHER SECONDARY SCHOOL**

AT-PADMAPUR, PO-JOGIPADU, BLOCK-GUMMA, DIST-GAJAPATI

Email: binodinisccollege@gmail.com, Mob: 8895515909

A walk-in-interview for the engagement of the guest faculty for the subject of Odia for Higher Secondary classes is on **25.07.2025** between **10 A.M to 2 P.M** in the H.S School Premises. Interested candidates having **55% marks** in PG in respective subject may attend the interview with their complete Bio-data. The candidates having B.Ed will be given weightage.

No TA/DA is admissible for attending the interview.

**Sd/- Secretary**

**SHREE JAGANNATH EDUCATIONAL FOUNDATION DEGREE COLLEGE**

ESTD - 1991

BARUNSING, SERGARH, BALASORE - 756060

**TENDER CALL NOTICE**

Sealed quotations are invited from the Authorised Dealers/Suppliers (Bidders having valid GST, PAN and I.T. Clearance Certificate) of any authorized electronic partner for upgrading the I.T. infrastructure of the college of **₹ 4,50,000/-** as per the guideline issued by the DHE, Odisha letter issue No. 12655 Dt. 05/03/2025 on or before **Dt. 24/07/2025 by 01:00 PM** through Regd./ Speed Post / e-mail **sjefdegreecollege1991@gmail.com** & the same will be opened on **Dt. 26/07/2025 at 11:00 AM** in the office of the college.

The authority reserves the right to cancel or reject any or all quotations without assigning any reason thereof.

**Sd/- Principal cum Secretary**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-1123

ପତ୍ର ସଂଖ୍ୟା ୧୨୮୩୮/ ଭୁ.ଉ.କ., ଭୁବନେଶ୍ୱର SRB-319/88 **ସୂଚନା** ତା. ୦୭.୦୭.୨୦୨୫ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ.- S-2-144କୁ ଶ୍ରୀମତୀ ମିନତୀ ପ୍ରଧାନ, ସାମୀ- ସାଧୁ ଚରଣ ପ୍ରଧାନ, ଗ୍ରାମ/ପୋଷ୍ଟ- ହଜ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ମିନତୀ ପ୍ରଧାନ ଗତ ତା.୨୮.୦୧.୨୦୨୪ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No. 3240/2024 dated 11.03.2024)

Legal heir certificate No. E-LHC/2025-20704 dated 21.03.2025 ଅନୁଯାୟୀ ମିନତୀ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ସାଧୁ ଚରଣ ପ୍ରଧାନ (ସାମୀ) ଓ (୨) ଦୀପକ କୁମାର ପ୍ରଧାନ (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0332/2526

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଭୁବନେଶ୍ୱର ଶାଖା /** **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ,** ପିତା: ଗଣେଶ ଚନ୍ଦ୍ର ବିଶ୍ୱାଳ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ, ଉଭୟଙ୍କ **ଠିକଣା-** ସା: ନାନକାର ଉପରସାହି, ପୋ: ଜଗତ୍‌ପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ, ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୪୧୦୬, ପ୍ଲଟ୍ ନଂ.: ୧୯୬୮/୫୨୫୯, କ୍ଷେତ୍ର: ଏକର ୦.୦୮ଡିସିମିଲି, ମୌଜା: ନିମପୁର, ଥାନା: ଟାଙ୍ଗୀ ଏବଂ ନଂ.: ୭୧, ତହସିଲ: ଟାଙ୍ଗୀ-ଚୌଦ୍ୱାର ଏବଂ ନଂ.: ୧୬୭, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଶରତ ଚନ୍ଦ୍ର ସାହୁ, ଦକ୍ଷିଣ: ମୁରଲୀଧର ପଣ୍ଡା ଏବଂ ଯୋଗେନ୍ଦ୍ର ପରିଡା | ତା.୩୦.୦୪.୨୦୨୫ରିଖ ସୁଦ୍ଧାଟ.୧,୦୧,୨୫,୨୮୨.୬୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୩୦.୦୪.୨୦୨୫ / ୧୧.୦୭.୨୦୨୫ |
| **ବାଲେଶ୍ୱର ଶାଖା /** ୧) (ଏଚ୍‌ଏସ୍‌ଜି ନିମନ୍ତେ)**ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀ / **ସହ-ଋଣଗ୍ରହୀତା: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, ଉଭୟଙ୍କ **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬, ୨) **(କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ଏସ୍ ପି ଇଲେକ୍ଟ୍ରିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬ | ଶ୍ରୀମତୀ ଶାନ୍ତିଲତା ପତ୍ରୀ, ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁରୁଣା, ଥାନା: ସିମୁଳିଆ, ଥାନା: ନଂ.: ୧୩୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ଖାତା ନଂ.: ୬୬୦/୨୯୩, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୫୭୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ପଶ୍ଚିମ: ନିତ୍ୟାନନ୍ଦ ପତ୍ରୀଙ୍କ ପ୍ଲଟ୍, ଉତ୍ତର: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା | ତା.୨୪.୦୪.୨୦୨୫ରିଖ ସୁଦ୍ଧା ଟ.୨୫,୨୭,୬୯୩.୬୧ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୨୫ / ୧୧.୦୭.୨୦୨୫ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୭.୦୭.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**

I, Shkh Abdul Rahman, aged about 62 years, S/o- Aloddin, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1392, dtd- 16/07/2025 that now onwards I shall be known as **SHKH ABDUL REHMAN** for all future purposes.

**AFFIDAVIT**

I, Sekh Monazir, aged about 34 years, S/o- Shkh Abdul Rehman, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1391, dtd- 16/07/2025 that now onwards I shall be known as **SEKH MONAJIR** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-M-KUR-WR-YARD-305-2025

**କାର୍ଯ୍ୟର ନାମ :** ଦୁଇ ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ୟାର୍ଡ଼ ଠାରେ ୱାଗନ୍ ମରାମତି କାର୍ଯ୍ୟକଳାପ।

**ବିଜ୍ଞାପିତ ମୂଲ୍ୟ :** ₹ 2,18,12,690.86, EMD : ₹ 2,59,100/-.

(2) ଟେଣ୍ଡର ସଂ. eT-M-BOB-SPL-PRDP-306-25

**କାର୍ଯ୍ୟର ନାମ :** ଏକ ବର୍ଷର ସମୟାବଧି ନିମନ୍ତେ ROH ଡିପୋ ପାରାଦୀପ ଠାରେ BOBRN ୱାଗନଗୁଡ଼ିକର ବିଶେଷ ବଡ଼ି ମରାମତି କାର୍ଯ୍ୟ (ମାନବଶକ୍ତି, ମେସିନାରୀ ଏବଂ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ)।

**ବିଜ୍ଞାପିତ ମୂଲ୍ୟ :** ₹ 5,96,33,332.92, EMD : ₹ 4,48,200/-.

ଶେଷ ହେବା ଅବଧି: 24 ମାସ (କ୍ରମ ସଂ. 1 ପାଇଁ) ଏବଂ 12 ମାସ (କ୍ରମ ସଂ. 2 ପାଇଁ)।

ବିଡ୍ ଆରମ୍ଭ ହେବା ତାରିଖ : ତା. 18.07.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା. 17.07.2025ରିଖ (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2025ରିଖ 1530 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା.31.07.2025ରିଖ 1530 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ଼

PR-362/Q/25-26

**AFFIDAVIT**

By virtue of my Affidavit Name of my self is changed from Pradhan Uprendranath to Upendranath Pradhan, S/o- Gayadhar Pradhan, At/Post- Pikarali, PS- Patkura, Dist-Kendrapara. Who Hence be called Upendranath Pradhan.

**AFFIDAVIT**

By virtue of an affidavit sworn before the Executive Magistrate, Rairakhol, dated 15.07.2025, I, Beauty Bagh D/o- Subash Bagh, At- Harijanpada, Rairakhol, P.O./P.S. - Rairakhol, Dist- Sambalpur, Odisha, Pin-768106 declare that I have changed my name from Rupeli Bagh to Beauty Bagh. Henceforth, I shall be known as **Beauty Bagh** for all purposes.

**AFFIDAVIT**

I, Saraswati Malik, aged about 62 years, W/o- Kumuda Chandra Mallik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit Cf No. 3755, dtd- 15/07/2025 that now onwards I shall be known as **SARASWATI MALLIK** for all future purposes.

**AFFIDAVIT**

I, Kumuda Chandra Malik, aged about 63 years, S/o- Gayadhar Malik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit No. 3899, dtd- 23/05/2025 that now onwards I shall be known as **KUMUDA CHANDRA MALLIK** for all future purposes.

**AFFIDAVIT**

I, Dipti Mallik, aged about 37 years, W/o- Bidyut Kumar Mallik, resident of Kapumal, Ward No. 09, PO- Industrial Estate, Ps/Dist- Jharsuguda, PIN- 768203, Odisha declared by this affidavit Cf No. 3754, dtd- 15/07/2025 that now onwards I shall be known as **DIPTI DAS** for all future purposes.

**AFFIDAVIT**

I, Priyattama Sahoo, aged about 48 years, W/o- Prakash Chandra Sahoo, resident of Plot No-2154, Saptasati Nagar, Satyavihar, Pandara, Po-Mancheswar Railway Colony, Bhubaneswar, Dist- Khurda, PIN- 751017, Odisha declared by this affidavit No- 530, dtd- 26/06/2025 that now onwards I shall be known as **PRIYATAMA SAHOO** for all future purposes.

**AFFIDAVIT**

I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYANA CHOUDHURY** for all future purposes.

**AFFIDAVIT**

I, Ruparaj Chowdhury, aged about 67 years, S/o- Brajaraj Chowdhury, resident of At- Sekhbazar, PO- Tulasipur, Ps- Lalbag, Dist- Cuttack, PIN- 753008, Odisha declared by this affidavit No. 1393, dtd- 16/07/2025 that now onwards I shall be known as **RUPRAJ CHOWDHURY** for all future purposes.

● ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ

# ଥାନାରେ ଲିଖିତ ଅଭିଯୋଗ କଲେ ପୀଡ଼ିତାଙ୍କ ଭାଇ

ଭୋଗରାଇ,୧୬।୭ (ସମିସ): ବାଲେଶ୍ୱର ଜିଲ୍ଲା ଫକୀରମୋହନ କଲେଜର ଛାତ୍ରୀ ଆତ୍ମାହୁତି ଘଟଣାରେ ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟକୁ ନେଇ ଥାନାରେ ଲିଖିତ ଅଭିଯୋଗ କଲେ ମୃତ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ବିଶି । ସୂଚନା ଏହି କି ଯେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ୧୨ ଜୁଲାଇ ଦିନ କଲେଜ ପରିସରରେ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ୧୪ ଜୁଲାଇ ରାତିରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ସେ ମୃତ୍ୟୁ ବରଣ କରିଥିବା ନେଇ ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ ଓ ଅପମାନିତ ମନ୍ତବ୍ୟକୁ ଦେଇଥିବା ୨୦ ଜଣ ବ୍ୟକ୍ତିଙ୍କ ବିରୋଧରେ ଭୋଗରାଇ ଥାନାରେ ମୃତ ଛାତ୍ରୀଙ୍କ ଭାଇ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି ।

## କାଣ୍ଡଗରଡ଼ିରେ ଶ୍ରଦ୍ଧାଞ୍ଜଳି ସଭା



ପଞ୍ଚଲିଙ୍ଗେଶ୍ୱର,୧୬।୭ (ସମିସ): ଔପଦା ବ୍ଲକ ଅନ୍ତର୍ଗତ କାଣ୍ଡଗରଡି ପଞ୍ଚାୟତରେ ଏଫଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଦିବଂଗତ ଆତ୍ମାର ସଦଗତି ନିମିତ୍ତ ନୀରବ ମହମବତୀ ଶୋଭାଯାତ୍ରା କାଣ୍ଡଗରଡି ପଞ୍ଚାୟତ ପରିକ୍ରମା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ପରିଡା, ମୃତ୍ୟୁଞ୍ଜୟ ରାଉତ, ପ୍ରଦୀପ ନାୟକ, ଗଣେଶ ବେହେରା, ପ୍ରକାଶ ନାୟକ, ଶଙ୍କର୍ଷଣ ବେହେରା, କରୁଣା ସାମଲ ପ୍ରମୁଖ ଗ୍ରାମବାସୀ ଯୋଗଦାନ କରିଥିଲେ।

## ଗୋପୀନାଥପୁର ପଞ୍ଚାୟତରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ସୋର,୧୬।୭ (ସମିସ): ସୋର ଗୋପୀନାଥପୁର ପଂଚାୟତରେ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ କ୍ୟାଣ୍ଡେଲ ଶୋଭାଯାତ୍ରା କରି ନ୍ୟାୟ ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ଗୋପୀନାଥପୁର ପଂଚାୟତରୁ ବାହାରି ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ରହି ଜଗନ୍ନାଥ ଙ୍କୁ ପ୍ରାଥନା କରିଥିଲେ। ସମାଜସେବୀ ସରୋଜ ଦାସ, ଦେବଗିରିଜଙ୍ଗଲକମିଟିରସଭାପତି ଶଙ୍କର୍ଷଣ ବାରିକ, ନିକୁଞ୍ଜ ବିହାରୀ ଦାସ, ସଭାନେତ୍ରୀ ଜୟନ୍ତୀ ଦାସ, ମାଳତୀ ଜେନା, ସଞ୍ଜୁଲତା ଜେନା, ଶୁଭଲକ୍ଷ୍ମୀ ଦାସ, ବାସନ୍ତୀ ଦାସ, ସୁବ୍ରତି ଦାସ, ମମତା ବେହେରା, ମଞ୍ଜୁ ଗୋଛାୟତ, ସରସ୍ୱତୀ ଦାସ, ସୁନନ୍ଦା ଗୋଛାୟତ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୬।୭ (ସମିସ): ଏଫ୍ଏମ୍ ଛାତ୍ରୀ ମୃତ୍ୟୁ ଘଟଣାରେ ସଦର ବିଜୁ ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ସ୍ଥାନୀୟ ଫକୀରମୋହନ ଗୋଲେଇ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ସ୍ମୃତିଚାରଣ କରାଯିବା ସହ ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ମୀନା ମହାନ୍ତି, ସନ୍ଧ୍ୟାରାଣୀ ଜେନା, କାର୍ତିକ ସାହୁ, ସବିତାରାଣୀ ଦାସ, ଶଶିରେଖା ମହାନ୍ତି, ଶୋଭା ମହାପାତ୍ର, ମିର୍ଜା ବାନୋ, କବିତା ମୁର୍ମୁ, ଆୟୁବ ଖାଁଙ୍କ ସମେତ ପୂର୍ବତନ କାଉନସିଲର ଦେବାଶିଷ ଦାଶ, ସେକ ରାଜୁ, ଶାକିର ଖାଁଙ୍କ ସମେତ ବିଶ୍ୱଜିତ ମହପାତ୍ର, ଅତୁଲ ଶତପଥି ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

# ଭୋଗରାଇରେ ବ୍ୟାପୁଛି ଭୂତାଣୁଜନିତ ଚର୍ମରୋଗ

ଚନ୍ଦନେଶ୍ୱର,୧୬।୭ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ କ୍ରମାଗତ ବନ୍ୟା ଓ ବର୍ଷା ପରେ ମହିଳା ମାନଙ୍କୁ ଭୀଷଣ ଜ୍ୱର ହେବା ସହିତ ଦେହ ହାତ ଦରଜ ହୋଇ ଶରୀରର ବିଭିନ୍ନ ଅଂଶରେ ଫୋଟକା ଦେଖାଦେଉଛି । ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଥିବାର ଦେଖାଦେଇଛି । ମାତ୍ର ଏ ନେଇ ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ଖବର ନାହିଁ। ଏହାର ପ୍ରତିକାର ପାଇଁ ବ୍ୟପକ ସଚେତନତା କରାଯାଉ ନାହିଁ। ଫଳରେ ଏହି ରୋଗ ବ୍ୟାପୁଛି। ହୁଗୁଳି ପଞ୍ଚାୟତ ଅନ୍ତର୍ଗତ

**ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ**

ଗାଜିପୁର ଗ୍ରାମର ନୂପୁର ଦାସ ଅଧିକାରୀ, ଲବଙ୍ଗଲତା ଦାସ, ଗୌରୀବାଳା ଦାସ ଅଧିକାରୀ, କରଞ୍ଜାଶୋଳ ଗ୍ରାମର ଲଟଣ ଦାସ ଏହି ଭୂତାଣୁ ଜନିତ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ଦେଖାଦେଇଛି । ଏହି ଚର୍ମରୋଗ ୭ ରୁ ୮ ଦିନ ମଧ୍ୟରେ ଭଲ ହେଉଥିବାବେଳେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନାଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ବିଷୟରେ କୌଣସି ତଥ୍ୟ ନ ଥିବା ପ୍ରକାଶ କରିଛନ୍ତି।

## ୨୫ ଟ୍ରିପ୍ ପଥର ଜବତ

ସୋର,୧୬।୭ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନ ବନ୍ଦ ଥିବା ବେଳେ ପ୍ରତିଦିନ ଶହଶହ ଟ୍ରିପ ପଥର ଚୋରା ଚାଲାଣ ହେଉଛି। ଦିନ ଦ୍ୱିପ୍ରହରରେ ଏହି ପଥର ଚୋରୀ ହେଉଥିବା ବେଳେ ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ମାତ୍ର କିଛିଦିନର ବ୍ୟବଧାନ ପରେ ଆଜି ଅପରାହ୍ଣରେ ସୋର ତିହସିଲଦାର ଦୈତାରୀ ମଲ୍ଲିକ ବ୍ଲାଷ୍ଟିଂ ହେଉଥିବାର ଖବର ପାଇ ବନ୍ଦ ଖାଦାନରେ ଅଚାନକ ଚଢ଼ଉ କରିଥିଲେ। ଏହି ସମୟରେ ୫୫ ନମ୍ବର କ୍ୱାରୀରୁ ୨୫ ଟ୍ରକରୁ ଅଧିକ ପଥର ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅନ୍ୟ ଚୋରା ଖାଦାନରୁ ମାଫିଆ ମାନେ ଚମ୍ପଟ ମାରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହିତ ଏଠାରେ ପୂର୍ବରୁ ବସିଥିବା ପୁଲିସ କ୍ୟାମ୍ପକୁ ପୁନଶ୍ଚ ବସାଇବାକୁ ସାଧାରଣରେ ଦାବି ହୋଇଛି।

## କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ



କାଳିପଦା, ୧୬।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ବୁଧବାର କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ତନୁଶ୍ରୀ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ମୁଖ୍ୟଅତିଥି ଭାବରେ ଯୋଗ ଦେଇ କର୍ମକ୍ଷେତ୍ରରେ ମହିଳା ମାନଙ୍କ ସମସ୍ୟା ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ନାୟକ, ଡ. ଶିବନାରାୟଣ ମହାପାତ୍ର, ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ଅଧ୍ୟାପିକା ସ୍ୱାଗତିକା ଜେନା, ସୁଦେଷ୍ଣା ଦେ ପ୍ରମୁଖ ଯୋଗ ଦେଇ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ବନ୍ଦ ପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳଙ୍କ ମିଳିତ ବୈଠକ




ବାଲେଶ୍ୱର,୧୬।୭ (ସମିସ): ଏଫ୍ଏମ୍ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ଦଳ ସହିତ ସମସ୍ତ ବାମପନ୍ଥୀ ଓ ଧର୍ମନିରପେକ୍ଷ ରାଜନୈତିକ ଦଳମାନେ ଗୁରୁବାର ଅର୍ଥାତ ୧୭ ତାରିଖ ଦିନ 'ଓଡ଼ିଶା ବନ୍ଦ' ପାଇଁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟ ପରିସରରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ) ଓ ଫରୱାଡର୍ ବ୍ଲକ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ ନେତୃତ୍ୱ ଉକ୍ତ ବନ୍ଦ ପ୍ରସ୍ତାବକୁ ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣଭାବେ ପାଳନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଉକ୍ତ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ, ଯାନବାହନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଓ କୋର୍ଟକଚେରୀ ବନ୍ଦ କରିବାକୁ ଏହି ବୈଠକରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି ବୈଠକରେ କଂଗ୍ରେସ ଦଳର ଜିଲ୍ଲାସଭାପତି ସଞ୍ଜିବ ଗିରି, ସିପିଆଇର ଜିଲ୍ଲା ସହସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇ(ଏମ)ର ବରିଷ୍ଠ ନେତା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଫରୱାଡର୍ ବ୍ଲକର ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ରଙ୍କ ସମେତ ସୁଦର୍ଶନ ଜେନା, ନିର୍ମଳ ନାୟକ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ଉର୍ମିଳା ମାଝୀ, ତୁଷାର ମହାପାତ୍ର, ଶ୍ୟାମସୁନ୍ଦର ଜେନା, ସୀତାଂଶୁ ସେନାପତି, ସରୋଜ ଲେଙ୍କା, ରଞ୍ଜନ ଦାସ, ଗୌତମ ଦାସ, ବାସନ୍ତୀ ନାୟକ, ଗୋପୀନାଥ ପାଢ଼ି, କେଶବ ନାୟକ, କହ୍ନେଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ଗିରି ଧନ୍ୟବାଦ ଦେଇଥିଲେ।

## ଜଳମଗ୍ନ ଶିଳ୍ପାନୁଷ୍ଠାନ ଶ୍ରମିକଙ୍କ ପରିବାର ଉପବାସ

ନୀଳଗିରି,୧୬।୭ (ସମିସ): ନୀଳଗିରି ଉପଖଣ୍ଡ ବିଦୁ ବଜାର ଉପକଣ୍ଠରେ ଥିବା ଡିପି ଶିଳ୍ପ ଅନୁଷ୍ଠାନରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କ ପରିବାର ଉପବାସ ରହିବା ଘଟଣା ସମସ୍ତ ଚକିତ କରିଛି। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ସଂସ୍ଥା ବ୍ରିଜଗୋପାଲ କମ୍ପାନୀ ର ଅବହେଳା ଓ ମନମୁଖୀ କାର୍ଯ୍ୟ ପାଇଁ ରାଜପଥର ଉଭୟ ପାଶ୍ୱର୍ରେ ଥିବା ଡ୍ରେନେଜ କାର୍ଯ୍ୟ ନ ହୋଇଥିବା କାରଣରୁ ସାମାନ୍ୟ ବର୍ଷାରେ ଉକ୍ତ ଶିଳ୍ପ ଅନୁଷ୍ଠାନ ଟି ଜଳମଗ୍ନ ହୋଇ ନଦୀର ଭ୍ରମ ସୃଷ୍ଟି ହୋଇଛି। ଫଳରେ ଅନୁଷ୍ଠାନ ର ଯନ୍ତ୍ରାଂଶ ସବୁ ପାଣିରେ ଦୀର୍ଘ ୧୫ଦିନ ଧରି ବୁଡି ରହିଛି ଯାହା ଫଳରେ ଶ୍ରମିକ ମାନଙ୍କ କାର୍ଯ୍ୟ ବନ୍ଦ ରହିବା ସହ ଅନୁଷ୍ଠାନ ଟି ବନ୍ଦ ହୋଇ ରହିଛି ଅନ୍ୟପଟରେ ଶ୍ରମିକ ମାନେ ଦୈନନ୍ଦିନ କାର୍ଯ୍ୟ ନ ପାଇ ବେକାର ହୋଇ ରହିବା ସହ ପରିବାର ପ୍ରତିପୋଷଣ କରିବାରେ ଅସୁବିଧା ହୋଇଛି। ଏହି ଅନୁଷ୍ଠାନ ଟି ନୀଳଗିରି ଓ ବାହାନଗା ତହସିଲ ଅନ୍ତର୍ଗତ ହୋଇଥିବା ହେତୁ ଶିଳ୍ପାନୁଷ୍ଠାନର କର୍ତ୍ତୃପକ୍ଷ, କର୍ମଚାରୀ ଗଣେଶ ପରିଡା ବାହାନଗା ତହସିଲଦାର ଓ ବ୍ରିଜଗୋପାଲ କମ୍ପାନୀର ଅଧିକାରୀଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସମାଧାନ କରାଯାଇ ନଥିବା ଜଣା ପଡ଼ିଛି। ଫଳରେ ଶିଳ୍ପାନୁଷ୍ଠାନ ର ଶ୍ରମିକ ରଘୁନାଥ ମାରାଣ୍ଡି ସମେତ ଅନ୍ୟ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି।

## ନକଲି ପୁଲିସକୁ ବାନ୍ଧିଲା ଅସଲି

ବାହାନଗା,୧୬।୭ (ସମିସ) : ନକଲି ପୁଲିସକୁ ବାନ୍ଧିଲା ଅସଲି। ଗୋପାଳପୁର ଥାନା ଅଞ୍ଚଳରେ ଜଣେ ଯୁବକ ନିଜକୁ ଗୋପାଳପୁର ଥାନାର ଏଏସଆଇ ଦାବିକରି ଗ୍ରାମାଞ୍ଚଳରୁ ଲୋକଙ୍କୁ ଧମକ ଚମକ ଦେଇ ଟଙ୍କା ଆଦାୟ କରି ଆସୁଥିଲା। ଏମିତି କି ବ୍ୟକ୍ତି ଜଣକ



କେତେବେଳେ ହେଲମେଟ ଚେକିଂ ତ ଆଉ କେତେବେଳେ ଗାଁରେ ବଙ୍ଗୀୟ ମାଛ ଯାଆଁଳ ବ୍ୟବସାୟୀ ଏବଂ କୁକୁଡ଼ା ଗାଡିଠାରୁ ଧମକ ଚମକ ଦେଇ ଟଙ୍କା ଆଦାୟ କରି ସାମ୍ରାଜ୍ୟ ଚଳାଇ ଆସିଥିଲା। ଏ ନେଇ ଅଭିଯୋଗ ପାଇବା ପରେ ନକଲି ପୁଲିସକୁ ଧରିବା ପାଇଁ ଆକ୍ସନ ମୋଡକୁ ଆସିଥିଲେ ଗୋପାଳପୁର ଥାନା ଅଧିକାରୀ ଅଶୋକ ବାରିକ। ବିଭିନ୍ନ ସ୍ଥାନରୁ ଚଢ଼ାଉ କରି ଶେଷରେ ଏହି ଥାନା ଅଧୀନ ବରିପଦା ବାରିକ ସାହିର କରୁଣାକର ବାରିକ (୪୫)କୁ ଗୋପାଳପୁର ଥାନା ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ନିଜ ଫଟୋକୁ ଏଡିଟିଂ କରି ପୁଲିସ ପୋଷାକ ସହ ଯୋଡି ମୋବାଇଲ ସ୍କ୍ରିନରେ ରଖି ନିଜକୁ ପୁଲିସ ବୋଲି ଜାହିର କରି ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଆଦାୟ କରି ଆସୁଥିଲା। ଅଭିଯୁକ୍ତ କରୁଣାକର ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଗୋପାଳପୁର ଥାନା ଓଆଇସି ଅଶୋକ ବାରିକ ସୂଚନା ଦେଇଛନ୍ତି। କରୁଣାକର ପୂର୍ବରୁ ୨୦୨୨ ମସିହାରେ ସୁନା ଗହଣା ଚୋରୀ ଅଭିଯୋଗରେ ଗିରଫ ହୋଇଥିଲା।

## ଇଣ୍ଡିଆମେଣ୍ଟ ପକ୍ଷରୁ ପଥପ୍ରାନ୍ତ ସଭା

ନୀଳଗିରି, ୧୬।୭ (ସମିସ): ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା କାଲି ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡିଶା ବନ୍ଦ ଡାକରା ଦେଇଥିବା ବେଳେ ଏନେଇ ଆଜି ସନ୍ଧ୍ୟାରେ ନୀଳଗିରି ତିନିଟି ସ୍ଥାନ ହାଟଛକା, ଦୁର୍ଗାମଣ୍ଡପ ଏବଂ ବଡଦାଣ୍ଡ ଠାରେ ପଥପ୍ରାନ୍ତ ସଭା କରାଯାଇଥିଲା । ଓଡିଶା ବନ୍ଦକୁ ବ୍ଲକ ସ୍ତରୀୟ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପକ କରାଯିବା ସହିତ ଶାସକ ବିଜେପିକୁ ମେଣ୍ଟ ଘେରିବ, ତତସହିତ ସମ୍ପୃକ୍ତି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦେଇଛନ୍ତି । କିଷାନ କଂଗ୍ରେସ ରାଜ୍ୟ ଉପସଭାପତି ଯଶୋଦା ନନ୍ଦନ ସିଂହ, ବରିଷ୍ଠ କଂଗ୍ରେସ କର୍ମୀ ବିଶ୍ୱନାଥ ଦାସ, ନଗର ସଭାପତି ଉପେନ୍ଦ୍ର ବେହେରା, ସିପିଆଇ ଦଳର ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ସିପିଆଇ(ଏମ)ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟକୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ୍‌ର ସ୍ଥାପନା ଦିବସ

ବାଲେଶ୍ୱର,୧୬।୭ (ସମିସ): ଲାୟନ୍ସ କ୍ଲବର ୫୧ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏଥିରେ ପିଡିଜି ଲାୟନ ରଜନିଶ କୁମାର ମୁଖ୍ୟଅତିଥି ତଥା ସ୍ଥାପନା ପଦାଧିକାରୀ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାୟନ ଅଶୋକ କୁମାର ମହାନ୍ତି ଏବଂ ଲାୟନ ପ୍ରକାଶ ଜେନା ଯୋଗ ଦେଇଥିଲେ। ଏହି ସ୍ଥାପନା ଉତ୍ସବରେ ଲାୟନ ଶିବ କୁମାର ପୋଦ୍ଦାର ସଭାପତି ଭାବେ ନବ ନିଯୁକ୍ତି ହୋଇଥିଲେ। ସେହିପରି ଲାୟନ ରାଜେନ୍ଦ୍ର କୁମାର ଗୁପ୍ତା ଉପ-ସଭାପତି(୧), ଲାୟନ ରାଜେନ୍ଦ୍ର ମହାୱାର, ଉପ-ସଭାପତି(୨), ଲାୟନ ବିଷ୍ଣୁ ମାରୁ, ସମ୍ପାଦକ ଏବଂ ଲାୟନ ଶ୍ୟାମ ସୁନ୍ଦର ଖଣ୍ଡେଲୱାଲ କୋଷାଧକ୍ଷ ଭାବେ ନିଯୁକ୍ତି ହୋଇଥିଲେ। ନବ ନିଯୁକ୍ତ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ଉପସ୍ଥିତ ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ବାଲେଶ୍ୱର ଲାୟନ୍ସ କ୍ଲବ ଅଧିକରୁ ଅଧିକ ଜନ ହିତକାରୀ କାର୍ଯ୍ୟ କରି ସମାଜରେ ଥିବା ସବୁ ବର୍ଗର ଲୋକ ମାନଙ୍କୁ ସାହାଯ୍ୟ କରିବା ପାଇଁ ସଂକଳ୍ପ ବଦ୍ଧ ବୋଲି ନବ ନିଯୁକ୍ତ ସଭାପତି ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାୟନ୍ସ କ୍ଲବ ସେଣ୍ଟସିଟି, ଲାୟନ୍ସ କ୍ଲବ ଉମଙ୍ଗ, ଲାୟନ୍ସ କ୍ଲବ ମିତ୍ରପୁର, ଲାୟନ୍ସ କ୍ଲବ ଡାଇନାମିକ, ଲାୟନ୍ସ କ୍ଲବ ବାଲେଶ୍ୱର ଯୁଥ, ଲାୟନ୍ସ କ୍ଲବ ଏମପାୱାର, ଲାୟନ୍ସ କ୍ଲବ ଭଦ୍ରକ, ରୋଟାରୀ କ୍ଲବ, ମାରୱାରୀ ମହିଳା ମଞ୍ଚ, ମାରୱାରୀ ଯୁବ ମଞ୍ଚର ସଦସ୍ୟ ମାନେ ଯୋଗ ଦେଇଥିଲେ।

# ବାଲେଶ୍ୱର ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦ

ବାଲେଶ୍ୱର,୧୬।୭ (ସମିସ)




ବାଲେଶ୍ୱର ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦରେ ଆଜି ଅପରାହ୍ନରେ ସ୍ଥାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ଘଟଣାରେ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବାକୁ ଆଲୋଚନାଚକ୍ରରେ ଦୃଢ଼ଦାବି କରାଯାଇଛି। ବାଲେଶ୍ୱରର ଜନୈକ ବରିଷ୍ଠ ଓକିଲଙ୍କୁ ଥାନା ଭିତରେ ଆକ୍ରମଣ ଘଟଣା ଓ ବିରଳା ଟାୟାର୍ସ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ଦାବି ଉପରେ ଏକ ଜିଲ୍ଲାସ୍ତରୀୟ ସମାବେଶ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ମନୋଜ ନାୟକ ବାଲେଶ୍ୱରରେ ଗତ କିଛିଦିନ ଧରି ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ଘଟଣାଗୁଡ଼ିକୁ ଉପସ୍ଥାପିତ କରିଥିଲେ। ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ହୋମଗାଡର୍ ନିଯୁକ୍ତିରେ ବହୁ ଅର୍ଥସଂଗ୍ରହ କରିଥିବାର ଅଭିଯୋଗ ହେଉଛି ବୋଲି ଶ୍ରୀ ନାୟକ କହିଥିଲେ। ସୋସାଇଟିର ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ସୀତାରାମ ପ୍ରଧାନ ଓ ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଶ୍ରମିକନେତା ପ୍ରଦୀପ୍ତ ପଣ୍ଡା ବର୍ତମାନ ସରକାରୀ କଳ ଓ ସରକାରୀ ଦଳର ଅପାରଗତା କାରଣରୁ ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ିଥିବାର ମୂଳ କାରଣ ବୋଲି କହିଥିଲେ। ଏହି ବୈଠକରେ ଦାମୋଦର ନାୟକ, ସଂଜୀବ ଗିରି, ନିର୍ମଳ ନାୟକ, ଅରୁଣ ଜେନା, ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପଣ୍ଡା, ସୁଧାଂଶୁ ଦାସ, ପ୍ରିୟବ୍ରତ ନାୟକ, ତୁଷାର ମହାପାତ୍ର, ଦେବାଶିଷ ସିଂହ, ମଳୟ ରାୟ, ପ୍ରଜ୍ଞାପାରମିତା ବିଶ୍ୱାଳ, ବେଣୁଧର ସାହୁ, ମିନତୀ ଦାସ, ସୁପ୍ରୀତି ପଣ୍ଡା,

**ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ବଦଳି ଦାବି**

ସନ୍ତୋଷ ସାହୁ, ରାଜେନ୍ଦ୍ର ପଣ୍ଡା, ସୋମନାଥ ନାୟକ, ମହମ୍ମଦ ଇକବାଲ, ଭରତ ସେଠୀ, ସେକ୍ ଭୋଲା, ଶ୍ୟାମସୁନ୍ଦର ଜେନା, ଦେବେନ୍ଦ୍ର ଧଳ ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ତୁରନ୍ତ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ବଦଳି ପାଇଁ ଦୃଢ଼ ଦାବି କରିଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ବାଲିଆପାଳରେ ବର୍ଷା ବିପ୍ରାତ

କାଳିପଦା, ୧୬।୭ (ସମିସ): ବାଲିଆପାଳରେ କେତେଦିନ ହେବ ବନ୍ୟା ବିପ୍ରାତ ଲାଗି ରହିଥିବା ବେଳେ ଆଜି ବର୍ଷା ବିପ୍ରାତ ଅଧିକ ହୋଇଛି। ଆଜି ପୂର୍ବାହ୍ନରୁ ବର୍ଷା ସହ ଘଡ ଘଡି ପ୍ରାୟେ ଦୁଇ ଘଣ୍ଟା ଧରି ଲାଗି ରହିଥିଲା। ବର୍ଷା ଯୋଗୁଁ ଚାଷ ଜମିରେ ଏକ ଫୁଟ ପାଣି ଜମି ରହିଛି। ଖରିଫ ଧାନ ତଳି ପାଣିରେ ବୁଡି ରହିଛି। ଷୋଳସା, ଚାନ୍ଦମଣୀ, କାଳନ୍ଦା, ମଧୁପୁରା, ଚୌମୁଖ, ବଡାଶ ଆଦି ପାଣ୍ଡ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ବର୍ଷା ଓ ଘଡ ଘଡି ଯୋଗୁଁ କେତେକ ଜାଗାରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବର୍ଷା ଯୋଗୁଁ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମ କୁଣ୍ଡା ଆଦି ବନ୍ୟା ପ୍ଲାବିତ ଗାଁ ଗୁଡିକର ଦୁର୍ଦ୍ଦଶା କହିଲେ ନ ସରେ। ଲୋକେ ଘରୁ ବାହାରି ପାରୁ ନାହାଁନ୍ତି। ସବୁଠି ପାଣି ଓ କାଦ ପଚ ପଚ। ବନ୍ୟା ଓ ବର୍ଷା ଆଉ ଅଧିକ ଦିନ ଲାଗି ରହିଲେ ପରିସ୍ଥିତି ସଙ୍ଗିନୀ ହେବ ବୋଲି ଲୋକ କହିଛନ୍ତି।

## ଆଜି ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ର ଧର୍ମଘଟ

ବାଲେଶ୍ୱର,୧୬।୭ (ସମିସ): ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀ ଓ ନାରୀମାନଙ୍କ ଉପରେ ନିର୍ଯ୍ୟାତନା, ଦୁଷ୍କର୍ମ, ଅସଦାଚରଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଘଟଣା ମଧ୍ୟ ଠିକ ସେହପରି। ଏଣୁ ତାଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ଏଆଇଡିଏସଓ ପକ୍ଷରୁ ଗୁରୁବାର ୧୭ ତାରିଖରେ ସାରା ଓଡ଼ିଶା ଛାତ୍ର ଧର୍ମଘଟକୁ ସଫଳ କରିବା ପାଇଁ ଛାତ୍ରଛାତ୍ରୀ, ଯୁବ, ମହିଳା, ଶିକ୍ଷକ, ବୁଦ୍ଧିଜୀବୀ ତଥା ସମସ୍ତ ସ୍ତରର ଜନଗଣଙ୍କୁ ସଙ୍ଗଠନ ପକ୍ଷରୁ ଆହ୍ୱାନ ଜଣାଇଛନ୍ତି।

## ବନ୍ଧ ଭାଙ୍ଗିବାସ୍ଥଳ ପରିଦର୍ଶନ କଲେ ତହସିଲଦାର

ତୁରୁମୁଙ୍ଗା, ୧୬।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପୁଟୁଳିଆ ଗ୍ରାମର ଗହମ ବନ୍ଧ କାର୍ଯ୍ୟର ଉନ୍ନତି ପାଇଁ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା କାମ ନିମ୍ନମାନର ଯୋଗୁଁ ତାହା ଭୁଶୁଡ଼ି ପଡ଼ିଛି। ଠିକାଦାର ବନ୍ଧ ଘାଇରେ ଅଳ୍ପ ମାଟି ପକାଇ ଥିବାରୁ ଲଗାଣ ବର୍ଷା ଯୋଗୁଁ ଘାଇଟି ଭାଙ୍ଗିଯିବାରୁ ୧୮ ଜଣ ଚାଷୀଙ୍କ ରୁଆ ଜମି ଜଳମଗ୍ନ ହେବା ସହ ଜମିରେ ମାଟିବାଲି ପୋତି ହୋଇଯାଇଛି। ଏନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ



କ୍ଷତିପୂରଣ ଯୋଗାଇ ଦେବାସହ ବନ୍ଧ କାର୍ଯ୍ୟର ତଦନ୍ତ ଦାବି କରି ବୁଧବାର ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ପାଟଣା ତହସିଲଦାର ଅଶ୍ୱିନୀ ନାଏକ ଘଟଣାସ୍ଥଳ ପରିଦର୍ଶନ କରି ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ ପାଟଣା ଆରଆଇଙ୍କୁ ନିର୍ଦ୍ଦେଶ ଦେବା ସହ ଯନ୍ତ୍ରୀଙ୍କୁ ଘାଇ ପୋତିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଧପନ୍ତରିଆ ହୋଇରହିଥିବା କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ




ଯୋଡ଼ା, ୧୬।୭(ସମିସ): ଚମ୍ପୁଆ ରେଞ୍ଜ ବାମେବାରୀ ଫରେଷ୍ଟ ସେକ୍ସନ ଆନୁକୂଲ୍ୟରେ “ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ସନ୍ତୁଳନ ଏବଂ ଜନସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଗାମୀ ପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ମଣ୍ଡଳ ବିଜେପି ସଭାପତି ଶ୍ରୀଯୁକ୍ତ ବୃନ୍ଦାବନ ମହାନ୍ତଙ୍କ ସଭାପତିତ୍ୱରେ ବାମେବାରୀ ସେକ୍ସନ ଫରେଷ୍ଟର ବୁଲୁ ନାହାକ ପୂର୍ବତନ ଫରେଷ୍ଟର ରାଜେନ୍ଦ୍ର ଜେନା, ମିତ୍ରଭାନୁ ନାଏକ, ଜ୍ଞାନରଞ୍ଜନ କର, ସୁବ୍ରତ ପାତ୍ର, ସହିତ ନୟାଗଡ଼ ପଞ୍ଚାୟତର ସରପଞ୍ଚ ସୁରେଶ କାଣ୍ଡି, ବଡ଼ କାଳିମାଟି ସରପଞ୍ଚ ପାନପତି ମୁଣ୍ଡା, ସମିତିସଭ୍ୟା ଅଷ୍ଟମୀ ମୁଣ୍ଡା, ମଲଦା ସରପଞ୍ଚ ଦିବାକର ନାଏକ, ସମିତିସଭ୍ୟା ଗୀତା ବାରିକ, ନୟାଗଡର ଗଗନ ନାଏକ ସହ ତିନି ପଞ୍ଚାୟତର ଶତାଧିକ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କିସମର ପ୍ରାୟ ଶହେ ଚାରା ବଣ୍ଟନ କରିବା ସହ ବଡ଼ କାଳିମାଟି ପଞ୍ଚାୟତ ଅଫିସ ପରିସରରେ ବୃକ୍ଷ ରୋପଣ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତକୁ ଚାରାଗଛ ଯୋଗାଇ ଦେବା ପାଇଁ ବନ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

## ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ବିକ୍ଷୋଭ



ବାରିପଦା, ୧୬।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦାରେ ଥିବା ମହିଳା କଲେଜ, ଶ୍ରୀମା କଲେଜ, ବାରିପଦା କଲେଜ ସମେତ ଏଠାରେ ଥିବା ବିଭିନ୍ନ କଲେଜ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୋଷୀ ଅଧ୍ୟାପକଙ୍କୁ ତୁରନ୍ତ ଫାଶୀ ପ୍ରଦାନ ଦାବି ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବି କରାଯାଇଛି। ଛାତ୍ରୀ ସୌମ୍ୟାଶ୍ରୀ ବିଶି ନିଜ ବିଭାଗର ମୁଖ୍ୟ ଅଧ୍ୟାପକ ଦ୍ୱାରା ନିର୍ଯାତନା ସହି ନ ପାରି କଲେଜ ପ୍ରଶାସନଠୁ ଆରମ୍ଭ କରି ସ୍ଥାନୀୟ ବିଧାୟକ, ସାଂସଦ, ପୁଲିସ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ପାଖରେ ନ୍ୟାୟ ଭିକ୍ଷା କରିବା ପରେ ବି ନିରାଶ ହୋଇଥିଲେ। ଫଳରେ ସେ ବାଧ୍ୟହୋଇ ଶେଷରେ ନିଜ ଦେହରେ ପେଟ୍ରୋଲ ଢାଳି ଆଳଦାହ ଭଳି ଚରମ ନିଷ୍ପତି ନେଇ ଆତ୍ମଦାହ କରି ମୃତ୍ୟୁବରଣ କରିଛନ୍ତି। ବିକ୍ଷୋଭରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ସୁଭଦ୍ରା ସିଂ, ଅବିନାଶ ମାରାଣ୍ଡି, ପପୁ ମୁର୍ମୁ, ବିଶୁ ମୁର୍ମୁ, ପଦ୍ମଲୋଚନ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

## ଡାକ୍ତରଖାନା ସରକାରୀ କ୍ୱାଟର୍ସ ଜରାଜୀର୍ଣ୍ଣ

କରଞ୍ଜିଆ, ୧୬।୭(ସମିସ): କରଞ୍ଜିଆ ସରକାରୀ ଡାକ୍ତରଖାନା ଉପରେ କରଞ୍ଜିଆ ବ୍ଲକ କେନ୍ଦୁଝରର କିଛି ଅଞ୍ଚଳ ଓ ଝାଡଖଣ୍ଡର ଅଞ୍ଚଳବାସୀ ନିର୍ଭରଶୀଳ। ଏବେ ଡାକ୍ତରଖାନାର ଅନେକ ଉନ୍ନତିକରଣ କରାଯାଇଛି; ହେଲେ କିଛି ବର୍ଷ ଆଗରୁ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ସରକାରୀ କ୍ୱାର୍ଟରଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗୃହଗୁଡିକ ଏପରି ବିପଦସଂକୁଳ ହୋଇଛି ଯେ ଏଠାରେ ଡାକ୍ତର ରହିବାକୁ ନିରାପଦ ମଣୁନାହାନ୍ତି। ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ସୁଲୋଚନା ନାୟକ ରହୁଥିବା କ୍ୱାର୍ଟରକୁ ତାରପୋଲିନ ଘୋଡାଯାଇଛି। ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଗୃହର ଅନେକ ଅଂଶ



ନଷ୍ଟ ହୋଇଗଲାଣି। ଝରକା ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କବାଟ ଗୁଡିକ ଠିକ ଭାବରେ ଲାଗୁନାହିଁ। ଘରର ଛାତରୁ ସବୁବେଳେ ପାଣି ଗଳୁଛି। କାନ୍ଥ ଗୁଡିକ ଭିଜିଯାଇଥିବାରୁ ହାତ ମାରିଲେ ବିଦ୍ୟୁତ୍ ମାରୁଛି। ଘରର ଆସବାବପତ୍ର ସବୁ ଭିଜି ଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଠିକାଦାର ଅତି ନିମନ୍ନମାନର କାଯ୍ୟ କରିଥିବାରୁ ଘଟଣାର ତଦନ୍ତ ଦାବି ହେଉଛି। ବର୍ତ୍ତମାନ ଘର ଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଛି। କେତେବେଳେ କଣ ଅଘଟଣ ଘଟିବ କହିହେବନାହିଁ। ଏଣୁ ତୁରନ୍ତ ଡାକ୍ତର ରହୁଥିବା କ୍ୱାର୍ଟସଗୁଡିକୁ ମରାମତି କରିବାକୁ ଦାବି ହେଉଛି।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେବ ପାଲବଣି ଘାଟିରାସ୍ତା

ହାଟଡିହି/ଶରତ,୧୬।୭(ସମିସ):

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ କେ. ବାଲିଆପାଳ ଗ୍ରାମ ପଞ୍ଚାୟତ ପାଲବଣି ଗ୍ରାମକୁ ଲାଗି ଥିବା ପାହାଡକୁ ପାଲବଣି ଘାଟି ବୋଲି କୁହାଯାଉଛି। ଏହା ଆନ୍ଦପୁର ଉପଖଣ୍ଡର ସବୁଠୁ ଅନୁନ୍ନତ, ପଛୁଆ ଏବଂ ଅବହେଳିତ ଅଞ୍ଚଳ। ଉକ୍ତ ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ କି ମୋବାଇଲ ନେଟୱାର୍କ ସ୍ୱପ୍ନ ହୋଇଛି। ଯଦି କେହି ବାଲିଆପାଳ ଗ୍ରାମ ପଞ୍ଚାୟତ ଏବଂ ପାଲବଣି ଗ୍ରାମ କେନ୍ଦୁଝର ଜିଲ୍ଲାରେ ଆସୁଛି; କିନ୍ତୁ ସେଠାକାର ଜନସାଧାରଣ ଆଜି ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଶରତ ବଜାର ଉପରେ ସେମାନେ ସର୍ବଦା ନିର୍ଭରଶୀଳ। କାରଣ, ମୟୂରଭଞ୍ଜ ଜିଲ୍ଲା ଏବଂ କେନ୍ଦୁଝର ଜିଲ୍ଲାକୁ ଏହି ପାଲବଣି ଘାଟି ସଂଯୋଗ କରୁଛି। ଲୋକେ ସାମଗ୍ରୀ କିଣିବା ପାଇଁ ମୁଖ୍ୟତଃ ଶରତ ହାଟ ଏବଂ ବଜାର ଉପରେ ନିର୍ଭର କରନ୍ତି। ଏଠିକାର ଆଦିମ ଜନଜାତି ଆଜି ମଧ୍ୟ ଶିକ୍ଷା ଓ ସଭ୍ୟତା ଠାରୁ ବହୁ ଦୂରରେ ରହିଛନ୍ତି। ଦୈନନ୍ଦିନ ସାମଗ୍ରୀ ପାଇଁ ପାଲବଣି ଘାଟି ଚାଲି ଚାଲି ଯିବାକୁ ପଡେ ଶରତ ବଜାର ପର୍ଯ୍ୟନ୍ତ। ଚଳିତ ବର୍ଷ ଜାନୁଆରୀ ମାସ ୨୬ ତାରିଖରେ ସେହି ପାହାଡ଼ ରାସ୍ତାରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ ସ୍କୁଟି ଯୋଗେ ପାଲବଣି ଗ୍ରାମକୁ ଯାଇଥିଲେ। ସେଠାରେ ଥିବା ପାହାଡ଼ରେ ଆଦିବାସୀମାନେ କଷ୍ଟ କରି ପାହାଡ଼ ଚଢ଼ି ଚଢ଼ି ଶରତ ବଜାର ପର୍ଯ୍ୟନ୍ତ ଯାଉଥିବା ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ସେ ପାହାଡ ଚଢିବା ଭିଡିଓ ଉତ୍ତୋଳନ କରି ତାଙ୍କ ଟ୍ୱିଟରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିଥିଲେ। ଟୁଇଟର ଦ୍ୱାରା ଦିଆଯାଇଥିବା ଅଭିଯୋଗକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପଞ୍ଜୀକରଣ କରିଛନ୍ତି। ଅଭିଯୋଗ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ନିମନ୍ତେ ୧୦.୪.୨୦୨୫ରେ କେନ୍ଦୁଝର ଜିଲ୍ଲାପାଳ ଏବଂ ହାଟଡିହି ବ୍ଲକ ବିଡ଼ିଓଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହାଟଡିହି ବ୍ଲକ ବିଡ଼ିଓ ଏହାର ତଦନ୍ତ କରି ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିଛନ୍ତି। ଅଭିଯୋଗର ତଦନ୍ତ ରିପୋର୍ଟ ଆଜି ଶ୍ରୀ ଗାମାଏ ଗୋଇପାଇଙ୍କୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗଙ୍କ ଟୁଇଟର ଆକାଉଣ୍ଟ ଯୋଗେ ଆଜି ତାହାର ଜବାବ ଦିଆଯାଇଛି। ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ଯୋଜନାରେ ରାସ୍ତା ନିର୍ମାଣ ହେବା ଖବର ଶୁଣି ଉକ୍ତ ଅଞ୍ଚଳର ଲୋକେ ଅତ୍ୟନ୍ତ ଉତ୍ସାହିତ ଏବଂ ଆନନ୍ଦିତ ହୋଇଥିବା ଖବର ହସ୍ତଗତ ହୋଇଛି।

## ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ରାସଗୋବିନ୍ଦପୁର, ୧୬।୭(ସମିସ): ରାସଗୋବିନ୍ଦପୁର ବ୍ଲକ ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସର୍ବପୁରାତନ। ଏହି ମହାବିଦ୍ୟାଳୟ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ନେଇ ଆଜି ମହାବିଦ୍ୟାଳୟର ନବ ନିଯୁକ୍ତ ଅଧ୍ୟକ୍ଷ ଡ଼ଃ ସଂଜୀବ କୁମାର ନାୟକଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖରେ ଏକ ସାଧାରଣ ଆଲୋଚନା ବୈଠକ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ବୈଠକରେ ମହାବିଦ୍ୟାଳୟ ର ସମସ୍ତ ପୁରାତନ ଅଧ୍ୟକ୍ଷ, ପ୍ରାଧ୍ୟାପକ, ଅଧ୍ୟାପକ, ଛାତ୍ର ସଂସଦର ସମସ୍ତ ପ୍ରାକ୍ତନ ଛାତ୍ରନେତା, ଛାତ୍ରଛାତ୍ରୀଙ୍କୁ ଯୋଗ ଦେବା ପାଇଁ ଅଧ୍ୟକ୍ଷ ଡ଼ଃ ନାୟକ ନିବେଦନ କରିବା ସହିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ କିପରି ସୁଚାରୁ ରୂପେ ସମାପନ କରାଯିବ ସେ ନିମନ୍ତେ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରିଛନ୍ତି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସଫଳତା

କୁଆମରା,୧୬।୭(ସମିସ): ଉତ୍କଳ ଶିକ୍ଷା ପରିଷଦ ଓଡିଶା ତରଫରୁ ୨୦୨୪-୨୫ ଶିକ୍ଷା ବର୍ଷର ଅନୁଷ୍ଠିତ ହୋଇଥିବା ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବେଶ୍ ସଫଳତା ଲାଭ କରିଛି। ଉକ୍ତ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀର ଛାତ୍ରୀ ଜୟସ୍ମିତା ମିଶ୍ର, ପଞ୍ଚମ ଶ୍ରେଣୀର ଅଞ୍ଜଳି ଦାସ ଓ ସାଇ ସ୍ନିଗ୍ଧା ପଣ୍ଡା ଓ ଛାତ୍ର ଗିରିଜା ଶଙ୍କର ମହାରଣା, ତୃତୀୟ ଶ୍ରେଣୀର ଛାତ୍ର ଆରିତଲ ନାୟକ, ପ୍ରତ୍ୟୁଷ କୁମାର ବାରିକ, ଦେବସ୍ମିତା ଜେନା ସଫଳତା ପାଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମାନନ୍ଦ ବେହେରା ଓ ପ୍ରଧାନ ଗୁରୁଜୀ ଜ୍ଞାନରଞ୍ଜନ ପଣ୍ଡା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଦାବିପତ୍ର

ବଡ଼ସାହି,୧୬।୭(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ପେନସନରଙ୍କ ଦ୍ୱାରା ରାଜ୍ୟ ସ୍ତରରେ ବହୁବାର ଉପସ୍ଥାପିତ ହୋଇଆସୁଥିବା ବିଭିନ୍ନ ସମସ୍ୟା ଓ ଦାବିର ସମାଧାନ ଓ ପରିପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଚିକିତ୍ସା ଭତ୍ତାର ବ୍ୟବସ୍ଥା, ଆମ ବସ୍ ଭଳି ରାଜ୍ୟର ସରକାରୀ ଓ ବେସରକାରୀ ବସ୍ ତଥା ରେଳ ଯାତ୍ରାରେ ଭଡ଼ାର ୫୦ପ୍ରତିଶତ ରିହାତି ପ୍ରଦାନ, କରୋନା ସମୟରେ ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ, ପୂର୍ବ ଭଳି ସାଧାରଣ ଅଭିଯୋଗ ଓ ପେନସନ୍ ବିଭାଗର ପୁନଃ କାର୍ଯ୍ୟକାରିତା, ଏନ୍‌ପିଏସ୍/ୟୁପିଏସ୍‌ର ଉଚ୍ଛେଦ ସହ ପୁଣି ଓପିଏସ୍‌ର ପ୍ରଚଳନ, ୬୫ବର୍ଷରୁ ଅତିରିକ୍ତ ପେନସନ ମଞ୍ଜୁରୀ ଆଦି ରହିଛି। ସଂଘର ସଭାପତି ରଣଜିତ୍ କୁମାର ଦାସଙ୍କ ନେତୃତ୍ୱରେ ସମ୍ପାଦକ ସନ୍ତୋଷ କୁମାର ବେହେରା ଓ ସହସମ୍ପାଦକ ଅନନ୍ତ କୁମାର ଶତପଥୀ, ଉପସଭାନେତ୍ରୀ ସୁବାସିନୀ ପତି, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର ଓ ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ମୁଖପାତ୍ର ତଥା ସଂଯୋଜକ ସଚୀନ୍ଦ୍ର କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଥିଲା।





ତୁରୁମୁଙ୍ଗା: ଲଗାଣ ବର୍ଷାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ପାଟନାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ଖସିପଡ଼ିଛି।

## ମୁକୁଳା ଟ୍ରାନ୍ସଫର୍ମର; ଅସୁରକ୍ଷିତ ଅଞ୍ଚଳବାସୀ



ବେଲବାହାଲି,୧୬।୭(ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ସର୍କଲ ଆଗର୍ଦ୍ଦା ଗ୍ରାମର ଉପରସାହି ହନୁମାନ ମନ୍ଦିର ନିକଟରେ ବିପଦପୂର୍ଣ୍ଣ ଭାବେ ପଡ଼ିରହିଛି ମୁକୁଳା ଟ୍ରାନ୍ସଫର୍ମର। ରାଜ୍ୟ ସରକାର ଟିପିଏନଓଡିଏଲକୁ ବିଦ୍ୟୁତ ଆବଣ୍ଟନ ହସ୍ତାନ୍ତର କରିସାରିବା ପରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ରାମଚନ୍ଦ୍ରପୁର ସର୍କଲରେ ଦୀର୍ଘବର୍ଷ ଧରି ଏହି ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଏହି ରାସ୍ତା ଖେଳପଡିଆ ସଂଲଗ୍ନ ଜନବସତି ହୋଇଥିବାରୁ ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଏହାର ଚତୁପାର୍ଶ୍ୱ ଖୋଲାମେଲା ପଡ଼ିଛି। ଚାରିପଟେ ଅନାବନା ତୃଣଜାତୀୟ ଗଛ ପରିପୂର୍ଣ୍ଣ ରହିଛି। ଯାହାଫଳରେ ଧନଜୀବନ ହାନି ଆଶଙ୍କା ରହୁଛି। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସୁରକ୍ଷା ବାଡ଼ା ଲାଗି ପାରିନାହିଁ। ତୁରନ୍ତ ଏ ଦିଗରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଘସିପୁରା ଥାନାରୁ ଏତଲା ଗାଏବ୍

ଆନନ୍ଦପୁର, ୧୬।୭(ସମିସ): ରିପୋର୍ଟ କରିବାର ୨୦ ଦିନ ପର୍ଯ୍ୟନ୍ତ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ବେଳେ ଏବେ ଏହି ଏତଲା ଘସିପୁରା ଥାନାରୁ ଉଭାନ ହୋଇଯିବା ଘଟଣା ପୁଲିସ ବିଭାଗର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସ୍ଥାନୀୟ ଦେଓଗାଁ ଶ୍ରୀକୁଶଳେଶ୍ୱର ମନ୍ଦିରରେ ଯଜ୍ଞ କମିଟିର ବୈଠକ ଚାଲିଥିବା ବେଳେ ଜଣେ ଯୁବକ ଗାଳିଗୁଲଜ କରିବା ସହ କମିଟି କର୍ମକର୍ତ୍ତାଙ୍କୁ ମାଡ ମାରିବା ଉଦ୍ୟମ କରିଥିଲା। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ଯୁବକଙ୍କ ମାଡ଼ରେ ସେହି ଗ୍ରାମର ଚିତ୍ତରଞ୍ଜନ ପତି ଆହତ ହୋଇଗତ ଜୁନ ମାସ ୨୬ ତାରିଖରେ ପୁଲିସକୁ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରି କମିଟି କର୍ମକର୍ତ୍ତା ଘସିପୁରା ଥାନାରେ ହାଜର ହୋଇଥିଲେ। ଦିଆଯାଇଥିବା ଏତଲା ଥାନାରେ ମିଳୁ ନଥିବାରୁ ଆଉଥରେ ଲିଖିତ ଅଭିଯୋଗ ଦିଅନ୍ତୁ ବୋଲି ପୁଲିସ କହିବା ଘଟଣା ସର୍ବତ୍ର ଆଲୋଚନାର ବିଷୟ ହୋଇଛି। ଏନେଇ ପୁଲିସ ଏସଡିପିଓ ପ୍ରଶାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଶିକ୍ଷାନୁଷ୍ଠାନ ପରିଦର୍ଶନ

ବହଳଦା, ୧୬।୭(ସମିସ): ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ଓ ଜିଲ୍ଲା ସ୍ତରୀୟ ଶିକ୍ଷା ପରିଦର୍ଶନ କମିଟି ବହଳଦା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଝରାଡିହି ସରକାରୀ ପିଏଶ୍ରୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଝରାଡିହିକୁ ପରିଦର୍ଶନରେ ଯାଇ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ପାଠ୍ୟ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ପିଏମ୍ ପୋଷଣ ମାଧ୍ୟାହ୍ନ ଭୋଜନର ମାନ ମଧ୍ୟ ପରଖିଥିଲେ। କିଛିଦିନ ତଳେ ବିଦ୍ୟାଳୟର ମାଧ୍ୟାହ୍ନ ଭୋଜନ ରୋଷେଇ ଗୃହ ଓ ହାୟର ସେକେଣ୍ଡାରୀ ବିଦ୍ୟାଳୟର ପାଚେରୀ ଲଗାଣ ବର୍ଷାରେ ଭାଙ୍ଗିଥିବା ଘଟଣା ସମ୍ବନ୍ଧରେ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଭଗ୍ନାବଶେଷ ରୋଷେଇ ଗୃହ ଓ ପାଚେରୀ ପରିଦର୍ଶନ କରିଥିଲେ। ପରେ ନିର୍ମାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହୋଇପାରିବ ସେନେଇ ବହଳଦା ବ୍ଲକର ବୈଷୟିକ ପରାମର୍ଶଦାତା ତାପସ କୁମାର ଦାସଙ୍କ ସହ ଆଲୋଚନା କରିଥିଲେ।



ତାପରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ୍ ପେଡ୍ ମାଆ କେ ନାମ୍ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ଓ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ, ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା, ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବୃହସ୍ପତି ବେହେରା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ, ସ୍କାଉଟ ଓ ଗାଇଡସ୍‌ର ବରିଷ୍ଠ ଶିକ୍ଷୟିତ୍ରୀ ଧରିତ୍ରୀ ବେହେରା, ଦେବକୀ ଗୋପାଳ, ଶିକ୍ଷକ ରଘୁନାଥ ମାଝୀ, ଶିବାନୀ ଶଙ୍କର ଦାସ, ପ୍ରଶାନ୍ତ କୁମାର ମହାନ୍ତ, ସାଗିନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଜୁନିୟର ରେଡକ୍ରସ କାଉନସିଲର ମିତା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଳତି ମିନି ଷ୍ଟାଡିୟମ୍‌ରେ ଗାଈଗୋରୁଙ୍କ ଅବାଧ ପ୍ରବେଶ

ରାମଚନ୍ଦ୍ରପୁର, ୧୬।୭(ସମିସ):

ଗ୍ରାମାଞ୍ଚଳରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ କରିବାକୁ ଗତ ସରକାର ଅମଳରେ ବହୁମୁଖୀ ଯୋଜନାର କ୍ରିୟାନ୍ୱୟନ ଚାଲିଥିଲା। ବିଶେଷ କରି ସ୍କୁଲରେ ସ୍ତରରେ ଉନ୍ନତ ଖେଳ ପଡିଆ, ଆନୁଷଙ୍ଗିକ ଖେଳ ସାମଗ୍ରୀ ଯୋଗାଇ ଦେଇ ଏ କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ସରକାର ପରିବର୍ତ୍ତନ ପରେ ଏବେ ଏସବୁ ସ୍ଥାଣୁ ପାଲଟି ଯାଇଛି। ବିଦ୍ୟାଳୟ ପଡ଼ିଆଗୁଡ଼ିକ ଗାଈଗୋରୁଙ୍କ ଚାରଣ ଭୂଇଁ ପାଲଟିଛି ତ ଆଉ କେଉଁଠି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏନେଇ ନା ଜିଲ୍ଲା ପ୍ରଶାସନ କି ପଞ୍ଚାୟତ କର୍ତ୍ତୃପକ୍ଷ ସଚେତନ ଅଛନ୍ତି। କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଜିଲ୍ଲାର ଆଗଧାଡ଼ିରେ ରହିଥିବା ଘସିପୁରା ବ୍ଲକ ଅଳତି ଡିଏନ ବିଦ୍ୟାପୀଠରେ



ଅଧ୍ୟୟନରତ ପିଲାଙ୍କ ପାଇଁ ଉତ୍ତମ ଖେଳ ପଡ଼ିଆଟିଏ ନାହିଁ। ଖେଳ ପଡିଆକୁ ଘସିପୁରା ବ୍ଲକର ମିନି ଷ୍ଟାଡିୟମ୍ ଭାବେ ମାନ୍ୟତା ମିଳିଛି; ମାତ୍ର ଏହାର ଦୁରବସ୍ଥା ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏଠାରେ ଅନେକ ସମୟରେ ଜୋନ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଖେଳକୁଦ ଏବଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। କେନ୍ଦୁଝର ଜିଲ୍ଲାର ଏହି ପୁରାତନ ବିଦ୍ୟାଳୟର ଷ୍ଟାଡିୟମଟିର ବିକାଶ ହୋଇପାରୁ ନାହିଁ। ରକ୍ଷଣା ବେକ୍ଷଣ ଅଭାବରୁ ଖେଳ ପଡିଆ ଏବେ ଶ୍ରୀହୀନ ହୋଇ ପଡ଼ିଥିବା ବେଳେ ବୁଲା ଗୋରୁଗାଈ ଅବାଧରେ ପଶି ଚରାବୁଲା କରୁଛନ୍ତି। ପଡ଼ିଆ ଭିତରେ ଗୋରୁଗାଈଙ୍କ ଖୁରାରେ ଗର୍ତ୍ତ ସୃଷ୍ଟି ହୋଇଥିବା ନଜରକୁ ଆସୁଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଆନନ୍ଦପୁର କଲେଜ ଆଭ୍ୟନ୍ତରୀଣ କମିଟି ଗଠିତ

ଆନନ୍ଦପୁର, ୧୬।୭ (ସମିସ): ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଟି (ୟୁଜିସି) ନିର୍ଦ୍ଦେଶରେ ଆଜି ଆନନ୍ଦପୁର ମହାବିଦ୍ୟାଳୟରେ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଶ୍ରୀଲେଖା ସାହୁ, ଡ. ନିମାଇଁ ଚରଣ ରାଉତ, ଭାରତୀ ସାହୁ, କର୍ମଚାରୀ ଲକ୍ଷ୍ମଣ ପାତ୍ର, ପୁଷ୍ପଲତା ରାମ ଓ ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର ଏହି କମିଟିକୁ ମନୋନୀତ ହୋଇଛନ୍ତି। ଖୁବଶୀଘ୍ର ଏହି କମିଟିର ବୈଠକ କରାଯାଇ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ସମସ୍ୟାର ତଦାରଖ କରାଯିବ ବୋଲି ଜଣାଯାଇଛି।



# ଗାଜା ଫୁଡ୍ ସେଣ୍ଟରରେ ଦଳାଚକଟା; ୪୩ ମୃତ




ଗାଜା, ୧୬ ।୭ (ଏଜେନ୍ସି): ଗାଜାରେ ପୁଣି ଏକ ଅଘଟଣ ଘଟିଛି । ବୁଧବାର ଖାନ ୟୁନିସ୍‌ଠାରେ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ହୋଇଥିବା ଦଳାଚକଟାରେ ୪୩ଜଣ ମୃତ୍ୟୁବରଣ କରିଛନ୍ତି । ୨୧ ଜଣ ବ୍ୟକ୍ତି ଖାଦ୍ୟ ନେବାକୁ ପ୍ରୟାସ କରୁଥିବା ବେଳେ ପ୍ରାଣ ହରାଇଛନ୍ତି । ସେହିପରି ଅନ୍ୟ ୧୫ ଜଣ ଦଳାଚକଟାରେ ଜୀବନ ହାରିଛନ୍ତି । ଗାଜାର ହ୍ୟୁମାନଟାରିଆନ ଫାଉଣ୍ଡେସନ (ଜିଏଚ୍‌ଏଫ୍)ରେ ଏହି ଅଘଟଣ ଘଟିଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି । ଜାଣିଶୁଣି ଇସ୍ରାଏଲ ଓ ଆମେରିକା ଭୋକିଲା ଲୋକଙ୍କ ନରସଂହାର କରୁଛି ବୋଲି ମନ୍ତ୍ରଣାଳୟ ଅଭିଯୋଗ ଆଣିଛି । ଏହି ଘଟଣାରେ ହମାସ ସହିତ ଜଡିତ ଲୋକମାନେ ମଧ୍ୟ ହିଂସା ସୃଷ୍ଟି କରିଥିଲେ ବୋଲି ଅଭିଯୋଗ କରାଯାଇଛି । ପୂର୍ବରୁ ଜିଏଚ୍‌ଏଫ୍‌କୁ ଏକ ମୃତ୍ୟୁ ଜନ୍ତା ବୋଲି ଜାତିସଂଘ ତରଫରୁ କୁହାଯାଉଛି । ଏହି ଫୁଡ୍ ସେଣ୍ଟର ଓ ଏହାର ଆଖାପାଖ ଅଞ୍ଚଳରେ ୮୭୦ଜଣ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି ।

### ଲଦାଖରେ ଖାଇକୁ ଖସିଲା ମିନି ବସ୍

# ୨ ମୃତ, ୮ ଗୁରୁତର ଆହତ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଲଦାଖର କାରିଗିଲ ଜିଲ୍ଲାର ଗୁମରିରେ ବୁଧବାର ସାକାଳେ ଏକ ମିନି ବସ ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଫଳରେ ୨ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି ଓ ୮ଜଣ ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ୬ଜଣ ସାମନ୍ୟ ରୂପେ ଆହତ ହୋଇଛନ୍ତି । ତେବେ ବସ୍ ଡ୍ରାଇଭର ସୁରକ୍ଷତି ଭାବେ ବର୍ତ୍ତି ଯାଇଛନ୍ତି । ଏହି ମିନି ବସରେ ୧୭ ଜଣ ଦ୍ରାସ ସେକ୍ଟରକୁ ଯାତ୍ରା କରୁଥିଲେ । କିନ୍ତୁ ଅଚାନକ ବସ୍ ରାସ୍ତରେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । ଏହି ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି । ଦୁର୍ଘଟଣା କାରଣ ସମ୍ପର୍କରେ ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି । ଉଲ୍ଲେଖଥାଉ ଗତ ୪ ମାସରେ ଲଦାଖରେ ୪ଟି ଦୁର୍ଘଟଣାରେ ମୋଟ ୧୪ ଜଣ ପ୍ରାଣ ହରାଇଛନ୍ତି । ଗତ ମଙ୍ଗଳବରେ ଡୋଡାରେ ବସ୍ ଖସିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିଲେ ।

# ଆମେରିକାରେ ଚୋରି କରି ଧରାପଡ଼ିଲେ ଭାରତୀୟ ମହିଳା



ୱାସିଂଟନ, ୧୬ ।୭ (ଏଜେନ୍ସି): ଆମେରିକାର ଇଲିନୋଇସ୍‌ର ଏକ ସୁପର ମାର୍କେଟ୍‌ରେ ଚୋରି କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳା ଧରାପଡ଼ିଛନ୍ତି । ସେ ସୁପରମାର୍କେଟର ଟାର୍ଗେଟ ଷ୍ଟୋରରେ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜିନିଷ ଚୋରି କରିଥିବାର ଅଭିଯୋଗ ହୋଇଛି । ମହିଳା ଜଣକ ସୁପରମାର୍କେଟ୍‌ରେ ୭ ଘଣ୍ଟା ବିତାଇବା ପରେ ଓ ପଇସା ନ ଦେଇ ଜିନିଷଗୁଡିକୁ ବାହାରକୁ ନେବାକୁ ଚେଷ୍ଟା କରିବା ବେଳେ ଧରା ପଡ଼ିଥିଲେ । ୨୦୨୫ ମେ ୧ରେ ଏହି ଘଟଣା ଘଟିଥିଲା । ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି । ଏହି ମହିଳାଙ୍କ ନାମ ହେଉଛି ଅନୟା ଅବଲାନୀ । ତାଙ୍କ ଅଚରଣକୁ ନେଇ ଷ୍ଟୋର କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଏହାପରେ ପୁଲିସକୁ ଡାକାଯାଇଥିଲା । ଧରା ପଡ଼ିବା ପରେ ମହିଳା ଜଣକ କ୍ଷମା ମାଗିବା ସହ ପଇସା ଦେବାକୁ ରାଜି ହୋଇଥିଲେ । ବିଲ୍ ଯାଞ୍ଚ କରିବା ପରେ ମହିଳା ପେମେଣ୍ଟ କରି ନଥିବା ଜଣାପଡ଼ିଥିଲା । ଏହାପରେ ହାତକଡ଼ି ପକାଇ ତାଙ୍କୁ ଥାନକୁ ଆଣାଯାଇଥିଲା । ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । କିନ୍ତୁ ଔପଚାରିକ ଭାବେ ତାଙ୍କୁ ଗିରଫ କରାଯାଇନାହିଁ । କିନ୍ତୁ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କୁହାଯାଇଛି ।

# ନବଜାତ ଶିଶୁକୁ ବସ୍‌ରୁ ଫୋପାଡ଼ି ମାରିଲେ ଦମ୍ପତି

ମୁମ୍ବଇ, ୧୬ ।୭ (ଏଜେନ୍ସି): ଚଳନ୍ତା ବସ୍‌ରେ ଏକ ଶିଶୁକୁ ଜନ୍ମଦେବା ପରେ ତାକୁ ଫୋପାଡି ମାରିବା ଭଳି ଘଟଣା ସାମ୍ନାକୁ ଆସିଛି । ଶିଶୁକୁ ଜନ୍ମଦେବା ପରେ ମହିଳା ଓ ତାଙ୍କ ସାଥିରେ ଥିବା ବ୍ୟକ୍ତି ଜଣକ ବସର ଝରକାରୁ ଫୋପାଡି ଦେଇଛନ୍ତି । ଫଳରେ ଶିଶୁଟି ମୃତ୍ୟୁବରଣ କରିଛି । ଏହି ଘଟଣା ମହାରାଷ୍ଟ୍ରର ପରଭଣୀର ପଥରୀ-ସେଲୁ ରୋଡ୍‌ରେ ମଙ୍ଗଳବାର ସକାଳ ୬.୩୦ରେ ଘଟିଛି । ଏହି ମହିଳା ଜଣକ ହେଉଛନ୍ତି ୧୯ ବର୍ଷୀୟା ରତିକା ଢେର । ସେ ଅଲତାଫ ଶେଖଙ୍କ ସହ ଯାତ୍ରା କରୁଥିଲେ । ଶେଖ ମହିଳା ସ୍ୱାମୀ ବୋଲି ପରିଚୟ ଦେଇଛି । ଯାତ୍ରା ଅବସରରେ ରତିକା ପ୍ରସବ ଜନିତ ଯନ୍ତ୍ରଣା ଅନୁଭବ କରିଥିଲେ । ରତିକା ବସ୍‌ରେ ହିଁ ପିଲାକୁ ଜନ୍ମ ଦେଇଥିଲେ । ଏହାପରେ ପିଲାକୁ କପଡ଼ାରେ ଗୁଡାଇ ଦୁହେଁ ବାହାରକୁ ଫୋପାଡି ଦେଇଥିଲେ । ଦୁହେଁ ଏହି ପିଲାର ଲାଳନପାଳନ କରିବାକୁ ଅକ୍ଷମ ଓ ଏଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି । ବାହାରକୁ କିଛି ଫୋପାଡିବାରେ ଦେଖାଯିବା ପରେ ଡ୍ରାଇଭର ଦୁହିଁଙ୍କୁ ପ୍ରଶ୍ନ କରିଥିଲେ । ମୋର ବାନ୍ତି ହେଉଛି ବୋଲି ରତିକା ତାଙ୍କୁ କହିଥିଲା । କିନ୍ତୁ ମଝି ରାସ୍ତାରେ ଶିଶୁକୁ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରିଥିଲେ । ପ୍ରାରମ୍ଭିକ ଯାଞ୍ଚ ପରେ ରତିକା ଓ ଶେଖଙ୍କୁ ପୁଲିସ ଗିରଫ କରିଛି ।

# ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧ ଜିତିବା ଅସମ୍ଭବ: ସିଡିଏସ୍



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ବୁଧବାର ଯୁଦ୍ଧ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧରେ ବିଜୟ ଲାଭକରି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ବିଦେଶରୁ ଆଣାଯାଉଥିବା ଟେକ୍ନୋଲୋଜି ଉପରେ ନିର୍ଭର କରିବାର ଅର୍ଥ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଦୁର୍ବଳ କରିବା । ଏହି ପ୍ରକ୍ରିୟା ହିଁ ଆମକୁ ଦୁର୍ବଳ କରୁଛି । ଅପରେସନ୍ ସିନ୍ଦୂର ଅବସରରେ ସ୍ୱଦେଶୀ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ଅର୍ଥାତ ଆଣ୍ଟି ଡ୍ରୋନ ସିଷ୍ଟମ ଆମ ପାଇଁ କାହିଁକି ଜରୁରୀ ଥିଲା ତାହା ସ୍ପଷ୍ଟ ହୋଇଛି । ଦିଲ୍ଲୀର ମାନିକସା ସେଣ୍ଟରରେ ୟୁଏଭି (ଅନମ୍ୟାନ୍‌ଡ ଏରିଆଲ ଭେଇକଲ) ଓ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ପ୍ରଦର୍ଶନୀରେ ଯୋଗ ଦେଇ ସିଡିଏସ୍ ଏହି କଥା କହିଛନ୍ତି ।

ନିଜର ସୁରକ୍ଷା ପାଇଁ ଆମକୁ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି । ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଅନଆର୍ମଡ୍ ଡ୍ରୋନ ବ୍ୟବହାର କରିଥିଲା । ପାକିସ୍ତାନର ଅଧିକାଂଶ ଡ୍ରୋନକୁ ଆମେ ମାରି ଖସାଇବାରେ ସଫଳ ହୋଇଥିଲୁ । ଫଳରେ ଆମର କୌଣସ ସାମରିକ ତଥା ନାଗରିକ ଭିତ୍ତିଭୂମିର କ୍ଷତି ହୋଇ ନଥିଲା । ଆଧୁନିକ ଯୁଦ୍ଧରେ ଡ୍ରୋନର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି ଓ ଏହା କ୍ରାନ୍ତିକାରୀ ସାବ୍ୟସ୍ତ ହୋଇଛି । ଭାରତୀୟ ସେନାବାହିନୀ ମଧ୍ୟ ବୈପ୍ଳବିକ ଢ଼ଙ୍ଗରେ ଡ୍ରୋନ ବ୍ୟବହାର କରିଥିଲା । ବିଦେଶୀ ଟେକ୍ନୋଲୋଜି ଉପରେ ଆମେ ନିର୍ଭରଶୀଳ ରହିବା ଉଚିତ ନୁହଁ । ବିଦେଶ ଉପରେ ନିର୍ଭର କଲେ ଆମର ପ୍ରସ୍ତୁତି ଦୁର୍ବଳ ହେବ । ତେଣୁ ବ୍ୟାପକ ଭାବେ ଆମକୁ ଏ ନେଇ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି । ଅପରେସନ ସିନ୍ଦୂରରେ ପାକିସ୍ତାନର ଯୋଜନା ମାତ୍ର ୮ ଘଣ୍ଟାରେ ଫେଲ୍ ମାରିଥିଲା ବୋଲି ସେ ଜୁନ୍ ୩ରେ କହିଥିଲେ । ମେ ୧୦ରେ ପାକିସ୍ତାନରେ ଭାରତକୁ ୪୮ ଘଣ୍ଟାରେ ପରାସ୍ତ କରିବାକୁ ଯୋଜନା କରିଥିଲା । କିନ୍ତୁ ତା'ର ଯୋଜନା ମାତ୍ର ୮ ଘଣ୍ଟାରେ ହିଁ ଫେଲ୍ ମାରିଥିଲା ବୋଲି ସେ କହିଥିଲେ । ଉଲ୍ଲେଖଥାଉ କି, ମେ ୭ରେ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ୍ ମାଡ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଥିଲା । ତେବେ ୪ ଦିନପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ଧ୍ୟା ୫.୩୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ ।

# ଜମ୍ମୁ-କଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ମିଳୁ: ରାହୁଲ



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟ ପାହ୍ୟାର ମର୍ଯ୍ୟାଦା ମିଳୁ ବୋଲି ଲୋକସଭାର ବିପକ୍ଷ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି । ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀରକୁ ପୁର୍ଣ୍ଣ ରାଜ୍ୟ ଭାବେ ମାନ୍ୟତା ଦେବା ପାଇଁ ବିଲ୍ ଆଣିବାକୁ ସେ କହିଛନ୍ତି । ଏ ସଂକ୍ରାନ୍ତରେ ରାହୁଲ ମୋଦୀ ଦୁଇଟି ପୁରୁଣା ମନ୍ତବ୍ୟକୁ ମନେ ପକାଇଛନ୍ତି । ୨୦୨୪ ମେ ୧୯ରେ ଭୁବନେଶ୍ୱରରେ ଓ ୨୦୨୪ ସେପ୍ଟେମ୍ବର ୧୯ରେ ଶ୍ରୀନଗର ରାଲିରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ନିଜ ଭାଷଣରେ କହିଥିଲେ । ପୁଣି ଲାଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି । ଉଲ୍ଲେଖଥାଉ କି, ୨୦୧୯ ୩୭୦ ଧାରା ଓ ୩୫ଏକୁ ହଟାଇବା ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ କେନ୍ଦ୍ରଶାସିତ ପ୍ରଦେଶରେ ରୂପାନ୍ତରିତ କରାଯାଇଥିଲା । ସେତେବେଳେ ସ୍ଥିତି ସାମାନ୍ୟ ହେବା ପରେ ପୂର୍ଣ୍ଣ ରାଜ୍ୟର ମର୍ଯ୍ୟାଦା ଦେବାକୁ ସରକାର କଥା ଦେଇଥିଲେ । ଉଲ୍ଲେଖଥାଉ କି, ୩୭୦ ଧାରା ହଟାଇବା ପରେ ୨୦୨୪ରେ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୋଟ ୯୦ଟି ଆସନରୁ ନ୍ୟାସନାଲ କନ୍‌ଫରେନ୍ସ ୪୨ ସିଟ୍ ଜିତି ସବୁଠାରୁ ବଡ଼ ପାର୍ଟି ଭାବେ ଉଭା ହୋଇଥିଲା । ସହଯୋଗୀ କଂଗ୍ରେସକୁ ୬ ଓ ସିପିଆଇ(ଏମ୍) ଗୋଟିଏ ଆସନ ଜିତିଥିଲା । ସେହିପରି ବିଜେପି ୨୯ଟି ସିଟ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା । ୨୦୧୪ ନିର୍ବାଚନରେ ସବୁଠାରୁ ବଡ଼ ପାର୍ଟି ଭାବେ ବିଜୟ ଲାଭ କରିଥିବା ପିଡିପି ୩ଟି ସିଟ୍ ଜିତିଥିଲା ।

# ରାଜସ୍ଥାନରେ ପ୍ରବଳ ବର୍ଷା: ୨ ଦିନରେ ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି । ବର୍ଷା ଜନିତ ଘଟଣାରେ ଗତ ଦୁଇଦିନ ମଧ୍ୟରେ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି । ଜୟପୁର, ଚୁରୁ, ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଜିଲ୍ଲାର କେତୋଟି ତଳିଆ ଅଞ୍ଚଳରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇ ରହିଛି । ସେହିପରି ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପ୍ରବଳ ବର୍ଷା ଜାରି ରହିଛି । ହିମାଚଳର ୨୦୦ ଓ ଉତ୍ତରାଖଣ୍ଡର ୫୮ଟି ସଡକ ଭୂସ୍ଖଳନ କାରଣରୁ ବନ୍ଦ ରହିଛି ।

# ସିରିଆ ଉପରେ ଇସ୍ରାଏଲ୍‌ର ଆକ୍ରମଣ



ଦାମାସକସ, ୧୬ ।୭ (ଏଜେନ୍ସି): ଇସ୍ରାଏଲ୍ ଆଉ ଏକ ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ କରିଛି । ଇସ୍ରାଏଲ୍ ପଡୋସୀ ଦେଶ ସିରିଆର ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି । ରାଜଧାନୀ ଦାମାସକାସରେ ରାଷ୍ଟ୍ରପତି ଭବନ ନିକଟସ୍ଥ ସିରିଆ ସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ଆକଶମାର୍ଗରୁ ଆକ୍ରମଣ କରିଛି । ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ ସୂଚନା ଦିଆଯାଇଛି । ଦକ୍ଷିଣ ସିରିଆର ଦ୍ରୁଜ ନାଗରିକଙ୍କ ଉପରେ ସିରିଆ ସରକାରଙ୍କ ଦାମନମୂଳକ ନୀତିକୁ ବିରୋଧ କରି ଇସ୍ରାଏଲ ଏହି ଆକ୍ରମଣ କରିଛି ବୋଲି କୁହାଯାଇଛି । ସିରିଆରେ ଦ୍ରୁଜ ହେଉଛନ୍ତ ଏକ ଧାର୍ମିକ ଅଳ୍ପସଂଖ୍ୟକ ସମୁଦାୟ । ବିଶ୍ୱରେ ପାଖାପାଖି ୧୦ ଲକ୍ଷ ଡ୍ରୁଜ୍ ରହୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧା ସିରିଆରେ ହିଁ ରହୁଛନ୍ତି । ଲେବାନନ ଓ ଇସ୍ରାଏଲ୍ ମଧ୍ୟରେ ବହୁ ସଂଖ୍ୟାରେ ଡ୍ରୁଜ ରହୁଛନ୍ତି । ଲାଇଭ୍ ଟିଭି ଶୋରେ ଇସ୍ରାଏଲ୍‌ର ବୋମା ମାଡ଼ର ଦୃଶ୍ୟ ଦେଖିବାକୁ ମିଳିଛି । ଚଳିତ ସପ୍ତାହରେ ହିଁ ଡ୍ରୁଜ ଯୋଦ୍ଧାଙ୍କ କବ୍‌ଜାର ରହିଥିବ ସହର ସ୍ୱେଦାରେ ସିରିଆ ତାଙ୍କର ସୈନ୍ୟଙ୍କୁ ନିୟୋଜିତ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା । ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି ।

# ନ୍ୟାୟାଳୟଗୁଡିକରେ ଟଏଲେଟ୍ ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଦେଶରେ ନ୍ୟାୟାଳୟଗୁଡିକରେ ଟଏଲେଟ ଭଳି ମୌଳିକ ସୁବିଧାସୁଯୋଗର ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଆଭିମୁଖ୍ୟ କଡ଼ା କରିଛନ୍ତି । ଦେଶରୁ ୨୫ରୁ ୨୦ଟି ହାଇକୋର୍ଟ ଏପର୍ଯ୍ୟନ୍ତ ଟଏଲେଟ୍‌ର ସୁବିଧା ନେଇ କି ପଦକ୍ଷେପ ନେଇଛନ୍ତି, ସେନେଇ କିଛି କହିନାହାନ୍ତି । ୨୦୨୫ ଜାନୁଆରୀ ପହିଲାରେ ଏ ନେଇ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ସବୁ ହାଇକୋର୍ଟ, ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡିକୁ ନ୍ୟାୟଳୟରେ ପୁରୁଷ, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନ୍ସ ଜେଣ୍ଡରଙ୍କ ପାଇଁ ଭିନ୍ନ ଭିନ୍ନ ଟଏଲେଟ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମ୍ବିଧାନର ଦାରା ୨୧ ଅନୁସାରେ ସମସ୍ତଙ୍କୁ ସ୍ୱଛତାର ସବୁପ୍ରକାର ମୌଳିକ ଅଧିକାର ମିଳିବା ଉଚିତ ବୋଲି କୁହାଯାଇଛି । ବିଚାରପତି ଜେବି ପାରଦିବାଲା ଓ ମହାଦେବନ ବୁଧବାର ସବୁ ହାଇକୋର୍ଟକୁ ଆଗମୀ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏଥର ରିପୋର୍ଟ ନ ଦିଆଯାଏ, ତେବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିଜେ ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି କୁହାଯାଇଛି । ଏ ନେଇ ୫ଟି ହାଇକୋର୍ଟ ଯଥା ଝାଡଖଣ୍ଡ, ମଧ୍ୟପ୍ରଦେଶ, କୋଲକାତା, ଦିଲ୍ଲୀ ଓ ପାଟନା ସେମାନଙ୍କ ରିପୋର୍ଟ ଦେଇଛନ୍ତି । ତେବେ ବାକି ୨୦ଟି ହାଇକୋର୍ଟ ରିପୋର୍ଟ ଦେଇନାହାନ୍ତି ।

# ଉତ୍ତରାଖଣ୍ଡର ସରକାରୀ ବିଦ୍ୟାଳୟରେ ଗୀତା ଶ୍ଲୋକ ଆବୃତ୍ତି କରାଯିବ

ଡେରାଡୁନ, ୧୬ ।୭ (ଏଜେନ୍ସି): ଉତ୍ତରାଖଣ୍ଡର ସରକାରୀ ସ୍କୁଲଗୁଡିକରେ ଶ୍ରୀମଦ୍ ଭାଗବତ ଗୀତାର ଶ୍ଲୋକ ଆବୃତ୍ତି କରାଯିବ । ଏ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟଗୁଡିକର ପ୍ରାର୍ଥନା ସଭାରେ ଗୀତାର ଗୋଟିଏ ଶ୍ଲୋକ ଉଚ୍ଚାରଣ କରାଯିବ ବୋଲି ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ମୁକୁଲ କୁମାର ସତି ସବୁ ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଦିନ ଉଚ୍ଚାରଣ କରାଯାଉଥିବା ଶ୍ଲୋକଗୁଡିକର ଅର୍ଥ ଓ ବୈଜ୍ଞାନିକ ପ୍ରାସଙ୍ଗିକତା ଛାତ୍ରମାନଙ୍କୁ ବୁଝାଇବାକୁ କୁହାଯାଇଛି । ଆଧୁନିକ ଶିକ୍ଷା ସହ ପାରମ୍ପରିକ ଭାରତୀୟ ଜ୍ଞାନ ଶୃଙ୍ଖଳାର ମିଶ୍ରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପର ଧ୍ୟାନ ଦେବାକୁ କୁହାଯାଇଛି ।

**ଅଳ୍ପକେ ବର୍ତ୍ତିଲେ ୧୭୩ ଯାତ୍ରୀ**

# ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ



ପାଟନା, ୧୬ ।୭ (ଏଜେନ୍ସି): ପାଟନା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୨୪୮୨) ଅବତରଣ କରିବା ପରେ ଟଚିଂ ପଏଣ୍ଟକୁ ଛୁଇଁ ପାରି ନଥିଲା । ଫଳରେ ବିମାନଟି ଆଗକୁ ମାଡିଯାଇଥିଲା । ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ପାଇଲଟ୍ ତୁରନ୍ତ ବିମାନର ଟେକ୍‌ଅଫ୍ କରାଯାଇଥିଲେ । ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ବିଚକ୍ଷଣତା ଯୋଗୁଁ ବିମାନଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ବୋଲି କୁହାଯାଉଛି । ଏହି ବିମାନରେ ୧୭୩ ଜଣ ଯାତ୍ରୀ ଥିଲେ ଓ ଏମାନଙ୍କ ଜୀବନ ବଞ୍ଚିଯାଇଛି ବୋଲି କୁହାଯାଉଛି । ସବୁ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଏୟାରପୋର୍ଟ ପ୍ରଶାସନ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି । ବୁଧବାର ସକାଳ ୯ଟାରେ ଏହି ବିମାନ ଦିଲ୍ଲୀ ପାଟନା ଆସିଥିଲା । ବିମାନ ଦ୍ୱିତୀୟଥର ପାଇଁ ଟେକ୍‌ଅଫ୍ କରିବା ପରେ ଆକାଶରେ ୪ଥର ରାଉଣ୍ଡ ମାରିଥିଲା । ୫ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀମାନେ କ'ଣ ଘଟୁଛି କିଛି ବୁଝିବାକୁ ସକ୍ଷମ ହୋଇ ନଥିଲେ । ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ । ରନୱେ ଛୋଟ ଥିବାରୁ ବିମାନକୁ ଠିକ ସମୟରେ ରୋକି ପାରିବେ ନାହିଁ ବୋଲି ପାଇଲଟଙ୍କ ହୃଦୟଙ୍ଗମ ହୋଇଥିଲା । ଏଥିପାଇଁ ସେ ବିମାନକୁ ଦ୍ୱିତୀୟଥର ପାଇଁ ଟକ୍ ଅଫ୍ କରାଇଥିଲେ । ଫଳରେ ଯାତ୍ରୀମାନେ ଭୟଭିତ ହୋଇ ପଡ଼ିଥିଲେ । କିନ୍ତୁ କ୍ରୁ ମେମ୍ବରମାନେ ଯାତ୍ରୀମାନଙ୍କୁ ଏ ନେଇ ଅବଗତ କରାଇଥିଲେ ଓ ସମସ୍ତେ ସୁରକ୍ଷିତ ବୋଲି ବୁଝାଇବାକୁ ପ୍ରୟାସ କରିଥିଲେ । ୪ରୁ ୫ ମିନିଟ ଆକାଶରେ ରାଉଣ୍ଡ ମାରିବା ପରେ ବିମାନ ପୁଣି ଥରେ ଅବତରଣ କରିଥିଲା । ଫଳରେ ଯାତ୍ରୀମନେ ଆସ୍ୱସ୍ଥି ଅନୁଭବ କରିଥିଲେ । ଉଲ୍ଲେଖଥାଉ କି, ୨୦୦୦ ଜୁଲାଇ ୧୭ରେ ଏହି ଭଳି ଘଟଣା ଘଟିଥିଲା । କୋଲାକାତାରୁ ଦିଲ୍ଲୀ ଯାଉଥିବା ବିମାନ ପାଟନାରେ ଲ୍ୟାଣ୍ଡିଂ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବୈଷୟିକ ତ୍ରୁଟି କାରଣରୁ ପାଇଲଟ ବିମାନକୁ ପୁଣି ଟେକ୍‌ଅଫ୍ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଫଳରେ ବିମାନ ଯାଇ ଆଗକୁ ଯାଇ ଖସି ପଡ଼ିଥିଲା । ଏଥିରେ ମୋଟ୍ ୬୬ ଜଣ ମୃତ୍ୟୁବରଣ କରିଥିଲେ ।

# ପହଲ୍‌ଗାମ୍ ଆକ୍ରମଣ ପରେ ଗୁଳି ଫୁଟାଇ ଉତ୍ସବ ମନାଇଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏବେ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ୨୬ ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରି ଜଘନ୍ୟ କାଣ୍ଡ ଘଟାଇବା ପରେ ଆତଙ୍କବାଦୀମାନେ ଖୁସି ମନାଇଥିଲେ । ଏହି କ୍ରମରେ ଉପରକୁ ମନଇଚ୍ଛା ଗୁଳି କରି ୩ ଜଣ ଆତଙ୍କବାଦୀ ନିଆରା ଢଙ୍ଗରେ ଖୁସି ମନାଥିଲେ ବୋଲି ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି (ଏନ୍‌ଆଇଏ)ର ଯାଞ୍ଚରୁ ଜଣାପଡ଼ିଛି । ପହଲଗାମ ଆକ୍ରମଣର ମୁଖ୍ୟ ସାକ୍ଷୀ ଏ ନେଇ ସୂଚନା ଦେଇଛି ବୋଲି ଏଜେନ୍ସି ତରଫରୁ କୁହାଯାଇଛି । ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ପରେ ୩ ଆତଙ୍କୀ ବାଇସରନ ଉପତ୍ୟାକାରେ ଉପରକୁ ୪ ରାଉଣ୍ଡ ଗୁଳି ଫୁଟାଇ ଆନନ୍ଦରେ ନାଚି ଥିଲେ ବୋଲି ସାକ୍ଷୀ ଜଣକ କହିଛି । ତଦନ୍ତ ଅବସରରେ ଏନ୍‌ଆଇଏକୁ ଏକ ସ୍ଥାନୀୟ ବ୍ୟକ୍ତି ମିଳିଥିଲେ ଓ ତଙ୍କୁ ମୁଖ୍ୟ ସାକ୍ଷୀ ବନା ଯାଇଛି ଓ ସେ ଏ ବିଷୟରେ ସୂଚନା ଦେଇଛନ୍ତି । ଏହି ମାମଲାରେ ଆତଙ୍କବାଦୀଙ୍କୁ ସଯୋଗ କରିବା ଅଭିଯୋଗରେ ପରଭେଜ ଅହମ୍ମଦ ଓ ବସିର ଅହମ୍ମଦଙ୍କୁ ଗିରଫ କରାଯାଥିଲା ।

# ବଙ୍ଗାଳୀଙ୍କ ସହ ଭେଦଭାବ ନେଇ ମମତାଙ୍କ ପଦଯାତ୍ରା



କୋଲକାତା, ୧୬ ।୭ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟରେ ବଙ୍ଗାଳିଙ୍କ ସହ ଭେଦଭାବ କରିବାକୁ ବିରୋଧ କରି ପଦଯାତ୍ରା ବାହର କରିଛନ୍ତି । ବଙ୍ଗଳା ଭାଷା କହୁଥିବା ନାଗରିକଙ୍କ ପ୍ରତି ବିଜେପିର ବୈମାତୃକ ମନୋଭାବ କାରଣରୁ ନିରାଶ ହୋଇଛି ବୋଲି ସେ କହିଛନ୍ତି । ଏବେଠାରୁ ଅଧିକରୁ ଅଧିକ ବଙ୍ଗଳା ଭାଷାରେ କହିବି । ଯଦି ମତେ ବିଜେପି ଡିଟେନସନ କ୍ୟାମ୍ପରେ ରଖିବାକୁ ଚାହେଁ, ତାହେଲେ ରଖୁ ବୋଲି ସେ କହିଛନ୍ତି । ଏହି ପଦଯାତ୍ରା କୋଲକାତାର କଲେଜ ସ୍କୋୟାରରୁ ବାହରି ଧର୍ମତାଲାର ଦୋରିନା କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମେତ ତୃଣମୂଳ କଂଗ୍ରେସ୍‌ର ଏକାଧିକ ବଡ଼ ନେତା ଅଂଶଗ୍ରହଣ କରିଥିଲେ । କୋଲକାତାକୁ ବାଦ୍ ଦେଲେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଏହି ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଆସିବାର କାର୍ଯ୍ୟକ୍ରମ ରହିଥିOବା ବେଳେ ଏଭଳି ବିରୋଧ ପ୍ରଦର୍ଶନ ଜାରି ରହିଛି । ଅପରପକ୍ଷରେ ମମତାଙ୍କ ପଦଯାତ୍ରାକୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିନ୍ଦା କରିଛନ୍ତି । ଅବୈଧ ଭାବେ ଭାରତକୁ ପସି ଆସିଥିବା ଲୋକଙ୍କୁ ବଞ୍ଚାଇବାକୁ ମମତା ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି । ବିଭିନ୍ନ ବିଷୟରେ ନିଜର ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ମମତା ଏପରି ପଦଯାତ୍ରାର ବାହନା କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି ।

# ବାଂଲାଦେଶରେ ସତ୍ୟଜିତ୍ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି



କୋଲକାତା, ୧୬ ।୭ (ଏଜେନ୍ସି): ପ୍ରଖ୍ୟାତ ଭାରତୀୟ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି ଆରମ୍ଭ ହୋଇଛି । ବାଂଲାଦେଶର ମିମେନସିଂ ସହରରେ ସତ୍ୟଜିତ୍‌ଙ୍କ ପୁରୁଣା ପୈତୃକ ଘର ରହିଛି । ଏହି ଘରକୁ ବାଂଲାଦେଶ ସରକାର ଭାଙ୍ଗିବା ପାଇଁ ଯୋଜନା କରୁଛନ୍ତି । ଏବେ ଏ ନେଇ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ତରଫରୁ ଚିନ୍ତା ପ୍ରକଟ କରାଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ସୂଚନା ଦେଇଥିଲେ । ତେବେ ଏହି ଘର ୧୦୦ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ବୋଲି ବାଂଲାଦେଶ ଡିପୋର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ତରଫରୁ କୁହାଯାଇଛି । ୧୯୪୭ରେ ଦେଶ ବିଭାଜନ ହେବା ପରେ ଏହା ସରକାରଙ୍କ ଅଧିନକୁ ଆସିଥିଲା । ଗତ ୧୦ ବର୍ଷ ହେବ ଏହି ବଙ୍ଗଳା ପରିତ୍ୟକ୍ତ ହୋଇ ପଡ଼ିରହିଛି । ଏହା ସେଠାରେ ଖେଳୁଥିବା ଛୋଟପିଲାଙ୍କ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଛଉଛି । ବାଂଲାଦେଶ ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏବେ ସତ୍ୟଜିତ ରୟଙ୍କ ଘରକୁ ଇସଲାମିକ କଟରପନ୍ଥୀମାନେ ଟାର୍ଗେଟ କରିଛନ୍ତି ବୋଲି କୁହାଯାଉଛି । ଅନ୍ୟପଟେ ଏହି ବଙ୍ଗଳାର ପୁନର୍ଗଠନ୍ ପାଇଁ ଭାରତ ସରକାର ସହଯୋଗ କରିବ ବୋଲି ବାଂଲାଦେଶକୁ କହିଛି । ମମତା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ବାଂଲାଦେଶର ମହମ୍ମଦ ୟୁନୁସ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ବାସଭବନ ବେଙ୍ଗଲର ସାଂସ୍କୃତିକ ଇତିହାସ ସହ ଗଭୀର ଭାବେ ଜଡିତ ରହିଛି । ଏ ନେଇ ଭାରତ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମମତା ଅପିଲ କରିଛନ୍ତି । ଉଲ୍ଲେଖଥାଉ କି, ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି । ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବା ପରେ ଏହା ଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ।






# ଜୁଲାଇ ୧୮ରେ 'ଇନ୍ଦ୍ରଧନୁ'

ସାତୋଟି ଛୋଟ ଛୋଟ କାହାଣୀକୁ ଏକାଠି ଗୁନ୍ଥି ଖୁବ୍ ଶୀଘ୍ର ବଡ଼ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ଇନ୍ଦ୍ରଧନୁ' । ଆସନ୍ତା ଜୁଲାଇ ୧୮ ତାରିଖରେ 'ଇନ୍ଦ୍ରଧନୁ' ମୁକ୍ତିଲାଭ କରିବାକୁ ଯାଉଛି । ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - କ୍ରମରେ ଆକାଶରେ ସତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ରଙ୍ଗଭିତ୍ତିକ କାହାଣୀ । 'ଇନ୍ଦ୍ରଧନୁ'ର ନିର୍ଦ୍ଦେଶନା, ଚିତ୍ରୋତ୍ତୋଳନ ଓ ସମ୍ପାଦନା କରିଛନ୍ତି ଯୁବ ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ । ସିନେମାର ପରିକଳ୍ପନା କରିଛନ୍ତି ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀ । ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରଯୋଜିତ ଏ ସିନେମାଟିରେ ସହ-ପ୍ରଯୋଜକ ଭୂମିକାରେ ଅଛନ୍ତି ସୂର୍ଯ୍ୟସ୍ନାତ ଓ ସୁରଭି ପଟ୍ଟନାୟକ । 'ଇନ୍ଦ୍ରଧନୁ'ର କାହାଣୀ ନିଖିଳେଶ ମିଶ୍ର, ସରୋଜ ବଳ, ବାଦଲ ମହାନ୍ତି ଓ ସୂର୍ଯ୍ୟସ୍ନାତଙ୍କ ଦ୍ୱାରା ଲିଖିତ ହୋଇଥିବା ବେଳେ ସିନେମାଟିକୁ ସଂଗୀତରେ ସଜେଇଛନ୍ତି ଅନୁରାଗ ପଟ୍ଟନାୟକ । ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଶୀର୍ଷକ ଗୀତକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଂଗୀତରେ ସ୍ୱର ଦେଇଛନ୍ତି ସୁସ୍ମିତା ଦାସ ଓ ରତିକାନ୍ତ ଶତପଥୀ । ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସ୍ମିତା ମହାନ୍ତି, ରମାକାନ୍ତ ମିଶ୍ର, ଭାସ୍ୱତୀ ବସୁ, ଦେବଦତ୍ତ ପତି, ଅଭିଷେକ ଗିରି, ଧରିତ୍ରୀ ଖଣ୍ଡୁଆଳ, ସୁଧାଶ୍ରୀ ମଧୁସ୍ମିତା, ରିଙ୍କୁ ପଧାନ, ସୌମ୍ୟ ରଞ୍ଜନ, ସମର୍ପିତା, ଦିଶାନୀ ଦେବଞ୍ଜନା, ସାଗର ଷଡ଼ଙ୍ଗୀ, ଅମିଷା ମହାନ୍ତି, ରୂପଶ୍ରୀ ଓ ଅନ୍ୟମାନେ । 'ଇନ୍ଦ୍ରଧନୁ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି ।

# ବର୍ଲିନରେ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର




ଓଲିଉଡ୍ ଅଭିନେତ୍ର ପିଙ୍କି ପ୍ରଧାନଙ୍କ ଦକ୍ଷତା କେବଳ ଅଭିନୟରେ ସୀମିତ ନୁହେଁ, ଏବେ ସେ ନିର୍ଦ୍ଦେଶନାରେ ପାଦ ଥାପିଛନ୍ତି । ନିର୍ଦ୍ଦେଶନାରେ ବି ତାଙ୍କୁ ସଫଳତା ମିଳିଛି । 'ପିଙ୍କଉଡ୍ କ୍ରିଏସନ୍ସ' ନିବେଦିତ ତାଙ୍କ ନିର୍ଦ୍ଦେଶିତ ପ୍ରଥମ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଅନୁଭବ- ଏ ଟେଲ୍ ଅଫ୍ ଲଭ୍ ଆଣ୍ଡ ସାକ୍ରିଫାଇଜ୍' ଇଂରାଜୀ ସବ୍‌ଟାଇଟଲ୍ ସହ ବର୍ଲିନରେ ପ୍ରଶଂସା ସାଉଁଟିଛି । ଏଠାରେ ଇଣ୍ଡୋ-ଜର୍ମାନ ଫିଲ୍ମ ୱିକ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା । ଜୁଲାଇ ୫ରୁ ଜୁଲାଇ ୯ ପର୍ଯ୍ୟନ୍ତ ବେବିଲନ୍ ଥିଏଟର୍‌ରେ ଦର୍ଶକେ ଏହାକୁ ଦେଖିବାକୁ ପାଇଥିଲେ । ପୁଣି ଜୁଲାଇ ୧୪ ତାରିଖରେ ଏହାର ଦ୍ୱିତୀୟ ସ୍କ୍ରିନିଂ ହୋଇଛି । ଏହି ଫିଲ୍ମର ଅବଧି ୧୮ ମିନିଟ୍ । ସିନେମାଟିରେ ଗୋଟିଏ ମଧ୍ୟବିତ୍ତ ପରିବାରର ବାପା-ମା ଓ ପୁଅର କାହାଣୀ ଦେଖିବାକୁ ମିଳିଛି । ସିନେମାରେ ପ୍ରେମ, ସ୍ନେହ, ତ୍ୟାଗ, ପରିବାର ଓ ସମ୍ପର୍କର କଥା ରହିଛି । ସେହିପରି ସିନେମାଟି ମଧୁସୂଦନ ରାଓଙ୍କ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି । ସିନେମାର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ, ପିଙ୍କି ପ୍ରଧାନ, ସଂଶିତ ପ୍ରମୁଖ ଅଭିନୟ କରିଛନ୍ତି । ଏହି ସିନେମା ମାଧ୍ୟମରେ ପିଙ୍କି ଅଭିନୟ, ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟରେ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ସିନେମାର କାହାଣୀ ପବିତ୍ର କୁମାର ଗୌଡ଼ ଲେଖିଥିବା ବେଳେ ସଙ୍ଗୀତ ସହ କଣ୍ଠଦାନ କରିଛନ୍ତି ଦୀପ୍ତିମାନ । ସିନେମାର ଗୀତ ରଚନା କରିଛନ୍ତି ଦେବଦାସ ଛୋଟରାୟ ।

# 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ



ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ ହୋଇଛି । ସୁଟିଂ ଆରମ୍ଭ ହେବା ପୂର୍ବରୁ ଏହାର ଟିମ୍ ପ୍ରଥମେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି । ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମାର କାହାଣୀରେ ନୂଆ ପର୍ବ ଯୋଡ଼ିବାକୁ ଯାଉଛି । 'ଅମିୟ ପଟ୍ଟନାୟକ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ । ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି । ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ବମ୍ପର ଭୂମିକାରେ ନଜର ଆସିବେ । ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍ୱିତ ଦାଶମହାପାତ୍ର ମଧ୍ୟ ଏଥିରେ ଅଭିନୟ କରୁଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଳିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି । ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ୍ କ୍ରିଏଟର୍ ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି । ଚଳଚ୍ଚିତ୍ରରେ ଉଦୀୟମାନ ନବାଗତମାନଙ୍କ ଏକ ସୁନ୍ଦର ସମନ୍ୱୟ ରହିଛି । କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହେଲୋଟ ଓ ଅନୁପମ ପଟ୍ଟନାୟକ । ଏହାର ସଂଳାପ ରଚନା କରିଛନ୍ତି ପ୍ରଣବ ରଥ । ଚିତ୍ରନାଟ୍ୟ ଓ ସଂଳାପର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ନିଶାନ୍ତ ମାଳିଆ । ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ଗୌମ୍ୟ ରାଜ ପ୍ରଧାନ ପ୍ରମୁଖ ପାଞ୍ଚ ଜଣ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି । ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ । ଏହାର ମୁଖ୍ୟ ଚରିତ୍ର ଓ କାହାଣୀ ହାସ୍ୟରସ ଓ ରୋମାଞ୍ଚରେ ଭରପୂର । ଏହି ସିନେମାରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ ବଳିଷ୍ଠ କାହାଣୀ ରହିଛି ।

# ଶେଷ ପର୍ଯ୍ୟାୟରେ 'ଲାଙ୍ଗୋ'



'ସତ୍ୟଭାମା ସିନେ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଙ୍ଗୋ-ମାଟିର ମଣିଷ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି । ସୁଟିଂ ପାଇଁ ପୂରା ୟୁନିଟ୍ ୨୫ ଦିନ ପର୍ଯ୍ୟନ୍ତ ନୟାଗଡ଼ ସହରରେ ଡେରା ପକେଇ ଥିଲା । ଏହି ୟୁନିଟ୍‌ରେ ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନଙ୍କ ସମେତ ମୋଟ ୭୫ ଜଣ ସଦସ୍ୟ ଥିଲେ । ଦଶପଲ୍ଲା, ସିଙ୍ଗପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ସମ୍ପନ୍ନ ହୋଇଥିଲା । ଏବେ ମାତ୍ର ପାଞ୍ଚ ଦିନର ପ୍ୟାଚ୍ ୱାର୍କ ବାକି ରହିଛି, ଯାହା ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳରେ ଅନୁଷ୍ଠିତ ହେବ । 'ଲାଙ୍ଗୋ' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ, ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି । ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନାୟକ ଭୂମିକାରେ ଅଛନ୍ତି ଶୁଭମ ସାଗର । ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା ଓ ସଞ୍ଜନା ପ୍ରଧାନ । ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ବଡୁ ଭାଇ ଓ ରାଜଶ୍ରୀ । 'ଲାଙ୍ଗୋ'ର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ । ବିଜୟ ରାଉଳ ସଂଳାପ ଲେଖିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ । ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥ୍‌ଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ । ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦ୍ୟୁ । ଏହା ଏକ ବ୍ୟୟବହୁଳ ସିନେମା ହୋଇଥିବା ବେଳେ ସୁଟିଂରେ କୌଣସି ପ୍ରକାର ଊଣା କରାଯାଇ ନ ଥିବା ଏହାର ନିର୍ଦ୍ଦେଶକ କହିଛନ୍ତି ।

## ପରଦା ପଛର କାହାଣୀ

# ବାଥରୁମରେ ଫିଲ୍ମ ଗୀତ ରେକର୍ଡିଂ



ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ହୋଇଥାଏ । ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ, କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ । କିନ୍ତୁ କିଛି ଫିଲ୍ମ ଥାଏ, ଯାହା ଇତିହାସ ସୃଷ୍ଟି କରେ । ୧୯୬୦ ମସିହାରେ ମୁକ୍ତିଲାଭ କରିଥିବା ସେଭଳି ଏକ ହିନ୍ଦୀ ଫିଲ୍ମ ହେଉଛି 'ମୁଗଲ-ଏ-ଆଜମ' । ଏହି ଫିଲ୍ମ ନିର୍ମାଣ ହେବାକୁ ପାଖାପାଖି ୧୭ ବର୍ଷ ସମୟ ଲାଗିଥିଲା । କେ. ଅସିଫ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ । ସେଥିମଧ୍ୟରୁ ଗୋଟିଏ ହେଉଛି, 'ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା...' । ଏହି ଗୀତକୁ ଗାଇଥିଲେ ଲତା ମଙ୍ଗେଶକର । ଆଜି ମଧ୍ୟ ଏହି ଗୀତ ଶୁଣିବାକୁ ଲୋକେ ବେଶ୍ ପସନ୍ଦ କରନ୍ତି । ନିର୍ଦ୍ଦେଶକ ଅସିଫ୍ ଗୀତକୁ ସୁପରହିଟ୍ କରିବା ପାଇଁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ତେବେ ସେ ସମୟରେ ଗୀତ ମିକ୍ସିଂ ସୁବିଧା ନ ଥିବାରୁ ସଂଗୀତ ନିର୍ଦ୍ଦେଶକ ନୌସାଦ ଏଥିରେ ପ୍ରତିଧ୍ୱନି ସୃଷ୍ଟି କରିବା ପାଇଁ ଲତା ମଙ୍ଗେଶକରଙ୍କୁ ଏହି ଗୀତ ଷ୍ଟୁଡିଓରେ ଥିବା ବାଥ୍‌ରୁମରେ ଗାଇବା ପାଇଁ କହିଥିଲେ । ଏହି ଗୀତକୁ ଶକିଲ ବଦାୟୁନୀ ଲେଖିଥିଲେ । ସେ ଏହାକୁ ୧୦୫ ଥର ଲେଖିବା ପରେ ଗୀତଟିକୁ ଶେଷ କରିଥିଲେ । ଏହାପରେ ସଙ୍ଗୀତ ନିର୍ଦ୍ଦେଶକଙ୍କଠାରୁ ଏହି ଗୀତକୁ ସ୍ୱୀକୃତି ମିଳିଥିଲା । ଏହି ଗୀତ ମୁକ୍ତିଲାଭ କରିବା ପରେ ସୁପରହିଟ୍ ହୋଇଥିଲା । ଏହି ଯଉଣଦାନକ ଗୀତ ଶୁଣି ଲୋକମାନେ ଦୁଃଖରେ କାନ୍ଦିଥିଲେ । 'ମୁଗଲ-ଏ-ଆଜମ' ହେଉଛି ଭାରତର ବାମା ଫିଲ୍ମ ମଧ୍ୟରୁ ଅନ୍ୟତମ ।

## ସାକ୍ଷାତକାର

# "କଳାକାର ହେବା ପାଇଁ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ"

**ସମ୍ଭବ ମାନସିଂ, ଅଭିନେତା**



ନୃତ୍ୟ କେବଳ ଏକ କଳା ନୁହେଁ, ଏହା ହେଉଛି ଭାବ, ଅନୁଭୂତି ଓ ଆତ୍ମାର ଅଭିବ୍ୟକ୍ତି । ସେଥିପାଇଁ ସେ ନୃତ୍ୟକୁ ସବୁକିଛି ମାନି ନେଇଥିଲେ । ନୃତ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ହେଲେ ନୃତ୍ୟ ପରିବେଷଣ କରିବା ଭିତରେ ଅଭିନୟ କରିବା ତାଙ୍କ ପାଇଁ ପେସା ହୋଇଗଲା । ସେଭଳି ଜଣେ କଳାକାର ହେଉଛନ୍ତି ନୟାଗଡ଼ର ସମ୍ଭବ ମାନସିଂହ । ଓଡ଼ିଆ ସିନେମା 'ମିଠା ମିଠା'ରୁ କ୍ୟାରିୟର ଆରମ୍ଭ କରିଥିବା ସମ୍ଭବ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛନ୍ତି । 'ଆସିକ୍ ସରେଣ୍ଡର ହୁଆ' ଫିଲ୍ମରେ ଅଭିନୟ କରିବାକୁ ସେ ସୁଯୋଗ ପାଇଥିଲେ । ଏବେ ସେ 'ସୁନା ଝିଅ' ଧାରାବାହିକରେ ସମ୍ଭବ ଚରିତ୍ରରେ ବମ୍ପର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି । ତେବେ ନୃତ୍ୟଶିଳ୍ପୀରୁ ରଙ୍ଗିନ ଦୁନିଆକୁ ସେ କେମିତି ଆସିଲେ ଜାଣିବା ତାଙ୍କ ମୁହଁରୁ ।

**ନୃତ୍ୟଶିଳ୍ପୀରୁ ଅଭିନୟର ଯାତ୍ରା କେମିତି ଥିଲା?**

● ପିଲାଦିନରୁ ମୁଁ ନୃତ୍ୟ କରୁଥିଲି । ମୁଁ ଜଣେ ପ୍ରଫେସନାଲ ନୃତ୍ୟଶିଳ୍ପୀ । ନୃତ୍ୟ ସହିତ ଅଭିନେତା ହେବାକୁ ଇଚ୍ଛା ଥିଲା । ଆଉ ନୃତ୍ୟ ମୋତେ ଅଭିନୟ କ୍ଷେତ୍ରକୁ ଟାଣି ଆଣିଲା । 'ମିଠା ମିଠା' ଓଡ଼ିଆ ଚଳଚ୍ଚିତ୍ର ମୋର ପ୍ରଥମ ଫିଲ୍ମ । ସୌଭାଗ୍ୟବଶତଃ ବିଭିନ୍ନ ପ୍ଲାଟଫର୍ମରେ ଅଡିସନ୍ ଦେଇ ଅନେକ ମ୍ୟୁଜିକ୍ ଭିଡିଓ ଏବଂ ଦୁଇଟି ସିନେମାରେ କାମ କରିପାରିଥିଲି । 'ଏମନ ମୋ ମନ', 'ଫଗୁଣ', 'ରେ ମନ', 'ଆଖିରେ ଆଖି' ଆଦି ଅନେକ ମ୍ୟୁଜିକ୍ ଭିଡିଓ ମୋତେ ଲୋକପ୍ରିୟତା ଦେଇଛି । ଏବେ ପ୍ରତି ସପ୍ତାହକୁ ମୋର ଦୁଇରୁ ତିନିଟି ମ୍ୟୁଜିକ ଭିଡିଓ ରିଲିଜ୍ ହେଉଛି । ନିକଟରେ ଦେବକାନ୍ତଙ୍କ ସହ 'ଭାରି ବେଇମାନି ଏହି ପୁରୁଷ ଜାତି' ମ୍ୟୁଜିକ ଭିଡିଓ ରିଲିଜ୍ ହୋଇଛି । ୭ ବର୍ଷ ପୂର୍ବରୁ ମୁଁ ଓ ଉତ୍କୃତି ମିଶ୍ର ମିଶି ପ୍ରଥମ ମ୍ୟୁଜିକ୍ ଭିଡିଓ 'ନଜରକିଆ' କରିଥିଲୁ । ସେତେବେଳେ ଏହା ବହୁତ ଟ୍ରେଣ୍ଡରେ ଥିଲା ।

**'ସୁନାଝିଅ'ରେ କାମ କରିବାକୁ କାହିଁକି ମନ ବଳାଇଲେ?**

● ମୋ ମନ ଚାହୁଁଥିବା ପରି ସିନେମା ମିଳି ନ ଥିଲା, କି ଯେଉଁ ସିନେମା କରିଥିଲି ସେଥିରେ ସଫଳ ହେଲିନି । ହୃଦ୍‌ବୋଧ ହେଲା ଯେ, ଧାରାବାହିକରେ କାମ କରି ଓଡ଼ିଆ ଲୋକଙ୍କ ହୃଦୟରେ ରହିପାରିବି । ଆଗରୁ ଧାରାବାହିକରେ କାମ ପାଇଁ ଅଫର୍ ଥିଲା, ତେଣୁ ବିଳମ୍ବ ନ କରି 'ସୁନା ଝିଅ'ରେ ପିଢ଼ି ଧାରାବାହିକରେ ହେବା ସମୟରେ ମୁଁ ମୁଖ୍ୟ ଚରିତ୍ରରେ କାମ ଆରମ୍ଭ କରିଥିଲି ।

**ସମ୍ଭବ ଚରିତ୍ରକୁ ନେଇ କ'ଣ କହିବେ?**

● ଏଥିରେ ମୁଁ ଜଣେ କଲେଜ ପ୍ରଫେସର । ମୋ ଧର୍ମପତ୍ନୀଙ୍କୁ ସହଯୋଗ କରୁଛି, ଭୁଲକୁ ପ୍ରଶ୍ରୟ ଦେଉନି । ବାସ୍ତବ ଜୀବନରେ ବି ସମ୍ଭବ ଭୁଲ କଥାକୁ କେବେ ସମର୍ଥନ କରେନି । ଧାରାବାହିକ ନାଁରେ ଲୋକେ ଜଣେ ନାୟକକୁ ଚିହ୍ନିଥାବେଳେ ଏହି ଧାରାବାହିକରେ ମୋ ଚରିତ୍ରର ନାଁ, ନିଜ ନାଁ ସହିତ ସମାନ ରହିଛି ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ ମୁଁ ମୋ ପରିବାର ସହ ସମୟ ବିତାଏ । ଧର୍ମ ପତ୍ନୀଙ୍କ ସହ ସିନେମା ଦେଖେ ।

**ଏ କ୍ଷେତ୍ରରେ ତିଷ୍ଠି ରହିବାକୁ ପରିଶ୍ରମ କେତେ ଜରୁରି?**

● ସିନେମା କି ମ୍ୟୁଜିକ୍ ଭିଡିଓ କରିବା ପୂର୍ବରୁ ମୋ ଜୀବନରେ ମୁଁ ବହୁତ ସଂଘର୍ଷ କରିଛି । କେବେ ବି କାହାରେ ଚିରକୁଟି ପ୍ରକାଶ କରିନି । ବର୍ଷ ବର୍ଷ ଧରି ନିଜ ପ୍ରୋଫାଇଲ୍ ଧରି ମୁଁ ଧାଇଁଛି, ଛୁଇଁଛି ଆଉ ତା' ଭିତରେ ବି ଆଗକୁ ବଢ଼ିବାକୁ ସାହାସ ପାଉଛି । ତେଣୁ ଜଣେ କଳାକାର ପାଇଁ ପରିଶ୍ରମ, ଧୈର୍ଯ୍ୟ ଆଉ ଅଭ୍ୟାସ ଏ ସବୁ ନିହାତି ଆବଶ୍ୟକ ।

**ଡ୍ରିମ୍ ରୋଲ କ'ଣ?**

● କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ର ନୁହେଁ, ଅନେକ ଚରିତ୍ରରେ ମୋର ଅଭିନୟ କରିବାକୁ ଇଚ୍ଛା ଅଛି ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମା'ଙ୍କୁ ଦେଇ ଦେଇଥିଲି ।

**ଆପଣଙ୍କ ଜୀବନର ଲକ୍ଷ୍ୟ?**

● ଗୋଟିଏ ସିନେମା କରିବି, ତାହା ପ୍ୟାନ୍ ଇଣ୍ଡିଆରେ ରିଲିଜ୍ ହେବ ।



# ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ ଜିତିଲେ ଦୀପିକା

## ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ହକି ଖେଳାଳି




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ଯୁବ ଫରୱାର୍ଡ ଦୀପିକା ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ହକି ଖେଳାଳି ଭାବେ ସମ୍ମାନଜନକ 'ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍' ଆୱାର୍ଡ ଜିତିଛନ୍ତି। ଶେଷ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଦୀପିକା ଚମତ୍କାର ଭାବେ ବଲ୍‌କୁ ଡ୍ରିବଲିଂ କରି ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଏକାକୀ ଗୋଲ୍‌ସ୍କୋର କରିଥିଲେ। ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ୩୫ତମ ମିନିଟ୍‌ରେ ୨୧ ବର୍ଷୀୟା ଦୀପିକା ବାମ ପାର୍ଶ୍ୱରୁ ଏକାକୀ ବଲ୍‌କୁ ଧରି ଅଗ୍ରସର ହୋଇଥିଲେ। ସେ ଏଭଳି ଚମତ୍କାର ଡ୍ରିବଲିଂ କୌଶଳ ପ୍ରଦର୍ଶିତ କରିଥିଲେ ଯେ ଏକାଧିକ ନେଦରଲାଣ୍ଡସ ଡିଫେଣ୍ଡର ଓ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ବଲ୍‌କୁ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ପରେ ସୁଟ୍‌ଆଉଟ୍‌ରେ ଭାରତ ମ୍ୟାଚକୁ ବାଜିମାତ୍ କରିନେଇଥିଲା।

ଉକ୍ତ ଦର୍ଶନୀୟ ଗୋଲ୍ ପାଇଁ ଦୀପିକାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକ ଭାଗନେଇ ଦୀପିକାଙ୍କ ଗୋଲ୍‌କୁ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତ ଭାବେ ବିବେଚିତ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୬ଜଣ ଖେଳାଳି ରହିଥିଲେ। ପୁରୁଷ ବିଭାଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଏହି ପୁରସ୍କାର ଜିତିଛନ୍ତି। ଉଲ୍ଲେଖଯୋଗ୍ୟ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ 'ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ' ଲିଗ୍‌ର ସବୁଠାରୁ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତକୁ ପ୍ରଦାନ କରାଯାଇଥାଏ। ପଲିଗ୍ରାସ ହକି ଟର୍ଫ ପ୍ରସ୍ତୁତ କରିଥାଏ। ଏହା ବିଶ୍ୱର ସର୍ବଶ୍ରେଷ୍ଠ ହକି ଟର୍ଫ ପ୍ରସ୍ତୁତ କରିବାରେ ଖ୍ୟାତି ଅର୍ଜନ କରିଛି। ଆଗାମୀ ୨୦୨୮ ଲସ୍‌ଆଞ୍ଜେଲ ଅଲିମ୍ପିକ୍ସର ହକିରେ ମଧ୍ୟ ପଲିଗ୍ରାସ ଟର୍ଫ ବ୍ୟବହୃତ ହେବ।

# ଆରମ୍ଭ ହେଲା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଭୁବନେଶ୍ୱର, ୧୬।୭ (ସମିସ): ଜର୍ମାନୀର ଡୁଇସବର୍ଗ ସହରରେ ବୁଧବାର ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫଆଇଏସ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୨୭ରେ ଉଦ୍‌ଯାପିତ ହେବ। ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ଅସି ଚାଳିକା ଜଗମିତ୍ କୌର (ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ) ଓ ଅଭୟ ସିନ୍ଧେ (ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟ) ଭାରତୀୟ ପ୍ରତିନିଧି ଦଳର ପତାକା ବାହକ ରହିଥିଲେ। ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୩୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଭାରତୀୟ ଦଳର ଉପମୁଖ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କ ସହ ଜୁଲାଇ ୧୪ରେ ଜର୍ମାନୀ ଗସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି କିଟ୍ ନୋଡାଲ୍ ବିଶ୍ୱବିଦ୍ୟାଳୟ ରହିଥିଲା। ଏଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବଲ୍ ଟେନିସ, ଆଥ୍‌ଲେଟ୍, ମହିଳା ଭଲିବଲ୍ ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଭାରତ-ଇଂଲଣ୍ଡ ପ୍ରଥମ ୟୁଥ୍ ଟେଷ୍ଟ ଡ୍ର

ବେକେନହାମ୍, ୧୬।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ଡ୍ର' ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୟୁଥ୍ ଦଳ ଅନ୍ତିମ ତଥା ୪ର୍ଥ ଦିବସରେ ଅଧିନାୟକ ହାମଜା ଶେଖ୍‌ଙ୍କ ଶତକୀୟ ପାଳି ସତ୍ତ୍ୱେ ୬୩ ଓଭରରେ ୭ ୱିକେଟ୍ ହରାଇ ୨୭୦ ରନ କରିପାରିଥିଲା। ଭାରତୀୟ ବୋଲର ମଧ୍ୟ ଆଉ ୩ଟି ୱିକେଟ୍ ନେଇ ମ୍ୟାଚକୁ ଜିତିବାକୁ ଶତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଭାରତ ଏହି ମ୍ୟାଚର ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଥିଲା। ନିଜେ ଅଧିନାୟକ ଆୟୁଷ ମହାତ୍ରେ ୧୦୨ ରନର ପାଳି ଖେଳିଥିଲେ। ଜବାବରେ ଇଂଲଣ୍ଡ ୪୩୯ ରନରେ ପ୍ରଥମ ପାଳି ସୀମିତ ରହିଥିଲା। ୯୯ ରନରେ ଅଗ୍ରଣୀ ରହିଥିବା ଭାରତ ଏହାପରେ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୭୦ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସିରିଜର ଅନ୍ତିମ ତଥା ୨ୟ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ।

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

# ଶୀର୍ଷକୁ ଫେରିଲେ ରୁଟ୍

ଦୁବାଇ, ୧୬।୭ (ଏଜେନ୍ସି):



ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି। ରୁଟ୍ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଗୋଟିଏ ପାହାଚ ଲମ୍ଫ ପ୍ରଦାନ କରି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଭାରତ ବିପକ୍ଷ ୩ୟ ଟେଷ୍ଟର ଉଭୟ ପାଳିରେ ରୁଟ୍ ଯଥାକ୍ରମେ ୧୦୪ ଓ ୪୦ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ୍ୟ ୩ୟରୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ବ୍ରୁକ୍ ଶୀର୍ଷ ସ୍ଥାନ ହରାଇବା ସହ ୩ୟକୁ ଖସିଯାଇଛନ୍ତି।

୩୪ ବର୍ଷୀୟ ରୁଟ୍ ତାଙ୍କ କ୍ୟାରିୟରରେ ୮ମ ଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ବୟୋଜ୍ୟେଷ୍ଠ ଖେଳାଳି ଭାବେ କୁମାର ସାଙ୍ଗାକାରା ୨୦୧୪ରେ ୩୭ ବର୍ଷ ବୟସରେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଅପରପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩ୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହାଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନ ଲାଭ କରିଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କ ଗୋଟିଏ ପାହାଚ ଉନ୍ନତି ଘଟିଛି। ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଟପ୍-୧୦ରେ ଆଉ ଦୁଇ ଭାରତୀୟ ଭାବେ ଋଷଭ ପନ୍ତ ୮ମ ଓ ଶୁବମନ ଗିଲ୍ ୯ମ ସ୍ଥାନରେ ରହିଛନ୍ତି। ପନ୍ତ ଗୋଟିଏ ସ୍ଥାନ ଓ ଗିଲ୍ ୩ଟି ସ୍ଥାନ ହରାଇଛନ୍ତି। ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ୧୨ରୁ ୬ଷ୍ଠ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ବୋଲାଣ୍ଡଙ୍କ ସହ ୫ଜଣ ଅଷ୍ଟ୍ରେଲୀୟ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହାଜଲେଉଡ୍ (୪ର୍ଥ), ନାଥନ ଲାୟନ (୮ମ) ଓ ମିଚେଲ ଷ୍ଟାର୍କ (୧୦ମ)।

## ଇଂଲଣ୍ଡ ଦଳକୁ ଜରିମାନା

ଲର୍ଡ୍ସ, ୧୬।୭ (ଏଜେନ୍ସି): ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୩ୟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ରୋମାଞ୍ଚଭ ଭାବେ ୨୨ ରନରେ ବିଜୟୀ ହୋଇଥିଲା। ତେବେ ଏହି ମ୍ୟାଚରେ ଧୀମା ବୋଲିଂ କରିଥିବାରୁ ଘରୋଇ ଇଂଲଣ୍ଡ ଦଳ ଉପରେ ଆଇସିସି ଜରିମାନା ଲଗାଇଛି। ଧାର୍ଯ୍ୟ ସମୟରେ ଇଂଲଣ୍ଡ ଦଳ ୨ ଓଭର କମ୍ ବୋଲିଂ କରିଥିଲା। ଫଳରେ ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟରୁ ଇଂଲଣ୍ଡର ୨ ପଏଣ୍ଟ କାଟିଦିଆଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି'ର ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ଦଣ୍ଡକୁ ସ୍ୱୀକାର କରିଛନ୍ତି। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ।

## ସାହାଣୀ କପ୍ ଉଦ୍‌ଘାଟିତ

# ଅସୀମଙ୍କ ଦୁଇଟି ଗୋଲ୍; ଭୁବନେଶ୍ୱର ବିଜୟୀ


କେନ୍ଦୁଝର ଜୋନ୍

କଟକ,୧୬।୭ (ସମିସ): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଏବଂ ବୌଦ୍ଧ ଜୋନ୍‌ରେ ଏକ ସଙ୍ଗରେ ମ୍ୟାଚ୍ ଖେଳାଯାଉଛି। ପ୍ରତ୍ୟେକ ଜୋନ୍‌ରେ ଆଜି ୨ଟି ଲେଖାଏ ମ୍ୟାଚ୍ ଆୟୋଜନ ହୋଇଥିଲା।

ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସମ୍ବଲପୁର ୩-୦ ଗୋଲରେ କନ୍ଧମାଳକୁ ହରାଇଛି। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ନୂଆପଡାକୁ ହରାଇଥିଲା। ବୌଦ୍ଧ ତରଫରୁ ସମୀର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡା ୨-୧ ଗୋଲରେ ଜଗତସିଂହପୁରକୁ ଓ ଭଦ୍ରକ ୨-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ସେହିଭଳି କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ କେନ୍ଦୁଝର ବିଜୟୀ ହୋଇଥିଲେ। ଷ୍ଟିଲ ପ୍ଲାଣ୍ଟ ଦଳ ୪-୧ ଗୋଲରେ ଯାଜପୁରକୁ ଓ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ଭୁବନେଶ୍ୱରର ଅସୀମ ଡୁଙ୍ଗଡୁଙ୍ଗ ୨ଟି ଗୋଲ୍ ଦେଇଥିଲେ। ଏଠାରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। କେନ୍ଦୁଝର ଜୋନ୍‌ରେ ଜିଲ୍ଲାପାଳ ବିଶାଲ ସିଂହ, ଏସପି ନୀତିନ କୁଶଲ କର, ସାହାଣୀ କପ୍ ଆବାହକ ଗଣେଶ୍ୱର ମହାତୋ, କେନ୍ଦ୍ରାପଡ଼ା ଜୋନରେ ବିଧାୟକ ପ୍ରତାପ କେଶରୀ ଦେବ, ଅତିରିକ୍ତ ଏସପି ଦେବାଶିଷ ଧଳ, ଫାଓ ଉପସଭାପତି ବିଜୟ ଦାସ, ବ୍ରହ୍ମପୁର ଜୋନରେ ଏସ୍‌ପି ସୁବର୍ଣ୍ଣା ବିବେକ, ଫାଓ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ସଦସ୍ୟ ନବକିଶୋର ମିଶ୍ର, ବୌଦ୍ଧ ଜୋନରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ସେପ୍ଟେମ୍ବରରେ ଭାରତ ଆସିବେ ବୋଲ୍ଟ




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ବିଶ୍ୱର ମହାନ ସ୍ପ୍ରିଣ୍ଟର ତଥା ଧାବକ ଉସେନ ବୋଲ୍ଟ ଆସନ୍ତା ସେପ୍ଟେମ୍ବର ୨୬ରେ ଭାରତ ଗସ୍ତରେ ଆସିବେ। ୮ଥରର ଅଲିମ୍ପିକ ଚାମ୍ପିଅନ ବୋଲ୍ଟ ଏହି ୩ ଦିନିଆ ଗସ୍ତରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି ପ୍ରମୋସନାଲ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ବୋଲ୍ଟଙ୍କ ଏହା ଦ୍ୱିତୀୟ ଭାରତ ଗସ୍ତ ହେବ। ଏଥିପୂର୍ବରୁ ୧୧ ବର୍ଷ ତଳେ ୨୦୧୪ରେ ସେ ଭାରତ ଗସ୍ତରେ ଆସିଥିଲେ। ସେହି ସମୟରେ ସେ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ବୋଲ୍ଟ ମଧ୍ୟ ଭାରତୀୟ ଖେଳାଳିଙ୍କ ସହ ମଧ୍ୟ ୧୦୦ ମିଟର ରେସ୍‌ରେ ଅଂଶଗ୍ରହଣ କରିଥିଲେ।

# ଦୌଡ଼କୁଦରେ ୧୫ ନୂଆ ଜାତୀୟ ରେକର୍ଡ




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି):

ବର୍ଷ ୨୦୨୫ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଚଳିତ ବର୍ଷର ପ୍ରଥମ ୭ ମାସ ଅତିକ୍ରାନ୍ତ କରିବାକୁ ଥିବାବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ଏସୀୟ ଓ ବିଶ୍ୱସ୍ତରରେ ଉର୍ଜନେରୁ ଉର୍ଦ୍ଧ୍ୱ ୧୫ଟି ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ଏକ ସ୍ମରଣୀୟ ସଫଳତା ପାଇଛନ୍ତି। ଏଥିରେ ସ୍ପ୍ରିଣ୍ଟ ଇଭେଣ୍ଟ ସମେତ ଥ୍ରୋ ଓ ପୋଲ୍ ଉପରେ ଭାରତୀୟ ଆଥ୍‌ଲେଟ୍‌ମାନେ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ କରିଛନ୍ତି। ଏହି ବର୍ଷ ଭାରତୀୟ ଆଥ୍‌ଲେଟ୍‌ମାନେ ଦୌଡ଼କୁଦରେ ପ୍ରତିଷ୍ଠା କରିଥିବା ରେକର୍ଡ ଉପରେ ସଂକ୍ଷେପରେ ନଜର ପକାଇବା।

**ପୁରୁଷ ୮୦୦ ମିଟର:** ମେ ୯ରେ ଦୁବାଇରେ ଅନୁଷ୍ଠିତ ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଭାରତର ମହମ୍ମଦ ଅଫଜାଲ ୧ ମିନିଟ୍ ୪୫.୬୧ ସେକେଣ୍ଡରେ ୮୦୦ ମିଟରକୁ ଶେଷ କରି ନୂଆ ଜାତୀୟ ରେକର୍ଡ କରିଥିଲେ। ଏହାପରେ ଜୁଲାଇ ୫ରେ ପୋଲାଣ୍ଡରେ ଏକ ଇଭେଣ୍ଟରେ ଅଫଜାଲ୍ ୧ ମିନିଟ୍ ୪୪.୯୩ ସେକେଣ୍ଡରେ ଫିନିଶ କରି ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ।

**୧୦୦୦୦ ମିଟର:** ୨୯ ମାର୍ଚ୍ଚରେ ଗୁଲବୀର ସିଂହ ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ପୁରୁଣା (୨୭:୧୪.୮୮ ସେକେଣ୍ଡ) ରେକର୍ଡକୁ ପଛରେ ପକାଇଥିଲେ।

**୪ ଗୁଣା ୧୦୦ମି. ରିଲେ:** ଅନିମେଶ, ମଣିକାନ୍ତ, ଗୁରିନ୍ଦର ଓ ଅମ୍ଲାନଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସକୁ ୩୮.୬୯ ସେକେଣ୍ଡରେ ଫିନିଶ କରି ୧୫ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଥିଲେ।

**ନୀରଜ ଚୋପ୍ରା:** ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ମଧ୍ୟ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ଜାଭେଲିନ ଫିଙ୍ଗି ଦେଶ ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଦୋହା ଡାଏମଣ୍ଡ ଲିଗରେ ସେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିଥିଲେ।

**ପୁରୁଷ ପୋଲ୍ ଭଲ୍ଟ:** ଏପ୍ରିଲ ୨୨ରେ ଦେବ ମୀନା ପୁରୁଷ ପୋଲ୍ ଭଲ୍ଟରେ ୫.୩୫ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଥିଲେ। ଏଥିସହ ଦୁଇ ମାସ ପୂର୍ବରୁ ଜାତୀୟ କ୍ରୀଡ଼ାରେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡ (୫.୩୨ ମିଟର)କୁ ପଛରେ ପକାଇଥିଲେ।

**ଷ୍ଟିପଲେଚେଜ୍:** ମହିଳା ୩୦୦୦ ମିଟର ଷ୍ଟିପଲେଚେଜ୍‌ରେ ପାରୁଲ ଚୌଧୁରୀ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ କରିଛନ୍ତି। ପ୍ରଥମେ ୧୬ ମେ'ରେ ସେ ଏହି ଦୂରତାକୁ ୯ ମିନିଟ୍ ୧୩.୩୯ ସେକେଣ୍ଡରେ ଫିନିଶ କରି ଦୁଇ ବର୍ଷ ତଳେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ମେ ୩୦ରେ ଏସିଆନ ଚାମ୍ପିଅନସିପ୍‌ରେ ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡରେ ରେସ ଶେଷ କରି ପୁଣିଥରେ ନୂଆ ଜାତୀୟ ରେକର୍ଡ କରିଥିଲେ।

**ସ୍ମରଣୀୟ ୨୦୨୫**

### ଅନିମେଶ କୁଜୁରଙ୍କ ସଫଳତା

ଓଡ଼ିଶାର ଧାବକ ଅନିମେଶ କୁଜୁର ଉଭୟ ୧୦୦ ଓ ୨୦୦ ମିଟରରେ ନିଜର ଶ୍ରେଷ୍ଠତ୍ୱ ନିକଟରେ ପ୍ରଦର୍ଶିତ କରିଛନ୍ତି। ୧୦୦ ମିଟରରେ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମେ ୨୮ରେ ଗୁରିନ୍ଦର ସିଂହ ୧୦.୨୦ ସେକେଣ୍ଡ ସମୟ ନେଇ ମଣିକାନ୍ତ ହୋବ୍ଲିଦାର (୨୦୨୩ରେ ୧୦.୨୩ ସେକେଣ୍ଡ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ତେବେ ଜୁଲାଇ ୫ରେ ଗ୍ରୀସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଅନିମେଶ ୧୦.୧୮ ସେକେଣ୍ଡରେ ୧୦୦ ମିଟରକୁ ଫିନିଶ କରି ଗୁରିନ୍ଦରଙ୍କୁ ପଛରେ ପକାଇ ନୂଆ ଜାତୀୟ ରେକର୍ଡ କରିଥିଲେ। ଅପରପକ୍ଷରେ ପୁରୁଷ ୨୦୦ ମିଟରରେ ଅନିମେଶ ଦୁଇଥରର ନୂଆ ରେକର୍ଡ କରିଛନ୍ତି। ଏପ୍ରିଲ ୨୪ରେ ସେ ୨୦.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଫଳରେ ୨୦୨୨ରେ ଅମ୍ଲାନ ବୋରଗୋହେଁ (୨୦.୫୨ ସେକେଣ୍ଡ) ପ୍ରତିଷ୍ଠା କରିଥିବା ୨୦୦ ମିଟର ରେକର୍ଡକୁ ଅନିମେଶ ଭାଙ୍ଗିଥିଲେ। ଏହାର କିଛି ମାସ ପରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ରେକର୍ଡକୁ ପଛକରେ ପକାଇଥିଲେ।

## ■ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ

# ନ୍ୟୁଜିଲାଣ୍ଡର ବିଜୟ ଅଭିଯାନ

ହରାରେ, ୧୬।୭ (ଏଜେନ୍ସି): ଜିମ୍ବାୱେରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇଁ ନ୍ୟୁଜିଲାଣ୍ଡ ଖାତା ଖୋଲିଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ଜିମ୍ବାୱେକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସିରିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜୁଲାଇ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।


ରବିନସନ

ବୁଧବାର ଖେଳାଯାଇଥିବା ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଟିମ୍ ରବିନସନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୭୩ ରନ କରିଥିଲା। ରବିନସନ ୬ ଚୌକା ଓ ୩ ଛକା ସହ ୫୭ ବଲରୁ ୭୫ ରନ କରିଥିଲେ। ସେହିଭଳି ବେଭାନ ଜାକବ୍ସ ମଧ୍ୟ ୩୦ ବଲରେ ୪୪ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱିନା ମଫାକା ୨ଟି ୱିକେଟ ନେଇଥିଲେ। ଜବାବରେ ୬୨ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡେୱାଲ୍ଡ ବ୍ରେଭିସ ୩୫, ଜର୍ଜ ଲିଣ୍ଡେ ୩୦, ଲୁଆନ-ଡ୍ରି ପ୍ରିଟୋରିଅସ ୨୭, ରିଜା ହେଣ୍ଡ୍ରିକ୍ସ ୧୬ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମ୍ୟାଟ୍ ହେନରୀ ଓ ଜାକବ ଡଫୀ ୩ଟି ଲେଖାଏ ଏବଂ ଇଶ୍ ସୋଧୀ ୨ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS